


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-151 ♦BHUBANESWAR ♦SUNDAY ♦26 NOVEMBER 2023 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୫୧ ♦ଭୁବନେଶ୍ୱର ♦ରବିବାର ♦୨୬ ନଭେମ୍ବର ୨୦୨୩ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)






SAGARMALA
Ministry of Ports, Shipping & Waterways
Government of India
PM GatiShakti
National Master Plan for Multi-Modal Connectivity
G20
PARADIP PORT AUTHORITY
CELEBRATES
THE GLORIOUS JOURNEY OF
ODISHA'S
MARITIME HERITAGE
ON
BOITA BANDANA UTSAV
PORT DAY-2023
27th November 2023 (Monday) at 10 AM
Chief Guest
Smt. Droupadi Murmu
Hon'ble President of India
Guest of Honour
Shri Raghubar Das
Hon'ble Governor of Odisha
In august presence of
Shri Shripad Yesso Naik
Hon'ble Minister of State for Ports, Shipping and Waterways & Tourism, Govt. of India
Shri Bishweswar Tudu
Hon'ble Union Minister of State for Tribal Affairs and Jal Shakti
Shri Shantanu Thakur
Hon'ble Minister of State for Ports, Shipping and Waterways Govt. of India
Smt. Tukuni Sahu
Hon'ble Minister of Water Resources Commerce & Transport Govt. of Odisha
Dr. Rajashree Mallick
Hon'ble Member of Parliament Lok Sabha, Jagatsinghpur
Shri Sambit Routray
Hon'ble Member of Legislative Assembly, Paradip
Venue: Paradip Port, Paradip



ତେଲୁଗୁ ସିନେମାର ନାୟିକା ମାଲକାନଗିରି ଝିଅ ମୋନିକା

▶ପୃଷ୍ଠା ୭ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/thesakalanews

/TheSakala

www.thesakala.in

# ସକାଳ THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

♦VOLUME- 41 ♦ISSUE-151 ♦BHUBANESWAR ♦SUNDAY ♦26 NOVEMBER 2023 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୫୧ ♦ଭୁବନେଶ୍ୱର ♦ରବିବାର ♦୨୬ ନଭେମ୍ବର ୨୦୨୩ ♦ପୃଷ୍ଠା-୨୦ ♦ଟ.୬.୦୦ (ସିନ୍ଦୂରା ସହ)


ଘରେ ଘରେ ଖୁସି ଓ ଆନନ୍ଦ

# ରାୟଗଡ଼ାରେ ଗଡ଼ିଲା 'ଲକ୍ଷ୍ମୀ'





- ଜିଲ୍ଲାର ୧୮୨ଟି ପଞ୍ଚାୟତକୁ ବ୍ଲକ ସହ ଯୋଡ଼ିବ ୫୨ ଲକ୍ଷ୍ମୀ ବସ୍
- ବସ୍ ରହଣି ନିମନ୍ତେ ଜିଲ୍ଲାରେ ସ୍ଥାପନ ହୋଇଛି ୩୦୦ ବସ୍ ଷ୍ଟପେଜ୍
- ସିଏମ୍‌ସିର ଜିଲ୍ଲା ଗସ୍ତ ପରେ ଲକ୍ଷ୍ମୀ ଯୋଜନାର ପରିକଳ୍ପନା ହୋଇଥିଲା
- ମୁଖ୍ୟମନ୍ତ୍ରୀଙ୍କ ପାଇଁ ଲୋକଙ୍କ ମତାମତ ସବୁଠୁ ଗୁରୁତ୍ୱପୂର୍ଣ୍ଣ: '୫-ଟି' ଅଧ୍ୟକ୍ଷ

"ଉତ୍ତମ ଯୋଗାଯୋଗ ହିଁ ବିକାଶର ଇଞ୍ଜିନ୍। ଗ୍ରାମାଞ୍ଚଳ ପରିବହନ ସହ ଗାଁର ଆର୍ଥିକ ବିକାଶ ସୁନିଶ୍ଚିତ କରିବ 'ଲକ୍ଷ୍ମୀ'।

-ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୧୧ (ସମିସ):** ଧର୍ମମାସ କାର୍ତ୍ତିକରେ ରାୟଗଡ଼ା ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପହାର ଦେଇଛନ୍ତି ସୁନିଶ୍ଚିତ ସମୃଦ୍ଧିର ପ୍ରତୀକ 'ଲକ୍ଷ୍ମୀ'। ସାଧାରଣ ଲୋକଙ୍କ ପାଇଁ ଉତ୍ତମ ପରିବହନ ବ୍ୟବସ୍ଥାସହ ସେମାନଙ୍କ ଆର୍ଥିକ ଓ ସାମାଜିକ ରୂପାନ୍ତରଣକୁ ସୁନିଶ୍ଚିତ କରିବା ନିମନ୍ତେ ଜିଲ୍ଲାରେ ଆରମ୍ଭ ହୋଇଛି 'ଲକ୍ଷ୍ମୀ' ବସ୍ ସେବା। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍ ସେବାକୁ ରାୟଗଡ଼ା ଜିଲ୍ଲାରେ ଶୁଭାରମ୍ଭ କରିଛନ୍ତି।

କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଲକ୍ଷ୍ମୀ' ହେଉଛନ୍ତି ସମୃଦ୍ଧିର ପ୍ରତୀକ। ସେହି ଲକ୍ଷ୍ମୀ ଏବେ ରାଜ୍ୟର ପ୍ରତି ଘରେ ପହଞ୍ଚିବେ। ଘରେ ଘରେ ଖୁସି ଓ ଆନନ୍ଦ ଆଣିବେ ଲକ୍ଷ୍ମୀ। ଏହା ଗ୍ରାମାଞ୍ଚଳର ପରିବହନ ସହ ସାମାଜିକ ରୂପାନ୍ତର ସୁନିଶ୍ଚିତ କରିବ ଏବଂ ଗାଁ ଲୋକଙ୍କ ଜୀବନରେ ଗତି ଓ ପ୍ରଗତି ଆଣିବ। ମୋ ପାଇଁ ଲୋକଙ୍କ ମତାମତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଲୋକଙ୍କ ମତ ଆଧାରରେ ହିଁ ଆମ ସରକାର ଜନକଲ୍ୟାଣମୂଳକ ଯୋଜନା, କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ଗସ୍ତ ସମୟରେ ଗମନାଗମନ ସମ୍ପର୍କରେ ଲୋକେ ଯେଉଁ ସବୁ ମତାମତ ଦେଇଥିଲେ ସେଥିରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ମୁଁ ଜାଣିଲି। ଆଉ ଲୋକଙ୍କ ମତ ଆଧାରରେ ହିଁ ଲକ୍ଷ୍ମୀ ଯୋଜନାର ପରିକଳ୍ପନା କରାଯାଇଥିଲା। ଲକ୍ଷ୍ମୀ ବସ୍ ଗାଁକୁ ସହର ସହିତ ଯୋଡ଼ିବ। ଆମର ସାମାଜିକ ସମ୍ପର୍କ ସୁଦୃଢ଼ ହେବ, ଗ୍ରାମାଞ୍ଚଳର ଅର୍ଥନୀତି ଆଗକୁ ବଢ଼ିବ। ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ହିଁ ବିକାଶର ଇଞ୍ଜିନ୍। ଲକ୍ଷ୍ମୀ ବସ୍ ପିଲାମାନଙ୍କୁ ସ୍କୁଲ, କଲେଜ ସହିତ, ଚାଷୀଙ୍କୁ ବଜାର ସହିତ, ରୋଗୀଙ୍କୁ ଡାକ୍ତରଖାନା ନେବା ଆଣିବାରେ ପ୍ରମୁଖ ମାଧ୍ୟମ ସାଜିବ। ମା' ମାନଙ୍କର ବିଭିନ୍ନ କାମ ପାଇଁ ଲକ୍ଷ୍ମୀ ବସ୍ ହେବ ସର୍ବୋତ୍ତମ ସାରଥୀ। ରାୟଗଡ଼ା ଜିଲ୍ଲାରେ ୫୨ଟି ଲକ୍ଷ୍ମୀ ବସ୍ ଗଡ଼ିବ। ଜିଲ୍ଲାର ସମସ୍ତ ୧୮୨ଟି ପଞ୍ଚାୟତକୁ ବ୍ଲକ ସହିତ ଯୋଡ଼ିବ। ଏଥିପାଇଁ ୩୦୦ଟି ବସ୍ ଷ୍ଟପେଜ୍ ନିର୍ମାଣ କରାଯାଇଛି। ଏହି ଅବସରରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାୟଗଡ଼ା ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ୯୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୨୬୦୦ରୁ ଅଧିକ ପ୍ରକଳ୍ପ କରାଯାଉଛି। ଗାଁ ଗାଁରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ଡିଜିଟାଲ ଭିତ୍ତିଭୂମିର ଉନ୍ନତିକରଣ କରାଯାଉଛି। ସବୁ ପଞ୍ଚାୟତରେ ରୂପାନ୍ତର ଆଣି ସାରା ଓଡ଼ିଶାର ରୂପାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରାୟଗଡ଼ାରେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରି ଘରେ ଘରେ ଲକ୍ଷ୍ମୀ ପହଞ୍ଚାଇଛନ୍ତି। ଆଜି ଓଡ଼ିଶାର ନାରୀମାନେ ସବୁ କ୍ଷେତ୍ରରେ ଆଗରେ ରହୁଛନ୍ତି। ଘରୁ ବିଭିନ୍ନ କାମରେ ବାହାରକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଆଜି ଓଡ଼ିଶାରେ ନାରୀ ସଶକ୍ତିକରଣ ହୋଇପାରିଛି ବୋଲି ଶ୍ରୀମତୀ ସାହୁ କହିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ▶ପୃଷ୍ଠା-୭

ଉତ୍ତରକାଶୀ ଟନେଲ୍‌ରେ ଫଶିଥିବା ଓଡ଼ିଆ ଶ୍ରମିକଙ୍କ ପରିବାରବର୍ଗଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ଆଶ୍ୱାସନା

# ସୁରକ୍ଷିତ ଉଦ୍ଧାର ଆଶା ଉଜ୍ଜ୍ୱଳ



**ଭୁବନେଶ୍ୱର, ୨୫।୧୧ (ସମିସ):** ଉତ୍ତରାଖଣ୍ଡ ଉତ୍ତରକାଶୀ ଟନେଲ ମଧ୍ୟରେ ଫସି ରହିଥିବା ୫ ଓଡ଼ିଆ ଶ୍ରମିକଙ୍କ ପରିବାରବର୍ଗଙ୍କୁ ଦୁର୍ଘଟଣାସ୍ଥଳକୁ ପଠାଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ସହ ଶ୍ରମିକଙ୍କ ପରିବାର ସଦସ୍ୟ ବିମାନଯୋଗେ ଉତ୍ତରକାଶୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହା ପୂର୍ବରୁ ଶ୍ରମିକଙ୍କ ପରିବାର ସଦସ୍ୟମାନେ ନବୀନ ନିବାସରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ପାଣ୍ଡିଆନ ଶ୍ରମିକଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଶ୍ରମିକଙ୍କ ଉଦ୍ଧାର ସମ୍ପର୍କରେ ନିୟମିତ ଖବର ରଖୁଛନ୍ତି ଏବଂ ସମସ୍ତେ ସୁରକ୍ଷିତ ଭାବରେ ଫେରିବେ ବୋଲି ଆଶ୍ୱାସନା ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧିକାରୀ ଓ ସ୍ୱତନ୍ତ୍ର ଟିମ୍ ଓଡ଼ିଶାରୁ ଘଟଣାସ୍ଥଳକୁ ଯାଇଛନ୍ତି। ଉଦ୍ଧାରକାରୀ ଦଳ ସହ ଓଡ଼ିଶା ସରକାର ନିୟମିତ ଯୋଗଯୋଗରେ ରହିଛନ୍ତି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ଏବଂ

**ଶ୍ରମିକମାନଙ୍କ ଉଦ୍ଧାରକୁ ନେଇ ନିୟମିତ ଖବର ରଖୁଛନ୍ତି ମୁଖ୍ୟମନ୍ତ୍ରୀ**

**ଶ୍ରମିକଙ୍କ ପରିବାର ସଦସ୍ୟଙ୍କ ସହ ଉତ୍ତରକାଶୀ ଗଲେ ଶ୍ରମମନ୍ତ୍ରୀ**

ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ଶୁଭ ଖବର ଆପଣମାନଙ୍କୁ ମିଳିବ। ସେଠାରେ ଆମର ସବୁ ଶ୍ରମିକ ସୁରକ୍ଷିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରମିକମାନଙ୍କ ନିରାପତ୍ତା ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ନିୟମିତ ଖବର ନେଉଛନ୍ତି ବୋଲି ସେ ପରିବାର ସଦସ୍ୟମାନଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଦୀର୍ଘ ୧୩ ଦିନ ଧରି ଉତ୍ତରକାଶୀର ଏକ ▶ପୃଷ୍ଠା-୭

## ବିଶ୍ୱବିଦ୍ୟାଳୟ 'ମ୍ୟୁଜିକ୍ ଫେଷ୍ଟ'ରେ ଦଳାଚକଟା

## ୪ ମୃତ; ୬୫ ଆହତ



**କୋଚି, ୨୫।୧୧ (ଏଜେନ୍ସି):** କେରଳରେ କୋଚିନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ସିୟୁଏସ୍‌ଏଟି) ପରିସରରେ ଶନିବାର ସନ୍ଧ୍ୟାରେ 'ମ୍ୟୁଜିକ୍ ଫେଷ୍ଟ' ଚାଲିଥିବା ବେଳେ ଦଳାଚକଟାରେ ୨ ଛାତ୍ର ଏବଂ ୨ ଛାତ୍ରୀ ପ୍ରାଣ ହରାଇଛନ୍ତି। ଆହତ ୬୫ ଜଣଙ୍କୁ କାଲାମାସେରିର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଗୁରୁତର ୩ ଜଣ ଭେଣ୍ଟିଲେଟରରେ ଅଛନ୍ତି। 'ଓପନ ଏୟାର ଷ୍ଟାଡିୟମ'ରେ ଚାଲିଥିବା ଏହି ସଂଗୀତ କାର୍ଯ୍ୟକ୍ରମରେ ନିକିତା ଗାନ୍ଧୀଙ୍କ ଗୀତ ଆରମ୍ଭ ପରେ ଭିଡ଼ ବଢ଼ିଥିଲା। ଏହି ସମୟରେ ଅଚାନକ ବର୍ଷା ହେବାରୁ ଲୋକେ ଅଡିଟୋରିୟମକୁ ପହଞ୍ଚି ଯାଇଥିଲେ। ସେଠାରେ ଅଧିକ ଲୋକ ପଶିଯିବାରୁ ଦଳାଚକଟା ହୋଇଥିଲା।

## ଲୋକକଥା



ସାପ ଧରି ବାପ ଛୁଆକୁ ମାରିଲା
ମା'କୁ ବି ଛାଡ଼ିନାହିଁ
ଏଭଳି ଦୁର୍ବୁଦ୍ଧି ତା' ମୁଣ୍ଡରେ ହାଏ
କିଏ ବା ଦେଲା ପୂରେଇ !
ବାପପଣ ପୋଡ଼ିଦେଇ
ଘାତକ ସାଜିଲା କେତେ ପାପକଲା
କେମିତି ସହୁଛି ବିହି !!

ବର୍ବର ପ୍ରେମିକ

# ପ୍ରେମିକାକୁ ୩୧ ଖଣ୍ଡ

**ରାଇଘର, ୨୫।୧୧ (ସମିସ):** ବିବାହ ପାଇଁ ଜିଦ୍ କରିବାରୁ ପତ୍ନୀ ସହ ମିଶି ପ୍ରେମିକାକୁ ୩୧ ଖଣ୍ଡ ହାଣି ପୋତି ଦେଇଥିଲା ପ୍ରେମିକ। ଏଭଳି ଏକ ବୀଭତ୍ସ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ ଗୋନା ପଞ୍ଚାୟତର ମୁରୁମଡିହ ଗ୍ରାମରେ। ଶନିବାର କିଛି ଗ୍ରାମବାସୀ ସ୍ଥାନୀୟ ମୁରମଡ଼ିହି ଜଙ୍ଗଲରେ ମାଟି ତଳୁ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର କରିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଛି। ଗତ ଗୁରୁବାର ଏହି ଆପରାଧିକ ଘଟଣା ଘଟିଥିବା କୁହାଯାଉଛି। ରାଇଘର ଥାନା ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବତୀ ହେଲେ, ରାଇଘର ପଞ୍ଚାୟତ ଅନ୍ତର୍ଗତ ବାଗବେଡ଼ା ଗ୍ରାମର ତିଲାବାଈ। ଏହି ଘଟଣାରେ ପୁଲିସ ଏକ ଦମ୍ପତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ



**ବିବାହ ପାଇଁ ଜିଦ୍ ଧରିବାରୁ ହତ୍ୟା**

**ମାଟି ତଳୁ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର**

ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ମୃତ ଶରୀରକୁ ପ୍ରେମିକ ଘର ସମ୍ମୁଖରେ ପୋତିବାକୁ ଜିଦ୍ ଧରିଛନ୍ତି। ଏହି ଘଟଣା ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁସାରେ, ଗୋନା ପଞ୍ଚାୟତର ମୁରୁମଡିହି ଗ୍ରାମର ଚନ୍ଦ୍ର ରାଉତଙ୍କ ସହ ତିଲାବାଈଙ୍କ ପ୍ରେମ ସମ୍ପର୍କ ରହିଥିଲା। ▶ପୃଷ୍ଠା-୭

ଅଶୁଭ ଶନିବାର

# ଦୁର୍ଘଟଣାରେ ଗଲା ୯ ଜୀବନ

## ଘାଟିରୁ ଟିପର୍ ଖସି ୬ ଶ୍ରମିକ ମୃତ

**ଚିତ୍ରକୋଣ୍ଡା, ୨୫।୧୧ (ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡ଼ା ଘାଟିରେ ଟିପର୍ ଓଲଟି ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ସୁନାଧର ଭତରା, ପୂର୍ଣ୍ଣ ଭତରା, ଜୀବର୍ଦ୍ଧନ ଭତରା, ଫୁଲସିଂ ଭତରା, ସୁନାଧର ଭତରା, ଦୁର୍ଯ୍ୟୋଧନ ଭତରା। ସମସ୍ତଙ୍କ ଘର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମତିଗାଁ ଗ୍ରାମରେ ବୋଲି ଜଣାଯାଇଛି। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୭ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଚିତ୍ରକୋଣ୍ଡାରେ ୩ଜଣ ଚିକିତ୍ସିତ ହେଉଥିବା ବେଳେ ମାଲକାନଗିରି ଜିଲ୍ଲା ସଦର ▶ପୃଷ୍ଠା-୭



**ଗୁରୁତର ୭ ଶ୍ରମିକ ଡାକ୍ତରଖାନାରେ ଭର୍ତ୍ତି**


**ମୁଖ୍ୟମନ୍ତ୍ରୀଙ୍କ ଶୋକ: ମୃତକଙ୍କ ପରିବାରକୁ ୩ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା**

## ବାଇକ୍‌କୁ ପିଟିଲା କାର୍; ୩ ମୃତ

**ନୟାଗଡ଼/ଦଶପଲ୍ଲା, ୨୫।୧୧ (ସମିସ):** ନୟାଗଡ଼ ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ସୁବଳୟା ଛକରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ଦଶପଲ୍ଲା ଏନ୍‌ଏସି ଖଣ୍ଡପଡ଼ାର ସିଦ୍ଧୁ ଖାଁ, ଦୀପକ ମେଦିନିରା ଏବଂ ଗୋକୁଳ ନାୟକ। ୩ଜଣଯାକ ଆଜି ଅପରାହ୍ଣ ପ୍ରାୟ ୩ଟାରେ ଏକ ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ▶ପୃଷ୍ଠା-୭


TPCODL | TPNODL | TPSODL | TPWODL

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)




ଶୁଟ୍ କରନ୍ତୁ, ଶେୟାର୍ କରନ୍ତୁ ଏବଂ ଜିତନ୍ତୁ!

ନଗଦ ପୁରସ୍କାର ମୋଟ ₹୧,୮୦,୦୦୦*

ଟାଟା ପାୱାର୍ ଓଡ଼ିଶା ୨୦୨୪ କ୍ୟାଲେଣ୍ଡରରେ ଆପଣଙ୍କ ନାମ ସହିତ ସ୍ଥାନ ପାଆନ୍ତୁ।

ଶେଷ ତାରିଖ ୩୦ ନଭେମ୍ବର, ୨୦୨୩

ବିସ୍ତୃତ ବିବରଣୀ ପାଇଁ ସ୍କାନ୍ କରନ୍ତୁ

ସ୍ୱୀକାରୋକ୍ତି: ଟାଟା ପାୱାର୍ ଏହାର ସୂକ୍ଷ୍ମ ବିବେଚନା ଅନୁଯାୟୀ ଦାଖଲ କରାଯାଇଥିବା ଏଣ୍ଟ୍ରି ଗୁଡ଼ିକୁ ବ୍ୟବହାର କରିବାର ଅଧିକାର ସୁରକ୍ଷିତ ରଖିଛି । ଫଟୋ ଗୁଡ଼ିକ ନିଶ୍ଚିତ ଭାବରେ ମୂଳ, ଅପ୍ରକାଶିତ କାର୍ଯ୍ୟ ହୋଇଥିବା ଆବଶ୍ୟକ ଯେଉଁଥିରେ କୌଣସି ତୃତୀୟ ପକ୍ଷ କିମ୍ବା ସଂସ୍ଥାର ବିଷୟବସ୍ତୁ, ସାମଗ୍ରୀ କିମ୍ବା ଉପାଦାନ ବ୍ୟବହାର କରାଯାଇନଥିବ କିମ୍ବା ଯାହା ଏକ ତୃତୀୟ ପକ୍ଷର ପ୍ରଚାର ଗୋପନୀୟତା କିମ୍ବା ବୌଦ୍ଧିକ ସମ୍ପତ୍ତି ଅଧିକାରକୁ ଉଲ୍ଲଂଘନ କରୁନଥିବ । ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ ।

## ଜେନାପୁର ଥାନା

# କର୍ମଚାରୀ ଅଭାବ; ଲୋକଙ୍କୁ ମିଳୁନି ଉତ୍ତମ ସେବା

**କବାଟବନ୍ଧ, ୨୫ ।୧୧ (ସମିସ)**

ଯାଜପୁର ଜିଲ୍ଲାର ଜେନାପୁର ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଫଳରେ ଧର୍ମଶାଳା ବ୍ଲକର ୧୧ ଓ ୧୨ ନମ୍ବର ଜୋନ୍‌ର ୧୮ଟି ପଞ୍ଚାୟତକୁ ସେବା ଯୋଗାଇ ଦେବାରେ ସମସ୍ୟା ହେଉଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଏକକାଳୀନ ଦୁଇ ତିନୋଟି ମାମଲା ପଡ଼ିଗଲେ କର୍ମଚାରୀ ଅଭାବରୁ ସମସ୍ୟା ସୃଷ୍ଟି ହେଉଛି। ଯଦ୍ୱାରା ଲୋକେ ଉତ୍ତମ ପୁଲିସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



୨୦୦୯ରେ ଥାନା ମାନ୍ୟତା ପାଇଥିବା ଜେନାପୁର ଥାନା ଅଧୀନରେ ଥିବା ଅଞ୍ଚଳର ଲୋକ ସଂଖ୍ୟା ପ୍ରାୟ ୧ ଲକ୍ଷ ୩୦ ହଜାର ରହିଛି। ଏ ଅଞ୍ଚଳର ଆଇନଶୃଙ୍ଖଳା ରକ୍ଷା ପାଇଁ ଜେନାପୁର ଥାନା ପ୍ରତିଷ୍ଠା କରାଯାଇଛି। ତେବେ ଏହି ଥାନା ଜଣେ ଇନ୍ସପେକ୍ଟର, ଜଣ ସବଇନ୍ସପେକ୍ଟର, ୪ ଜଣ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର, ୧୨ ଜଣ କନେଷ୍ଟବଳ ଓ ୧୩ ଜଣ ହୋମଗାର୍ଡଙ୍କୁ ନେଇ କାର୍ଯ୍ୟ କରୁଛି। ଯାହାକି ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ଅଟେ। ଏଠାରେ କୌଣସି ମହିଳା ସବଇନ୍ସପେକ୍ଟର ନ ଥିବାବେଳେ ମହିଳାଙ୍କ ମାମଲାର କାଉନସେଲିଂ ପାଇଁ ଅନ୍ୟ ଥାନାକୁ ଯିବାକୁ ପଡୁଛି। ଏହି ଥାନା ଅଧୀନରେ ୫୩ ନମ୍ବର ଜାତୀୟ ରାଜପଥ ଯାଇଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ, ଲଘୁ ଖଣିଜ ସମ୍ପଦର ସୁରକ୍ଷା, କ୍ରସର ଶିଳ୍ପ, ଯାନବାହନ ଚେକିଂ ଭଳି ବହୁଗୁଡିଏ କାମ ପାଇଁ ଏତେ କମ୍ ସଂଖ୍ୟକ କର୍ମଚାରୀରେ କରିବା ସହଜ ହେଉ ନ ଥିବା ଜଣାପଡ଼ିଛି। ଏଥିସହିତ ଗାଁ ଗହଳିର ଲୋକେ ଗଣ୍ଡଗୋଳ ଓ ବିଭିନ୍ନ ପ୍ରକାର ସମସ୍ୟା ନେଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଇଥା'ନ୍ତି। ଫଳରେ ଲୋକଙ୍କୁ ଉଚିତ ସେବା ଦେବାରୁ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଜିଲ୍ଲାରେ ହେଉଥିବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ଥାନାରୁ କର୍ମଚାରୀ ଯାଇ ଡ୍ୟୁଟି କରୁଛନ୍ତି। ତୁରନ୍ତ ଏସ୍‌ପି ଏହି ଥାନାକୁ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଦଶାଶ୍ୱମେଧ ଘାଟରେ ସାହାରା ମୁଖ୍ୟଙ୍କୁ ତିଳତର୍ପଣ



**ଯାଜପୁରଟାଉନ, ୨୫ ।୧୧ (ସମିସ):** ପୁଣ୍ୟତୋୟା ବୈତରଣୀ ତଟଦେଶରେ ଅବସ୍ଥିତ ଦଶାଶ୍ୱମେଧ ଘାଟରେ ସାହାରା କମ୍ପାନୀର ମୁଖ୍ୟ ସୁବ୍ରତ ରାୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଓଡ଼ିଶା ଫ୍ରାଞ୍ଚାଇଜ୍ ପ୍ରବନ୍ଧକଙ୍କ ଦ୍ୱାରା ତିଳ ତର୍ପଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର ଫ୍ରାଞ୍ଚାଇଜ୍‌ର ପ୍ରବନ୍ଧକ ପବିତ୍ର କୁମାର ମହାନ୍ତି, ଧାମନଗର ଫ୍ରାଞ୍ଚାଇଜର ପ୍ରବନ୍ଧକ ନୀଳମଣି ନାୟକ, ମଙ୍ଗଳପୁର ଫ୍ରାଞ୍ଚାଇଜର ପ୍ରବନ୍ଧକ ସତ୍ୟବ୍ରତ ଜେନା, ବରୀ ଫ୍ରାଞ୍ଚାଇଜର ପ୍ରବନ୍ଧକ ମନୋରଞ୍ଜନ ଦାସ, ଧାମନଗର ଫ୍ରାଞ୍ଚାଇଜ୍‌ର ବରିଷ୍ଠ କର୍ମକର୍ତ୍ତା ପ୍ରଶାନ୍ତ କୁମାର ତରାଇ, ମାର୍କୋଣା ଫ୍ରାଞ୍ଚାଇଜ୍ ପ୍ରବନ୍ଧକ ସୁକାନ୍ତ କୁମାର ମହାନ୍ତି, ଗୋପାଳପୁର ଫ୍ରାଞ୍ଚାଇଜ ପ୍ରବନ୍ଧକ ଚିତ୍ତରଞ୍ଜନ ରାଉତ, ଭୁବନ ଫ୍ରାଞ୍ଚାଇଜ୍ ପ୍ରବନ୍ଧକ ନବକିଶୋର ପାତ୍ର ଓ ନୂଆପାଟଣା ଫ୍ରାଞ୍ଚାଇଜ୍ ପ୍ରବନ୍ଧକ ରମେଶ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

## ସାନସୁଆରରେ ସମାଜସେବୀଙ୍କ ପଦଯାତ୍ରା



**ବରୀ, ୨୪ ।୧୧(ସମିସ):** ଗୁରୁବାର ଅପରାହ୍ନରେ ବରୀ ନିର୍ବାଚନ ମଣ୍ଡଳୀର ସାନସୁଆର ପଞ୍ଚାୟତରେ ସମାଜସେବୀ କବିର ଦାସଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ନୌସେନା ଅଧିକାରୀ ଶ୍ରୀ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଦୀପକ ରାଉତ, ପ୍ରଶାନ୍ତ ନାୟକ, ଜ୍ୟୋତିଶ୍ରୀ ବେହେରା, ଚତୁର୍ଭୁଜ ସ୍ୱାଇଁ, ମଧୁସୂଦନ ଦାସ, ପ୍ରକାଶ ଦାସ, ମନୋଜ ସ୍ୱାଇଁ, ସରୋଜ ଜେନା, ଆଲୋକ ନାୟକ, ଦିଲ୍ଲୀପ ବେହେରାଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## କାର୍ତ୍ତିକ ଉତ୍ସବ ଅବସରରେ ସାରସ୍ୱତ ସମାରୋହ



**କୟାଁଗୋଲା, ୨୫ ।୧୧(ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତର ନାରିଗାଁସ୍ଥ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ସାରସ୍ୱତ ସମାରୋହ ଆୟୋଜିତ ହୋଇଥିବାବେଳେ କବି ବୀରବର ଜେନାଙ୍କ ପୁସ୍ତକ 'ପ୍ରେମ' ଲୋକାର୍ପିତ ହୋଇଛି। ଆୟୋଜିତ ସଭାରେ ଅଧ୍ୟାପକ ଦାମୋଦର ବେହେରା ପୌରୋହିତ୍ୟ କରିଥିବାବେଳେ ପ୍ରାକ୍ତନ ସାଂସଦ ଅଞ୍ଚଳ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡକ୍ଟର ଶେଷଦେବ ମେଦିନ ସିଂହ ମହାପାତ୍ର ଯୋଗଦାନ କରିଥିଲେ। ଶିକ୍ଷାବିତ୍ ସୁବାସ ଚନ୍ଦ୍ର ରାଉତ, ବୀରବର ଜେନା, ରାମଚନ୍ଦ୍ର ଦାସ, କୁମରବର ନାୟକ (ଲେଖକ), ଶୁଭେନ୍ଦୁ କୁମାର ମହାପାତ୍ର, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କବିତାର ଅନ୍ତର୍ନିହିତ ସ୍ୱର ସାମୁଦ୍ରିକ ହେଲେ କବିତା ହୃଦୟସ୍ପର୍ଶୀ ହୋଇପାରେ ବୋଲି କହିଥିଲେ। ଉକ୍ତ ସଭାରେ ୪୦ ଜଣ କବି କବିତା ପାଠ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ନୂତନ ଗୃହ ପ୍ରବେଶ



**ପାଣିକୋଇଲି, ୨୫।୧୧ (ସମିସ):** ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚର ନୂତନ ଗୃହର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ପୂଜା ପରେ ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କୋରେଇ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡାଇ, ମୁଖ୍ୟବକ୍ତା ଭାବେ ପ୍ରଧ୍ୟାପକ ଡା. ଦାମୋଦର ମହାପାତ୍ର, ସମ୍ମାନିତ ବକ୍ତା ଭାବେ ପ୍ରଧ୍ୟାପକ ଉମାକାନ୍ତ ଖଣ୍ଡାଇ ଯୋଗଦେଇ ବୟସ୍କଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ମୁଖ୍ୟଅତିଥି ଶ୍ରୀ ଘଡ଼ାଇ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଭାବେ ନୂତନ ଗୃହକୁ ପରିବର୍ଦ୍ଧନ ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ତାଙ୍କ କୋଏମ୍ବାଟୁର ଗସ୍ତ ଓ ସଦଗୁରୁ ଆଶ୍ରମ ପରିଭ୍ରମଣର ଅଭିଜ୍ଞତାରୁ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିବା ସହିତ ବିଶ୍ୱରେ ବର୍ତ୍ତମାନ ସବୁଠୁ ୧୬୩ ବର୍ଷର ବୟସ୍କ ବ୍ୟକ୍ତି ଜୀବିତ ଥିବାବେଳେ ଏହି ମଞ୍ଚର ୬୦-୭୦ ବର୍ଷର ବୟସ୍କ ତାଙ୍କ ତୁଳନାରେ ନିଜକୁ ଯୁବକ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଶ୍ରୀ ଖଣ୍ଡାଇ ବୟସ୍କମାନେ ଅବହେଳିତ ନୁହଁନ୍ତି। ହାତ ଗଣତି କେତେକ ଜାଗାରେ ସେମାନେ ଅବହେଳିତ ଅନୁଭବ କରୁଥିଲେ ବି ବିରାଟ ସମାଜର ତାଙ୍କ ପ୍ରତି ଯଥେଷ୍ଟ ସମ୍ମାନବୋଧ ରହିଛି ବୋଲି କହିଥିଲେ।

ଏ ଅବସରରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମ୍ପାଦକଙ୍କ ପ୍ରସ୍ତାବ କ୍ରମେ ସତ୍ୟରଞ୍ଜନ ସ୍ୱାଇଁଙ୍କୁ ସଂଗଠନ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ସାହାଯ୍ୟ ପାଇଁ ବୃନ୍ଦାବନ ଜେନାଙ୍କୁ ସହକାରୀ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ମୁରଲୀଧର କାଣ୍ଡି, ଗୌରାଙ୍ଗ ଚରଣ ବାରିକ, ଅଭିରାମ ବାରିକ, ସୁଦର୍ଶନ ପହି, ବସନ୍ତ କୁମାର ବେହେରା, ଚନ୍ଦ୍ରମଣି ସ୍ୱାଇଁ, ନିରଞ୍ଜନ ରାଉତ, ସତ୍ୟାନନ୍ଦ ମହାରଣା, ପ୍ରାଣକୃଷ୍ଣ ନାୟକ, ମଦନ ମୋହନ ବେହେରା, ରାଜକିଶୋର ଦାସ, ପ୍ରହ୍ଲାଦ ଜେନା, ଗୋକୁଳାନନ୍ଦ ମହାରଣା, ଅକ୍ଷୟ କୁମାର ସ୍ୱାଇଁ, ବୈଷ୍ଣବ ସାହୁ, ମଦନ ମୋହନ ମହାପାତ୍ର, ରଘୁନାଥ ମାଝି, ରାମଚନ୍ଦ୍ର ବେହେରା, ରାମଚନ୍ଦ୍ର ମଲିକ, ଜଗନ୍ନାଥ ମାଝୀ, ସତ୍ୟବାଦୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଙ୍ଗରକୋଟାରେ ରାଧାକୃଷ୍ଣ ପୂଜା

**ଟମକା, ୨୫ ।୧୧(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ବାଙ୍ଗରକୋଟା ଗ୍ରାମର ରାଇଦାମୋଦର ପୂଜା କମିଟି ପକ୍ଷରୁ ରାଧାକୃଷ୍ଣ ପୂଜା ଅନୁଷ୍ଠିତ ହେଉଛି। କଳସ ଯାତ୍ରା ପରେ ଆଚାର୍ଯ୍ୟ ଶଶୀଭୂଷଣ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ବିଶ୍ୱ ଶାନ୍ତି ପାଇଁ ହୋମଯଜ୍ଞ, ଘଣ୍ଟା ଘଣ୍ଟି, କୀର୍ତ୍ତନ, ହରିବୋଲ ଓ ମା'ମାନଙ୍କ ହୁଳହୁଳି ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ତପନ କୁମାର ରାଉତ, ପଞ୍ଚାନନ ବଳ, ବଦ୍ରିନାରାୟଣ ରାଉତ, ପବିତ୍ର କୁମାର ବଳ, ରତିରଞ୍ଜନ ବଳ, ସନ୍ଦୀପ କୁମାର ବଳ, ରୋହିତ ରାଉତ, ସୁରେଶ ରାଉତଙ୍କ ସମେତ ପୂଜା କମିଟିର ସମସ୍ତ ସଭ୍ୟ ପୂଜା କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ପୂଜା ଦେଖିବାକୁ ଆଖପାଖ ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଜନସମାଗମ ହେଉଛି।

## ସତ୍ୟସାଇଙ୍କ ୯୮ତମ ଜୟନ୍ତୀ ପାଳିତ



**ଷଠିପୁର, ୨୫।୧୧ (ସମିସ):** ଷଠିପୁର ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ସାଇ ମନ୍ଦିର ପରିସରରେ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃରୁ ଓକାରମ, ସୁପ୍ରଭାତମ, ନଗର ସଂକୀର୍ତ୍ତନମ, ପରେ ଷୋଡଶ ଉପଚାର ପୂଜା କରାଯାଇଥିଲା। ମଙ୍ଗଳ ଆଳତୀ ସହ ସମୂହ ପ୍ରସାଦ ସେବନ କରାଯାଇଥିଲା। ସତ୍ୟସାଇ ଚରଣାଶ୍ରିତ ଯୁବକ/ଯୁବତୀଙ୍କ ଦ୍ୱାରା ସାଇ ଚରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସନ୍ଧ୍ୟାରେ ଭଗବାନଙ୍କୁ ୯୮ଟି ଦୀପ ଅର୍ପଣ ଓ ବେଦପାଠ ପରେ ଭଜନ, ଜନ୍ମଦିନର କେକ କାଟିବା ସହ ବାଲ୍ ବିକାଶ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ, ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରର ବାର୍ଷିକ ପ୍ରତିଯୋଗିତା

**ଯାଜପର, ୨୫।୧୧ (ସମିସ):** ଯାଜପୁର ପୌରପାଳିକା ଅନ୍ତର୍ଗତ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ପକ୍ଷରୁ ଚଳିତ ମାସ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଆନ୍ତଃବିଦ୍ୟାଳୟ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁମତି ଓ ବିରଜା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକର୍ମୀଙ୍କ ସହଯୋଗରେ ଉକ୍ତ ପ୍ରତିଯୋଗିତା ସମ୍ପାଦିତ ହୋଇଥିଲା। ଉକ୍ତ ପ୍ରତିଯୋଗିତର ୯ଟି ବିଭାଗରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ଓଡ଼ିଆ ରଚନା, ସାଧାରଣ ଜ୍ଞାନ, ଓଡ଼ିଆ ବକ୍ତୃତା, ଇଂରାଜୀ ବକ୍ତୃତା, କୁଇଜ୍ ଓ କନିଷ୍ଠ ବିଭାଗର ଓଡ଼ିଆ ରଚନା, ସାଧାରଣ ଜ୍ଞାନ, ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କୃତି ପ୍ରତିଯୋଗୀଙ୍କୁ ପାଠାଗାରର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପାଠାଗାର କାର୍ଯ୍ୟକାରିଣୀ ପରିଷଦ ସୂଚନା ପ୍ରଦାନ କରିଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି, ୨୫।୧୧(ସମିସ):** ପାଣିକୋଇଲି ବଜାରରେ ଆଜି ଏକ ଟ୍ରକ୍ ବାଇକ୍‌କୁ ଧକ୍କା ଦେବାରୁ ବାଇକ ଆରୋହୀ ରାସ୍ତା କଡ଼ ଡିଭାଇଡରରେ ପିଟି ହୋଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଯାଜପୁରରୋଡ ପଟୁ ଏକ ୧୪ଚକିଆ ଟ୍ରକ୍ ଆସୁଥିବାବେଳେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରାଂଗ ନୂଆମଣିଆ ଗ୍ରାମର ଅର୍ଜୁନ ମୁଣ୍ଡାଙ୍କ ପୁଅ ମଦନ ମୁଣ୍ଡା ସ୍ତ୍ରୀ ତଳସୀ ମୁଣ୍ଡା ଓ ଛୋଟ ପୁଅକୁ ବାଇକ୍ ଯୋଗେ ଯାଜପୁର ଆସୁଥିଲେ। ପାଣିକୋଇଲି ବଜାର ନିକଟରେ ମଦନ ବାଇକ୍‌କୁ ଟ୍ରକର ବାମ ପଟେ ପୂରାଇ ଦେଇଥିଲା। ଟ୍ରକ୍‌ଟି ଗୋଲେଇରେ ଭଦ୍ରକ ଆଡକୁ ଯିବା ପାଇ କାଟି ଦେବାରୁ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ମଦନ ବାଇକ୍‌ରୁ ଛିଟିକି ରାସ୍ତା କଡ଼ ଡିଭାଇଡରରେ ପିଟି ହୋଇଥିଲେ। ସେ ଗୁରୁତର ଆହତ ହୋଇଥିଲେ। ସ୍ତ୍ରୀ ତୁଳସୀ ଓ ପୁଅ ବର୍ତ୍ତିଯାଇଥିଲେ। ପୁଲିସ ପହଞ୍ଚି ମଦନଙ୍କୁ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ଗୁରୁତର ଥିବାରୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତଦନ୍ତ ଜାରି ରଖିଛି।

## ମନ୍ଦିରରୁ ମୋବାଇଲ ଚୋରି ଅଭିଯୋଗ

**ପାଣିକୋଇଲି, ୨୫।୧୧ (ସମିସ):** ମନ୍ଦିର ବେଢ଼ାରେ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପାଣିକୋଇଲି ଗ୍ରାମର ନିରଞ୍ଜନ ନାୟକ ତାଙ୍କ ମୋବାଇଲକୁ ଶିବ ମନ୍ଦିର ବେଢ଼ାରେ ରଖି ଦର୍ଶନ କରୁଥିବାବେଳେ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ମୋବାଇଲକୁ ନେଇ ଚମ୍ପଟ ମାରିଥିଲେ। ନିରଞ୍ଜନ ଡାକ ପକାଇଲେ ବି ସେମାନେ ନ ଶୁଣି ଦ୍ରୁତ ଗତିରେ ପଳାଇଯାଇଥିଲେ। ଏ ନେଇ ନିରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ କରୁଛି।

## ବୃତ୍ତି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ସୁକିନ୍ଦା, ୨୫ ।୧୧(ସମିସ):** ଚଳିତବର୍ଷ ସୁକିନ୍ଦା ବ୍ଲକ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୧୦ ଜଣ ଛାତ୍ରୀ ଓ ୪ ଜଣ ଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ସୁକିନ୍ଦା ଜଗନ୍ନାଥ ହାଇସ୍କୁଲର ପ୍ରତ୍ୟୁଷା ବଳିଆରସିଂହ, ସୁକିନ୍ଦା ସରସ୍ୱତୀ ଶିଶୁମନ୍ଦିରର ପ୍ରୀତମ ହେମ୍ବ୍ରମ, କାଳିଆପାଣି ଓଏମସି ହାଇସ୍କୁଲର ଦିବ୍ୟପ୍ରକାଶ ସାହୁ, ହରିପୁର ସରସ୍ୱତୀ ଶିଶୁମନ୍ଦିରର ଗୀତାଞ୍ଜଳି ସାମଲ, ଦିବ୍ୟାଂଶି ଦିବ୍ୟାଦର୍ଶିନୀ ଖୁଣ୍ଟିଆ, ଅସ୍ମିତା ଅଭିନନ୍ଦିତା ଖୁଣ୍ଟିଆ, ଖରଡ଼ି ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟର ଦିବ୍ୟାଂଶ ଧିର, ଓମ୍ ପ୍ରକାଶ ସାହୁ, ସମ୍ପୂର୍ଣ୍ଣ ସାହୁ, ସ୍ତୁତି ସମର୍ପିତା, କବାଟ ପ୍ରାଥମିକ ବିଦ୍ୟାଳୟ ଦୀପାଞ୍ଜଳି ମହାନ୍ତ, କେଶି ନୋଡାଲ ବିଦ୍ୟାଳୟର ଶୁଭଲକ୍ଷ୍ମୀ ସେଠୀ, କୁହିକା ମହାଗିରି ଉଚ୍ଚ ବିଦ୍ୟାଳୟର ମନସ୍ୱିନୀ ବେହେରା, ଶ୍ରଦ୍ଧାଞ୍ଜଳି ନାୟକ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷାଧିକାରୀ ନାରାୟଣ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।


## ଓଡ଼ିଶା ଚେତନା ପରିଷଦ ପକ୍ଷରୁ ଭତ୍ତା ବୃଦ୍ଧି ଦାବି

**ବାଲିଚନ୍ଦ୍ରପୁର, ୨୫ ।୧୧(ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନତାଙ୍କ କଲ୍ୟାଣ ପାଇଁ ନାନାବିଧ ଯୋଜନା ପ୍ରଣୟନ କରିବା ସହିତ ଏହାର ବାସ୍ତବ କାର୍ଯ୍ୟାୟନ ନେଇ ରାଜକୋଷରୁ ଅଜସ୍ର ସମ୍ବଳ ବିନିଯୋଗ କରିଚାଲିଛନ୍ତି। ସେହିପରି ବିଧବା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗଙ୍କୁ ମାସିକ ଭତ୍ତା ବାବଦକୁ ୫ ଶହ ଟଙ୍କା ଦିଆଯାଉଛି। ବାଲିଚନ୍ଦ୍ରପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଓଡ଼ିଶା ଚେତନା ପରିଷଦ'ର ପ୍ରତିଷ୍ଠାତା ଅନନ୍ତ ଦେବଦର୍ଶୀ ଏହି ଭତ୍ତା ବୃଦ୍ଧି କରାଯାଇ ୨ ହଜାର ଟଙ୍କା କରାଯିବାକୁ ଦାବି କରିଛନ୍ତି। ଏ ନେଇ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ପ୍ରେରିତ କରାଯାଇଥିବା ନେଇ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ରାଜ୍ୟର ବିଧବା, ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗଙ୍କ ସଂଖ୍ୟା ୬୦ ଲକ୍ଷରୁ ଅଧିକ। ଏମାନଙ୍କ ମଧ୍ୟରୁ ୩୩ ଲକ୍ଷ ହିତାଧିକାରୀଙ୍କୁ ମଧୁବାବୁ ଯୋଜନାରେ ସରକାର ମାସିକ ଭତ୍ତା ବାବଦକୁ ୫ ଶହରୁ ୭ ଶହ ପର୍ଯ୍ୟନ୍ତ ପ୍ରଦାନ କରୁଛନ୍ତି। ସରକାର ବାର୍ଷିକ ୨୫୦ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଏହାକୁ ବୃଦ୍ଧି କରାଯିବାକୁ ଶ୍ରୀ ଦେବଦର୍ଶୀ ଦାବି କରିଛନ୍ତି।

## ସମାଜସେବୀ ସତ୍ୟରଞ୍ଜନ ପୁରସ୍କୃତ



**ବରୀ, ୨୫ ।୧୧(ସମିସ):** ବରୀ ବ୍ଲକ ଅନ୍ତର୍ଗତ ବାଇଁଶିରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ପଣ୍ଡିତ ଗାୟକ ପୀତାମ୍ବର କରଙ୍କ ନାତି ସମାଜସେବୀ ସତ୍ୟରଞ୍ଜନ କର ପୁରସ୍କୃତ ହୋଇଛନ୍ତି। ଦୁର୍ଘଟଣାରେ ପୀଡ଼ିତ ଲୋକଙ୍କୁ ଡାକ୍ତରଖାନା ନେଇ ଜୀବନ ବଞ୍ଚାଇଥିବାରୁ ତାଙ୍କୁ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଉତ୍ତମ ସାହାଯ୍ୟକାରୀ ବ୍ୟକ୍ତି ଭାବେ ଦୁଇ ହଜାର ଟଙ୍କାର ଚେକ୍ ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲ ଓ ରଜତ କୁମାର ଶତପଥୀ, ଟ୍ରାଫିକ ଇନ୍ସପେକ୍ଟର ପ୍ରଦୀପ୍ତ କିଶୋର ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ କରଙ୍କୁ ପୁରସ୍କୃତ କରିଥିଲେ। ସମାଜସେବୀ ସତ୍ୟରଞ୍ଜନ କର କ୍ଷୁଦ୍ର ଚଳଚ୍ଚିତ୍ର ଜରିଆରେ ସଡ଼କ ସୁରକ୍ଷା ସଚେତନତା କରିବା ସହ ଗତ ଦଶବର୍ଷ ଧରି ସଡ଼କ ସୁରକ୍ଷା ସପ୍ତାହରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କ ସୁରକ୍ଷା କର୍ମଶାଳା ଆୟୋଜନ କରିଥା'ନ୍ତି। ସମାଜସେବୀ ସତ୍ୟରଞ୍ଜନ କର ପାଇଥିବା ଦୁଇ ହଜାର ଟଙ୍କା ବରୀ ପୁସ୍ତକ ମେଳା କମିଟିକୁ ଦାନ କରିଛନ୍ତି। ଶ୍ରୀ କର ପୂର୍ବରୁ ମଧ୍ୟ ସାମାଜିକ କାର୍ଯ୍ୟ ପାଇଁ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।




## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

# ଜିଲ୍ଲା ପ୍ରଶାସନକୁ ୭ ୱିକେଟ୍‌ରେ ହରାଇଲା ବ୍ରହ୍ମବରଦା ଏକାଦଶ

**ବ୍ରହ୍ମବରଦା, ୨୫।୧୧(ସମିସ)**



ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ହାଜିରହିମିଆଁ ହାଇସ୍କୁଲ ଖେଳ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ୧୬ ବର୍ଷରୁ କମ୍ ଖେଳାଳିଙ୍କୁ ନେଇ ଗଠିତ ବ୍ରହ୍ମବରଦା ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ବ୍ରହ୍ମବରଦା ଏକାଦଶ ୭ ୱିକେଟ୍‌ରେ ବିଜୟୀ ହୋଇଛି।

ଆଜିର ଏହି ମ୍ୟାଚ୍‌ରେ ହାଜିରହିମିଆଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ବେହେରା, ବନ୍ଧଡିହ ସରକାରୀ ହାଇସ୍କୁଲର ଖେଳ ଶିକ୍ଷକ ସୁଶାନ୍ତ କୁମାର ସାହାଣୀ, ଶିକ୍ଷକ ବିରେଶ ମହାନ୍ତି, ସୁଧାଂଶୁ ଶେଖର ସାହୁ, ଷ୍ଟେଟବ୍ୟାଙ୍କ ଲାଇଫ୍ ଇନସୁରାନ୍ସ ଉପଦେଷ୍ଟା ଚନ୍ଦ୍ରମଣି ବିଶ୍ୱାଳ, ଯୁବନେତା ଦୀନବନ୍ଧୁ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚ୍‌ରେ ବ୍ରହ୍ମବରଦା ଏକାଦଶ ଟସ୍ ଜିତି ଜିଲ୍ଲା ପ୍ରଶାସନ ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଜିଲ୍ଲା ପ୍ରଶାସନ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୫ ୱିକେଟ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭାଶିଷ ଜେନା ସର୍ବାଧିକ ୫୬ ରନ ସଂଗ୍ରହ କରିଥିଲେ। ୧୪୫ ରନ୍ ବିଜୟ ଲକ୍ଷ୍ୟର ପିଛା କରି ବ୍ରହ୍ମବରଦା ଏକାଦଶ ୧୦.୩ ଓଭରରେ ମାତ୍ର ୩ ୱିକେଟ ହରାଇ ୧୪୭ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ବ୍ରହ୍ମବରଦା ଏକାଦଶ ପକ୍ଷରୁ ନାସିରୁଦ୍ଦିନ ଖାନ ୨୨ ବଲରେ ୫୬ ରନ୍ ଓ ଶୁଭମ ରାଉତ ୨୫ ବଲରେ ୫୪ ରନ୍ କରିଥିଲେ। ନାସିରୁଦ୍ଦିନ ଖାନ ଉଚ୍ଚକୋଟୀର ବ୍ୟାଟିଂ ସହ ୩ ଓଭର ବୋଲିଂ କରି ୨ଟି ୱିକେଟ ଅକ୍ତିଆର କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳକୁ ମଣ୍ଟୁ ଦାସ ଓ ରୋହିତ ଓଝା ପରିଚାଳନା କରିଥିଲେ।

### ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

# 'ନୂଆ ଓଡ଼ିଶା ଗଠନରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଯାଜପୁର, ୨୫।୧୧(ସମିସ)**




ରାଜ୍ୟର ଯୁବ ସମାଜଙ୍କ ମଧ୍ୟରେ ସାମାଜିକ ପ୍ରତିବଦ୍ଧତା ଆସିପାରିଲେ ନବୀନ ଓଡ଼ିଶା ଆଗକୁ ଯାଇପାରିବ। ସେଥିପାଇଁ ରାଜ୍ୟର ଯୁବଶକ୍ତିକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ସମସ୍ତ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ସ୍ୱେଚ୍ଛାସେବୀ ଓ ଦାୟିତ୍ୱ ସମ୍ପନ୍ନ ନାଗରିକ ହେବା ପାଇଁ ଉଦ୍ୟମ କରାଯାଉଛି। ତେଣୁ ନୂଆ ଓଡ଼ିଶା ଗଠନରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତପୋଷଣ କରିଛନ୍ତି।

ଆଜି ସକାଳେ ଉଭୟ +୨ ଓ +୩ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ରାଲି କଲେଜ ନିକଟରୁ ବାହାରିଥିଲା। ନିଶା ମୁକ୍ତ ଜୀବନର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଏହି ସଚେତନତା ରାଲି ସମଗ୍ର ଯାଜପୁର ସହର ପରିକ୍ରମା କରିଥିଲା। ଏଥିସହିତ ପ୍ଲାଷ୍ଟିକ ବ୍ୟବହାରକୁ କମ୍ କରିବା ପାଇଁ ମଧ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ରାଲି ଶେଷ ହେବା ପରେ କଲେଜ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ଏସ୍‌ପି ବିନିତ ଅଗ୍ରୱାଲ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ସହିତ ପରିବେଶ ସୁରକ୍ଷା ଓ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ।

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ସୁରେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ

**ନିଶା ବିରୋଧୀ ସଚେତନତା ରାଲିରେ ସାମିଲ ହେଲେ ୮୦୦ ଛାତ୍ରଛାତ୍ରୀ**

କଲେଜ ଅଧ୍ୟକ୍ଷ ବିସି ଦାସ, କଲେଜର ନୋଡାଲ ଅଧିକାରୀ ପ୍ରମୋଦ ମହାପାତ୍ର, ଆର୍ଯ୍ୟ ବିଭାସ କୁମାର ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଯୋଜନା ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଫଳପ୍ରଦ ହେବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରୋଡ୍ ରୋମିଓଙ୍କୁ ସାବାଡ୍ କଲେ କଲେଜ ଛାତ୍ରୀ

**ବ୍ରହ୍ମବରଦା, ୨୫।୧୧(ସମିସ):** ରାସ୍ତାରେ ଅନେକ ସମୟରେ ରୋଡ୍ ରୋମିଓଙ୍କ କମେଣ୍ଟ ଓ ଦୁର୍ବ୍ୟବହାରର ଶିକାର ହୋଇଥା'ନ୍ତି ଯୁବତୀ। ଅନେକ ସମୟରେ ଭୟ ଓ ଲାଜରେ ଯୁବତୀମାନେ ଏହାର ପ୍ରତିବାଦ ନ କରି ସବୁ କିଛି ସହିଯାଇଥା'ନ୍ତି। କିନ୍ତୁ ବ୍ରହ୍ମବରଦା ଅଞ୍ଚଳରେ କିଛି ଓଲଟା ଘଟଣା ସାମ୍ନାକୁ ଆସିଛି। ଯାହାକୁ ସାଧାରଣରେ ପ୍ରଶଂସା କରାଯାଇଛି। ରାସ୍ତାରେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗୀତ କରୁଥିବା ଜଣେ ରୋଡ ରୋମିଓକୁ କାବୁ କରି ପୁଲିସରେ ଜିମା ଦେଇଥିଲେ। ପୁଲିସ ସେହି ରୋଡ୍ ରୋମିଓକୁ ଗିରଫ କୋର୍ଟ ଚାଲାଣ କରିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।



ସୂଚନା ମୁତାବକ, କଦମପାଳ, ଅରେଇକଣା ଓ ଅରାବଳ ଅଞ୍ଚଳର ୭ଜଣ ଛାତ୍ରୀ ସବୁଦିନ ପରି ଗତକାଲି ବ୍ରହ୍ମବରଦାରୁ କଲେଜ ଓ କମ୍ପ୍ୟୁଟର କ୍ଲାସ ସାରି ଘରକୁ ଫେରୁଥିବା ସମୟରେ ଧର୍ମଶାଳା ଥାନା ଅର୍ନ୍ତଗତ ନାଳକୁଳ ଗ୍ରାମର ଫକୀର ମଲ୍ଲିକଙ୍କ ପୁଅ ପ୍ରମୋଦ ମଲ୍ଲିକ (୩୧) ବାଇକ୍‌ରେ ଆସି କଲେଜ ରୋଡ୍‌ରୁ ନାଳକୂଳ ଛକର ନିଛାଟିଆ ରାସ୍ତାରେ ଉକ୍ତ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର କରିଥିଲା। ଛାତ୍ରୀମାନେ ସାହସର ସହିତ ଉକ୍ତ ଯୁବକକୁ ଅଟକାଇ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ସେହି ସମୟରେ ଉକ୍ତ ରାସ୍ତା ଦେଇ ବ୍ରହ୍ମବରଦା ପୁଲିସ ପାଟ୍ରୋଲିଂ ସାରି ଫେରୁଥିବା ସମୟରେ ଲୋକ ରୁଣ୍ଡ ହୋଇଥିବା ଦେଖି ପୁଲିସ ଗାଡ଼ି ଅଟକାଇ ଘଟଣାର ଅନୁଧ୍ୟାନ କରି ଅଭିଯୁକ୍ତକୁ ଥାନାକୁ ଆଣି ଅଟକ ରଖିଥିଲା। ଆଜି ବ୍ରହ୍ମବରଦା ପୁଲିସ ୧୪୮/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## କାଳିଆପାଣି ଅଞ୍ଚଳରେ ବିରଳ ଶାଗୁଣା ଠାବ

**ଯାଜପୁର, ୨୫।୧୧(ସମିସ):** ସୁକିନ୍ଦା ଖଣି ଅଞ୍ଚଳରେ ବନବିଭାଗ ଦ୍ୱାରା ବିରଳ ହିମାଳୟ ଶାଗୁଣା ଠାବ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା କ୍ରୋମ୍ ଉପତ୍ୟକାର ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଦକ୍ଷିଣ କାଳିଆପାଣି ଡି'କ୍ୱାରି କ୍ରୋମାଇଟ୍ ଖଣି କେଟିଏଲ୍ ସାଇଟ୍ ଅଫିସ ମେସ୍ ସମ୍ମୁଖ ପଥର ଓ ଏଠାରୁ ୫୦ ମିଟର ଦୂରରେ ଥିବା ସାନ ଡମ୍ଫରେ ଗୁରୁବାର ସକାଳ ୫ଟାରୁ ସାଢ଼େ ୩ ଘଣ୍ଟା ଧରି ଏକ ବିଦେଶାଗତ ଶାଗୁଣା ପକ୍ଷୀ ଦେଖାଯାଇଥିଲା। ୨ରୁ ଅଢ଼େଇ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପକ୍ଷୀକୁ ପ୍ରଥମେ କେଟିଏଲ୍ କର୍ମଚାରୀ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ଚନ୍ଦ୍ର ପାତ୍ର ଓ ସହାୟକ ବନମାଳୀ ମହାକୁଡ଼ ଦେଖିଥିଲେ। ଶୀତ ପ୍ରକୋପରୁ ଏହା ଭଲରେ ଉଡ଼ି ପାରୁ ନ ଥିଲା। ବହୁ ସମୟଧରି ଏଠାରେ ଶାଗୁଣାଟି ବସି ରହିବା ସୁଯୋଗରେ ଶ୍ରୀ ପାତ୍ର ଏହାର ଫଟୋ ଓ ଭିଡିଓ ଉତ୍ତୋଳନ ସୁଯୋଗ ପାଇଥିଲେ। ଏହା ହିମାଳୟାନ୍ ଗ୍ରିଫନ ପ୍ରଜାତିର ବୋଲି ଡିଏଫ୍‌ଓ ସମୀର କୁମାର ସାହୁ ସୂଚନା ଦେଇଛନ୍ତି। ଶନିବାର ଦିନ ଟମକା ରାଇଘାଟି ପାଖ ଜଙ୍ଗଲରେ ଦେଖାଯାଇଥିବା ଶୁଣିବାକୁ ମିଳିଛି।



## ଦୁର୍ଘଟଣାରୁ ବର୍ତ୍ତିଲେ ବନପାଳ

**ସୁକିନ୍ଦା, ୨୫।୧୧(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା-ଡୁବୁରୀ ରାସ୍ତାର ସୁକିନ୍ଦା ଭବନ ନିକଟରେ ଦୁର୍ଘଟଣା ଘଟି ଷଡ଼ଙ୍ଗୀ ବନପାଳ ଉଦ୍ଧବ ବେହେରା ଅଳ୍ପକେ ବର୍ତ୍ତିଯାଇଥିବାବେଳେ କାର୍ କ୍ଷତିଗ୍ରସ୍ତ ହୋଇଛି। ଢେଙ୍କାନାଳ ଜିଲ୍ଲା ଷଡ଼ଙ୍ଗୀ ବନ ବିଭାଗରେ କାର୍ଯ୍ୟରତ ବନପାଳ ଉଦ୍ଧବ ବେହେରା କାର୍‌ରେ ଶନିବାର ଦିନ କଳିଙ୍ଗନଗରରୁ ଫେରୁଥିବା ସମୟରେ ସୁକିନ୍ଦା ଭବନ ନିକଟରେ ଏକ ଟ୍ରକ ସହ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସମ୍ପୃକ୍ତ ଟ୍ରକ୍ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ କାର୍‌ର ବ୍ୟାପକ କ୍ଷତି ହୋଇଥିବାବେଳେ ସୌଭାଗ୍ୟବଶତ ବନପାଳ ଓ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ଏ ନେଇ ଶ୍ରୀ ବେହେରା ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସୁକିନ୍ଦା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇ ପାର ହୋଇଯାଇଥିବା ଟ୍ରକ୍‌କୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି।

## ଶିକ୍ଷକଙ୍କ ବିୟୋଗରେ ଶୋକ

**ସିଂହପୁର, ୨୫।୧୧(ସମିସ):** ହାଟସାହି ଗ୍ରାମର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ କେଶବ ଚରଣ ନାୟକଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କଣ୍ଡିଆ ହାଟ ଖରସ୍ରୋତା ସାଂସ୍କୃତିକ ପରିଷଦର ସମ୍ପାଦକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ୭୫ ବର୍ଷ ବୟସରେ ମଧ ଯାଜପୁରରୁ ନିଜ ଗ୍ରାମ ହାଟସାହି ଗ୍ରାମକୁ ୪୦ କିଲୋମିଟର ସାଇକଲ ଯୋଗେ ଯାତାୟାତ କରିପାରୁଥିଲେ। ତାଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ମରଶରୀର ଯାଜପୁରରୁ ଗ୍ରାମକୁ ଯିବା ବାଟରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଶ୍ରୀ ନାୟକଙ୍କ ବିୟୋଗରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ, ବିଂଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର କୁମାର ଧଳ, କବି ନେତ୍ରାନନ୍ଦ ଦାସ, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଶିକ୍ଷକ ନେତା ବଟକୃଷ୍ଣ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସରୋଜ ମଲ୍ଲିକ, ରାଜକନିକା ଓଷ୍ଟା ସଭାପତି ସଞ୍ଜୟ କୁମାର ସାମଲ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

## କଳସପୁର ବାଲିଘାଟକୁ ଗ୍ରାମବାସୀଙ୍କ ବିରୋଧ, ଗାଡ଼ି ଅଟକ

**ଯାଜପୁର, ୨୫।୧୧ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ଗ୍ରାମରେ ଥିବା ବାଲିଘାଟକୁ ଆଜି ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ ଗ୍ରାମର ବିଦ୍ୟାଳୟରେ ପିଲାମାନେ ପଢୁଥିବାବେଳେ ବାଲି ବୋଝେଇ ଓଭର ଲୋଡିଂ ହଇୱା ଯିବା ଦ୍ୱାରା ପିଲାମାନେ ଅସୁବିଧା ଭୋଗୁଛନ୍ତି। ଠିକ୍ ଭାବେ ପାଠ ଶୁଣି ପାରୁନାହାଁନ୍ତି କି କହି ବି ପାରୁନାହାନ୍ତି। ଗ୍ରାମର ଖେଳ ପଡ଼ିଆରେ ଗାଡ଼ି ଯାଉଥିବାରୁ ପିଲାମାନେ ଖେଳି ପାରୁନାହାନ୍ତି। ଗାଁରେ ଗୃହପାଳିତ ପଶୁ ପଡ଼ିଆରେ ଚରିପାରୁନାହାନ୍ତି। ଅଣଚୌଡ଼ା ବନ୍ଧରେ ଗାଡ଼ି ଯାଉଥିବାରୁ ଅନ୍ୟ ଗାଡ଼ି ଯା'ଆସ କରିପାରୁନାହିଁ। ଯଦି ଗ୍ରାମରେ କୌଣସି ଜରୁରୀ ଚିକିତ୍ସା ନିମନ୍ତେ ଅଟୋ ବି ଦରକାର ହୁଏ ତେବେ ବନ୍ଧ ରାସ୍ତାରେ ଯାଇପାରୁନାହିଁ। ଏସବୁ ସମସ୍ୟା ନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବାଧ ହୋଇ ଆଜି ବାଲି ବୋଝେଇ ହାଇୱାକୁ ଅଟକାଇଥିଲେ। ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ବାଲିଘାଟକୁ ବନ୍ଦ କରିବା ସହ ବେଆଇନ ଭାବେ ପରିବହନ କରୁଥିବା ଗାଡ଼ିକୁ ଜବତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।




## ହରିପୁର ଗ୍ରାମରୁ ଚୋରି

**ସୁକିନ୍ଦା, ୨୫।୧୧(ସମିସ):** ହରିପୁର ଗ୍ରାମର ସସ୍ମିତା ସାହୁଙ୍କ ଘରୁ ଦୁର୍ବୃତ୍ତ ତାଲା ଭାଙ୍ଗି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ଅଭିଯୋଗ ହୋଇଛି। ସସ୍ମିତା ହରିପୁର ଗ୍ରାମ ନିକଟରେ ନୂଆ ଘର କରି ବସବାସ କରୁଛନ୍ତି। ସେ ଶୁକ୍ରବାର ସନ୍ଧ୍ୟାରେ ଧବଳେଶ୍ୱର ଯାଇ ଶନିବାର ଫେରିଥିଲେ। ଘରକୁ ଫେରି ଘରୁ ଚୋରି ହୋଇଥିବା ଦେଖିଥିଲେ। ଆଲମୀରାରେ ଥିବା ୩୦ରୁ ୩୫ ଭରି ସୁନା ଗହଣା ଓ ନଗଦ କୋଡ଼ିଏ ହଜାର ଟଙ୍କା କେହି ଦୁର୍ବୃତ୍ତ ଲୁଟି ନେଇଥିବା ସସ୍ମିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ମଣ୍ଡଳସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା

**ବିଞ୍ଝାରପୁର, ୨୫।୧୧(ସମିସ):** ବିଞ୍ଝାରପୁର ବ୍ଲକର ଫତେପୁର ପଞ୍ଚାୟତର ମଲିଆ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧବାନନ୍ଦ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ଆନ୍ତଃବିଦ୍ୟାଳୟ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଉପାଳଠାରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତିନୋଟି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୫୦ ଜଣ ଛାତ୍ରଛାତ୍ରୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଟିଚର୍ସ କ୍ଲବର ପୂର୍ବତନ ସଭାପତି ତଥା ସେବା ନିବୃତ୍ତ ଶିକ୍ଷକ ରବିନାରାୟଣ ସାମଲ, ପ୍ରାଧ୍ୟାପକ ଡ. ଚତୁର୍ଭୁଜ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଚାରକ ଭାବେ ରବି ଦାଶ, ଅର୍ଜୁନ ଚରଣ ଦାସ, ଉମେଶ ସାମଲ, ସରୋଜ ଦାସ, ପ୍ରଫୁଲ୍ଲ ବେହେରା, ଦୀନବନ୍ଧୁ ଧଳ, ଦୀନବନ୍ଧୁ ଦାସ, ଟିକିଲତା ବେହେରା, ସୁଧାଂଶୁବାଳା ରାଉତ, ପ୍ରଜ୍ଞା ସାହୁ, ପଦ୍ମିନୀ ସାହୁ, ଅଜୟ ଭାଇ, ବିଶ୍ୱଭାଇ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ସଚ୍ଚିଦାନନ୍ଦ ଗୁରୁ ପ୍ରତିଯୋଗୀ ଛାତ୍ରଛାତ୍ରୀ, ଗାଇଡ ଶିକ୍ଷକ ଓ ଶୁଭେଚ୍ଛୁଙ୍କୁ ସ୍ୱାଗତ କରିଥିଲେ। ଡିସେମ୍ବର ୯ ତାରିଖ ଦିନ କୃତି ପ୍ରତିଯୋଗୀଙ୍କୁ ମାଧବାନନ୍ଦଙ୍କ ପୂଣ୍ୟ ତିଥିରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଶ୍ରୀ ଗୁରୁ ପ୍ରକାଶ କରିଛନ୍ତି।






# କୃଷକର ଆୟ ବୃଦ୍ଧି ପାଇଁ ମତ୍ସ୍ୟଚାଷ ଓ ପ୍ରାଣୀପାଳନ ଉତ୍କୃଷ୍ଟ ମାଧ୍ୟମ

## ଚାକିରି ନୁହେଁ ଯୋଜନା ପଛରେ ଗୋଡ଼ାଇବା ପାଇଁ ପରାମର୍ଶ

## ଜିଲ୍ଲାସ୍ତରୀୟ ୨ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ






**ଭଦ୍ରକ, ୨୫ ।୧୧(ସମିସ)**

ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ପାଇଁ ବ୍ୟାପକ କ୍ଷେତ୍ର ସୃଷ୍ଟି ଓ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରାଯିବା ଆଭିମୁଖ୍ୟରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ପ୍ରତି ଜିଲ୍ଲାରେ ଆୟୋଜିତ ହେଉଥିବା ୨ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଭଦ୍ରକ ଜିଲ୍ଲା ପାଇଁ ଭଦ୍ରକ ସ୍ୱୟଂଶାସିତ କଲେଜ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଯୋଗ ଦେଇଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟକ୍ରମର ସଂଯୋଜକ ସିଡିଭିଓ ଡା.ହୃଷୀକେଶ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରକାଶ ନାୟକ ଉପସ୍ଥିତ ଥିଲେ। କୃଷକର ଆୟ ଅତିଶୀଘ୍ର ବଢ଼ାଇବାକୁ ହେଲେ ମତ୍ସ୍ୟ ଓ ପ୍ରାଣୀପାଳନ ଏକ ଉତ୍କୃଷ୍ଟ ମାଧ୍ୟମ। ସବ୍‌ସିଡ୍ ରିଲିଜ୍ କରିବାରେ ଭଦ୍ରକ ଜିଲ୍ଲା ରାଜ୍ୟରେ ତୃତୀୟ। ସମନ୍ୱିତ କୃଷି ଉତ୍ପାଦନ ଓ ପ୍ରକ୍ରିୟାକରଣ କେନ୍ଦ୍ର ଆଦି ପାଇଁ ମୁଖ୍ୟମନ୍ତ୍ରୀ ଓ କୃଷି ଉଦ୍ୟୋଗ ଯୋଜନାରେ ୫୦ ଭାଗ ସହ ୧ କୋଟି ପର୍ଯ୍ୟନ୍ତ ସବ୍‌ସିଡ୍ ପ୍ରଦାନ, ଭଦ୍ରକରୁ ଚିଙ୍ଗୁଡ଼ି ବିଦେଶକୁ ରପ୍ତାନୀ ହେବା, ଚାକିରି ନ ଖୋଜି ଉଦ୍ୟୋଗପତି ହୋଇ ଚାକିରି ଦେବା ପାଇଁ ପ୍ରୟାସ କରିବା, ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ, କୃଷକ ସମୃଦ୍ଧି ପାଇଁ ଓଡ଼ିଶା ଏକ ନୂତନ ଦିଗରେ ଯିବା, କାଳିଆ ବଳରାମ ଆଦି ଯୋଜନାରେ ପ୍ରକୃତ ଚାଷୀ ପାଖରେ ସବ୍‌ସିଡ଼ି ପହଞ୍ଚିବା ଆଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଜିଲ୍ଲାପାଳ ଓ ଅନ୍ୟ ଅତିଥିମାନେ ପ୍ରକାଶ କରିବା ସହିତ ସେ ସବୁର ସୁଯୋଗ ନେବା ପାଇଁ ଚାଷୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ସାଧାରଣ ସଭା ଓ କାର୍ଯ୍ୟକ୍ରମ ପରେ ଷ୍ଟାର ସିଙ୍ଗର ସତ୍ୟଜିତ୍ ପ୍ରଧାନ ଓ ଅମ୍ରିତା ନାୟକଙ୍କ ଟିମ୍ ଦ୍ୱାରା ଆକର୍ଷଣୀୟ ଏବଂ ଉଚ୍ଚକୋଟିର ମେଲୋଡ଼ି ପରିବେଷଣ କରାଯାଇଥିଲା। ଏହି ମେଳାରେ ସମୁଦାୟ ୪୭ଟି ଷ୍ଟଲ୍ ପ୍ରଦର୍ଶନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୋ ସମ୍ପଦ, ଛେଳି, ମେଣ୍ଢା, ଘୁଷୁରୀ, ମଇଁଷି, କୁକୁଡ଼ା ବତକ, ଗୁଣ୍ଡୁରି ଚଢ଼େଇ ଆଦି ପ୍ରଦର୍ଶନ କରାଯାଇଥିଲା। ସେହିପରି ମତ୍ସ୍ୟ ବିଭାଗ ତରଫରୁ ବାୟୋଫ୍ଲକ୍ସ, କୁଣ୍ଡ ଓ ପୋଖରୀ ଯୋଜନାରେ ମାଛ ଚାଷ ପ୍ରଣାଳୀ ଏବଂ କୃଷି ବିଭାଗ ଦ୍ୱାରା ମାଣ୍ଡିଆ ଓ ଅନ୍ୟାନ୍ୟ ମୁଖ୍ୟ ଖାଦ୍ୟ ଶସ୍ୟ ସମ୍ବନ୍ଧରେ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଘୋଷିକା କାଦମ୍ବିନୀ କରଶର୍ମା ଓ ମାନସୀ ମିଶ୍ର ସୁନ୍ଦର ଭାବେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ମତ୍ସ୍ୟ ଚାଷ ଓ ପ୍ରାଣୀ ସମ୍ପଦ ଯୋଜନାରେ ହିତାଧିକାରୀମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଓ ସବସିଡ୍ ବିଷୟରେ ସଚେତନତା ଉଦ୍ଦେଶ୍ୟରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ସାଂସ୍କୃତିକ ଦଳ ଏବଂ ଜିଲ୍ଲାକଳା ସଂସ୍କୃତି ସଂଘ ଦ୍ୱାରା ପ୍ରେରିତ ସାଂସ୍କୃତିକ ଦଳ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମତ୍ସ୍ୟ ଚାଷୀ ୨ ଜଣ ଓ ପ୍ରାଣୀପାଳକ ୨ ଜଣଙ୍କୁ ଆର୍ଥିକ ପୁରସ୍କାର ୫ ହଜାର ଟଙ୍କା ସହ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ମାଛ ଜାଆଁଳା ଉତ୍ପାଦନରେ ସଫଳତା ପାଇଁ ଭଣ୍ଡାରିପୋଖରୀର ଚାଷୀ ଟିଏସ୍ ମାହେଶ୍ୱରୀ, ଭଦ୍ରକର ମତ୍ସ୍ୟ ପୋଖରୀରେ ସଫଳତା ପାଇଁ ବିଜୟାନନ୍ଦ ପଣ୍ଡା, ପ୍ରାଣୀ ସମ୍ପଦ କ୍ଷେତ୍ରରେ ଛୋଟ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଛେଳି ପାଳନ ପାଇଁ କୋଠାରର ପଙ୍କଜ ଦାସ, ଗୋପାଳନ ପାଇଁ ମୁସାଙ୍ଗ ତିହିଡ଼ିର ସତ୍ୟଜିତ୍ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସହକାରୀ ନିର୍ଦ୍ଦେଶକ କୃଷି ଶ୍ରୀଧର ଦାସ ପ୍ରମୁଖ ଏହି ମେଳା ଆୟୋଜନ ଓ ପରିଚାଳନା ନେଇ ଆନୁସଙ୍ଗିକ ଦାୟିତ୍ୱ ନିର୍ବାହ କରିଥିଲେ।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ବାସୁଦେବପୁର, ୨୫ ।୧୧(ସମିସ):** ବାସୁଦେବପୁର ତହସିଲ ଅନ୍ତର୍ଗତ ନାୟକାଣିଡିହୀରେ ଭୟାବହ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଧନସମ୍ପତ୍ତି ପୋଡି ପାଉଁସ ହୋଇ ଯାଇଥିବା ସୂଚନା ରହିଛି। ଅଗ୍ନି ବିପନ୍ନ ହରିହର ବାରିକଙ୍କ ପରିବାର ସର୍ବସ୍ୱ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଗତ ଶୁକ୍ରବାର ରାତିରେ ହରିହରଙ୍କ ଚାଳ ଛପର ଘରଟିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁ ଚାହୁଁ ନିଆଁ ଘରର ଚାରି ପଟକୁ ବ୍ୟାପି ଯାଇଥିଲା। ନିମିଷେକ ମଧ୍ୟରେ ନିଆଁ ଘରକୁ ସମ୍ପୂର୍ଣ୍ଣ ଗ୍ରାସି ଯିବା ସହିତ ମହଜୁଦ ଥିବା ସମସ୍ତ ସୁନା ଅଳଙ୍କାର ସହ ନଗଦ ଟଙ୍କା ପୋଡି ଛାରଖାର ହୋଇ ଯାଇଛି। ଖବର ପାଇ ବାସୁଦେବପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ବି ସେତେବେଳକୁ ସବୁ କିଛି ନିଆଁର ଆଁରେ ଭଷ୍ମିଭୂତ ହୋଇ ଯାଇଛି। ବିପନ୍ନ ହରିହରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଭଦ୍ରକ, ୨୫ ।୧୧(ସମିସ):** ଭଦ୍ରକ ସହରାଞ୍ଚଳ ୧୧ନମ୍ବର ୱାର୍ଡ ଅଧୀନ ନରୀପୁର ଗାଁର ଧର୍ମପ୍ରାଣା ମହିଳା ତଥା ଭଦ୍ରକ ଆର୍‌ଏମ୍‌ସିର ଅବସରପ୍ରାପ୍ତ କର୍ମଚାରୀ ସ୍ନେହଲତା ପଣ୍ଡାଙ୍କ ଆଜି ପୂର୍ବାହ୍ନ ସାଢେ ୧୦ଟା ବେଳେ ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ବର୍ଷ ବୟସ ହୋଇଥିଲା। ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ରାଜେଶ ପଣ୍ଡା, ସାନପୁଅ ରାକେଶ ପଣ୍ଡା, ବଡବୋହୂ ଲକ୍ଷ୍ମୀବାୟୀ ପଣ୍ଡା, ସାନବୋହୂ ଅମ୍ରିତା ପଣ୍ଡାଙ୍କ ସମେତ ନାତୁଣୀ ଓ ପରିବାବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ୧୧ନମ୍ବର ୱାର୍ଡ କାଉନସିଲରଙ୍କ ପ୍ରତିନିଧି ଯୁବନେତା ସୂର୍ଯ୍ୟକୁମାର ଦାସ, ପ୍ରାକ୍ତନ କାଉନସିଲର ଗଜେନ୍ଦ୍ର ପଣ୍ଡା, ରମ୍ଭିଳା ସରପଞ୍ଚ ତଥା ତାଙ୍କ ସମୁଦୀ ଗଣେଶ ପଣ୍ଡା, ଭାଇ କିଶୋର ପଟ୍ଟନାୟକ, ଯୁବନେତା ସନିଆ ନନ୍ଦ, ସାମ୍ବାଦିକ ଶଶୀଭୂଷଣ ସ୍ୱାମୀ, ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ର, ଏସ୍‌କେ ଫିତର, ଆଶୁତୋଷ ପଣ୍ଡା, ଭଗବାନ ରାଉଳ, ସୌଭାଗ୍ୟ ଦାସ, ଦିପୁ ସାହୁ, ଦୀପେନ ବଳ, ଯୁଗଳ ବାରିକ ଓ ଟୁକୁ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗାନ୍ଧୀ ପଡ଼ିଆସ୍ଥିତ ଶ୍ମଶାନଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ରାଜେଶ ମୁଖାଗ୍ନି ଦେଇଥିଲେ।

# ସୁରଭିରେ ଦ୍ୱିତୀୟ ହୋଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, ୨୫।୧୨(ସମିସ): ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁଉତ୍ସବ 'ସୁରଭି'ରେ କୃତିତ୍ୱ ଅର୍ଜନ କରିଥିବା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାଟୁଳି ଗ୍ରାମର କନ୍ୟା ତଥା କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀର ଛାତ୍ରୀ ଚୁମୁକି ପାଲଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ବିଧାୟକଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇ, ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ନିଳାମ୍ବର ରାଉତ, ହେମନ୍ତ ଜେନା, ରାଜେଶ ବାରିକ, ପୂର୍ବତନ ସରପଞ୍ଚ ସୁବାସ ସାମଲ, ଅଭୟ ବେହେରା, କମଳାକାନ୍ତ ପରିଡ଼ା, ମନୋଜ ଜେନା, ମନୋଜ କୁମାର ସାହୁ, ଦୁଃଶାସନ ପାଲ, ସୁଦର୍ଶନ ବେହେରା, ରଘୁନାଥ ରାଉତ ପ୍ରମୁଖ ଚମୁକିକୁ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟସ୍ତରୀୟ ସୁରଭି ଉତ୍ସବରେ ଅନୁଷ୍ଠିତ 'ମିଲେଟ' ଆଧାରିତ ପ୍ରବନ୍ଧ ପ୍ରତିଯୋଗୀତାରେ ଚୁମୁକି ୨ୟ ସ୍ଥାନ ହାସଲ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର




**ଭଦ୍ରକ, ୨୫ ।୧୧(ସମିସ):** ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଭଦ୍ରକ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ମଞ୍ଜୁଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅତୁଳ କୁମାର ରାୟ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଭଦ୍ରକ ଡାକ ବିଭାଗର ଅଧିକାରୀ ଶୋଭନ କୁମାର ମହାନ୍ତି ଲୋକମାନେ ତାଙ୍କର କଷ୍ଟଲବ୍ଧ ଧନକୁ ଡାକଘର କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ଜମାରଖି ସୁରକ୍ଷିତ୍ ରହିବା ନେଇ ପରାମର୍ଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ବ୍ୟାଙ୍କସେବା ସହାୟତା କେନ୍ଦ୍ର ଖୋଲିବା ସଙ୍ଗେ ସଙ୍ଗେ ଜନସାଧାରଣ କିପରି ଭାବରେ ସାଇବର ଠକାମିରୁ ନିଜକୁ ସୁରକ୍ଷା ଦେଇପାରିବେ ମତବିନିମୟ ଜରିଆରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ପ୍ରାୟ ୧୦୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅର୍ଥବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ଅଧ୍ୟାପିକା ରଶ୍ମିରେଖା ସୋରେନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛରେ ଝୁଲୁଛି ଯୁବକର ମୃତଦେହ

**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ, ୨୫।୧୧(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋରିଗାଁ ପଞ୍ଚାୟତ ଷଠଗାଁ ଗ୍ରାମ ଗେଙ୍ଗୁଟି ନଦୀ ପଠା ଗଛରେ ଜଣେ ଯୁବକର ମୃତଦେହ ଝୁଲୁଥିବା ଜଣାଯାଇଛି। ତଳେ ଜୋତା ପଡ଼ିଛି। ନାଲି ଗାମୁଛାକୁ ରଶୀ ଭାବେ ବେକରେ ବାନ୍ଧି ପ୍ୟାଣ୍ଟସାର୍ଟ ପିନ୍ଧା ଯୁବକ ଗଛରେ ଝୁଲୁଛି। ଶନିବାର ଅପରାହ୍ନ ପ୍ରାୟ ୩ଟା ବେଳୁ ଏଭଳି ଘଟଣା ଘଟିଥିବା ଜଣାଯାଇଛି। ସମ୍ପୃକ୍ତ ଯୁବକ ଯାଜପୁର ଜିଲ୍ଲା ବିଦ୍ୟାଧରପୁର ନିକଟ ଟିପରା ଗ୍ରାମର ହୃଷିକେଶ ଷଡ଼ଙ୍ଗୀଙ୍କ ୩୨ ବର୍ଷୀୟ ପୁଅ ରଞ୍ଜନ ବୋଲି ପରିଚୟ ମିଳିଛି। ମୃତକ ବିରୋଳିଶାସନ ଗ୍ରାମର ରାମକୃଷ୍ଣ ପଣ୍ଡାଙ୍କ ଜ୍ୱାଇଁ ଅଟେ। ସମ୍ପୃକ୍ତ ଯୁବକ ସର୍ବଦା ନିଶାଶକ୍ତ ରହୁଥିଲା। ଏଥିଯୋଗୁଁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା ଲାଗିରହୁଥିଲା। ରଞ୍ଜନ ମାରଧର କରୁଥିବାରୁ ପତ୍ନୀ ୨ ପିଲାକୁ ନେଇ ଯାଜପୁରରେ ଭଡ଼ାଘରେ ରହୁଥିଲା। ରଞ୍ଜନ ବାରମ୍ବାର ଶ୍ୱଶୁର ଘରକୁ ଆସି ଧମକଚମକ ଦେଉଥିଲା। ଶନିବାର ଶ୍ୱଶୁର ଘରକୁ ଆସି ଫେରିଯାଇ ରଶୀ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାଯାଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ କୌଣସି ଅଭିଯୋଗ ଥାନାରେ ହୋଇନଥିବା ଜଣାଯାଇଛି।

# ଭଦ୍ରକରେ ୧.୭୧ ଲକ୍ଷ ପଞ୍ଜିକୃତ ଶ୍ରମିକ

**ଅଣସଙ୍ଗଠିତ ଶ୍ରମିକଙ୍କ ସଂଖ୍ୟା ୧୧, ୩୨୬**

**ଭଦ୍ରକ, ୨୫ ।୧୧(ସମିସ):** ଭଦ୍ରକ ଜିଲ୍ଲାରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ମୋଟ ୧ଲକ୍ଷ ୫୯ହଜାର ୮୯୭ଜଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ସେହିଭଳି ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ବିଭିନ୍ନ ବର୍ଗର ୧୧ହଜାର ୩୨୬ଜଣ ଅଣସଙ୍ଗଠିତ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ମୋଟାମୋଟି କହିବାକୁ ଗଲେ ଜିଲ୍ଲାରେ ସମୁଦାୟ ପଞ୍ଜିକୃତ ଶ୍ରମିକଙ୍କ ସଂଖ୍ୟା ୧ଲକ୍ଷ ୭୧ହଜାର ୨୨୩। ଗତ ୨୩ତାରିଖରେ ଓଡ଼ିଶା ବିଧାନସଭାରେ ଭଦ୍ରକ ବିଧାୟକ ସଞ୍ଜିବ କୁମାର ମଲ୍ଲିକଙ୍କ ତାରକା ପ୍ରଶ୍ନ(୭୬)ର ଉତ୍ତରରେ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି। ଉକ୍ତ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସଂଖ୍ୟା ୧ଲକ୍ଷ ୫୯ହଜାର ୮୯୭, ବୁଲା ବିକାଳିଙ୍କ ସଂଖ୍ୟା ୭୮୩, କ୍ଷୁଦ୍ର ବ୍ୟବସାୟୀଙ୍କ ସଂଖ୍ୟା ୨୨୦୦ଜଣ, ଘରୋଇ ଶ୍ରମିକଙ୍କ ସଂଖ୍ୟା ୨୯୧୪, ରିକ୍ସା ଚାଳକଙ୍କ ସଂଖ୍ୟା ୭୯, ଅଟୋ ଡ୍ରାଇଭରଙ୍କ ସଂଖ୍ୟା ୪୯୫ଜଣ, ମୋଚିଙ୍କ ସଂଖ୍ୟା ୧, କୃଷି ଶ୍ରମିକଙ୍କ ସଂଖ୍ୟା ୪୩୯୭, ଜଙ୍ଗଲରେ କାର୍ଯ୍ୟରତ ଶ୍ରମିକଙ୍କ ସଂଖ୍ୟା ୧୯୫ଜଣ, ଖବର କାଗଜ ହକ୍‌ରଙ୍କ ସଂଖ୍ୟା ୨୫୮ଜଣ ଓ ସଫେଇ କର୍ମଚାରୀଙ୍କ ସଂଖ୍ୟା ୪। ମୋଟ ପଞ୍ଜିକୃତ ଶ୍ରମିକଙ୍କ ସଂଖ୍ୟା ୧ଲକ୍ଷ ୭୧ହଜାର ୨୨୩ଜଣ। ସେହିଭଳି ଉପରୋକ୍ତ ବର୍ଗର ପଞ୍ଜିକୃତ ଶ୍ରମିକଙ୍କ ଲାଗି ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଗୁଡିକ ସମ୍ପର୍କରେ ସୂଚନା ଦେବାକୁ ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଦେଇଥିବା ତଥ୍ୟାନୁଯାୟୀ, ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୨ଲକ୍ଷ ଟଙ୍କା (ସାଧାରଣ ମୃତ୍ୟୁ), ଦୁର୍ଘଟଣାଜନିତ ମୃତ୍ୟୁ ପାଇ ୪ଲକ୍ଷ ଟଙ୍କା, ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଅକ୍ଷମତା ବାବଦକୁ ୧ଲକ୍ଷ ୫୦ହଜାର ଟଙ୍କା, ଦୁଇଟି ଅଙ୍ଗ ହରାଇ ଆଂଶିକ ଅକ୍ଷମତା ବାବଦକୁ ୮୦ହଜାର ଟଙ୍କା, ଗୋଟିଏ ଅରାଇ ଆଂଶିକ ଅକ୍ଷମତା ବାବଦକୁ ୪୦ହଜାର ଟଙ୍କା ସହାୟତା ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ମିଳୁଥିବା ଜଣାଯାଇଛି।

# ଜୀବନବିନ୍ଦୁରେ ୭୨ୟୁନିଟ୍ ରକ୍ତ ସଂଗ୍ରହ




**ଭଦ୍ରକ, ୨୫ ।୧୧(ସମିସ):** ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆଜି ଭଦ୍ରକ ବ୍ଲକ ଅନ୍ତର୍ଗତ ଅର୍ଣ୍ଣପାଳ ଗ୍ରାମ ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିର ରକ୍ତଦାନ ଶିବିରକୁ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ରକ୍ତଦାନ ଜୀବନ ।ନ, ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏଭଳି ଏକ ଛୋଟ ପ୍ରୟାସ ହିଁ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକ ରକ୍ତାଦାତା ତଥା ଆୟୋଜକମାନଙ୍କୁ କହିବା ସହ ପ୍ରଶଂସା କରିଥିଲେ। ଏହି ରକ୍ତଦାନ ଶିବିରରେ ୭୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ବନବିଭାଗ ହେପାଜତରେ ହାତୀ

ମଞ୍ଜୁରୀରୋଡ, ୨୫ ।୧୧(ସମିସ): ତିନିଦିନ ଧରି ବନ୍ତ, ଭଣ୍ଡାରିପୋଖରୀ ଦେଇ ଯାଇଥିବା ବଣୁଆ ହାତୀଟି ଆଜି ଯାଜପୁର ଜିଲ୍ଲାରୁ ଧରାପଡ଼ିଛି। ପ୍ରଥମେ ହାତୀଟି ନାଆମୀ ଅଞ୍ଚଳକୁ ଆସିଥିବା ବେଳେ ଗତ ଦୁଇଦିନ ହେବ ଗୋବିନ୍ଦପୁର, ସାନଶାସନ, ଦକ୍ଷିଣବାଡ଼, ବନ୍ଧାବନାପୁର, ସରସଦା, ରହଣିଆ, କୁରିଗାଁ ପଞ୍ଚାୟତ ଅଞ୍ଚଳ ଅତିକ୍ରମ କରିବା ପରେ ଶନିବାର ସକାଳୁ ବୈତରଣୀ ନଦୀର ସିଦ୍ଧେଶ୍ୱରଘାଟ ଦେଇ ଯାଜପୁର ଜିଲ୍ଲାକୁ ପ୍ରବେଶ କରିଥିଲା। ସେଠାରେ ଦିନତମାମ ହାତୀ ପ୍ରଶାସନକୁ ନାକେଦମ କରିଥିଲା। ଅପରାହ୍ନ ପ୍ରାୟ ୩ଟା ବେଳେ ଜଙ୍ଗଲ ବିଭାଗ ଓ ସ୍ଥାନୀୟ ପୁଲିସ ମିଳିତ ଉଦ୍ୟମରେ ହାତୀଟିକୁ ନିସ୍ତେଜ କରାଯାଇ ଆୟତ୍ତକୁ ଅଣାଯାଇଥିଲା ପରେ ନନ୍ଦନକାନନକୁ ଗଜରାଜ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି।

## କଲେକ୍ଟରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ପୁଲିସ୍ ଦଳ ବିଜେତା; ନିବନ୍ଧକ ଦଳ ଉପବିଜେତା





**ଭଦ୍ରକ, ୨୫ ।୧୧(ସମିସ):** ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ୩ ଦିନିଆ ଭଦ୍ରକ କଲେକ୍ଟରେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ୨ଟି ସେମି ଫାଇନାଲ ସହିତ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ଅଧିନାୟକତ୍ୱରେ ଜିଲ୍ଲା ପୁଲିସ୍ ଦଳ ଦମ୍‌ଦାର ଖେଳ ପ୍ରଦର୍ଶନ କରି ପ୍ରତିପକ୍ଷ ଦଳ ଜିଲ୍ଲା ନିବନ୍ଧକ କର୍ମଚାରୀ ଟିମ୍‌କୁ ୧୬ ରନ୍‌ରେ ପରାସ୍ତ କରି କପ୍ ହାସଲ କରିଥିଲା। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଓ ୩ ଦିନ ଧରି ସମସ୍ତ ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ତୁଲାଇଥିବା ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ କପ୍ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଡିଆର୍‌ଏସ୍‌ଟିମ୍ ଟସ୍ ଜିଣି ପ୍ରତିପକ୍ଷ ଦଳକୁ ବ୍ୟାଟିଂ କରିବା ପାଇଁ ସୁଯୋଗ ଦେଇଥିଲେ। ପୁଲିସ୍ ଟିମ୍‌ର ସୁଦାମ ମଲ୍ଲିକ୍ ମ୍ୟାନ ଅଫ ଦି ଫାଇନାଲ କପ୍ ଗ୍ରହଣ କରିଥିଲେ। ପୂର୍ବ ଦୁଇଦିନରେ ୬ଟି ଲିଗ୍ ମ୍ୟାଚ୍ ୮ ଓଭର ବିଶିଷ୍ଟ ଥିବା ବେଳେ ଶେଷ ଦିନରେ ୨ଟି ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ୧୦ ଓଭର ବିଶିଷ୍ଟ ଖେଳାଯାଇଥିଲା। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିବନ୍ଧକ ମଧ୍ୟରେ ଏବଂ ପୁଲିସ ଟିମ ଓ ରାଜସ୍ୱ କ୍ଷେତ୍ର କର୍ମଚାରୀ ଟିମ୍ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଶ୍ରୀକାନ୍ତ ରାୟ ୩ ଦିନରେ ଅନୁଷ୍ଠିତ ସମସ୍ତ ମ୍ୟାଚର ଧାରା ବିବରଣୀ ପରିବେଷଣ କରିଥିଲେ। ନିର୍ନେକ ଘୋଷ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। କଲେକ୍ଟରେଟ୍ କର୍ମଚାରୀ କମିଟିର ସଭାପତି ଅମୂଲ୍ୟ କୁମାର ସାହୁ, ସମ୍ପାଦକ ସରୋଜ ମଲ୍ଲିକ୍ ଓ ଅନ୍ୟତମ ସଦସ୍ୟ ଭାବେ ଶ୍ୟାମସୁନ୍ଦର ଜେନା, ଆବୁ ଫେଜ, ଦିଲ୍ଲୀପ ସାମଲ, ମାନସ ଦାସ, ଇତୁଲ ଘୋଷ, ମହେଶ୍ୱର ରାଉତ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଦୋବଲ, ୨୫ ।୧୧(ସମିସ):** ଧାମନଗର ମହାବିଦ୍ୟାଳୟ ପରିସରରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏ ନେଇ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମହାବିଦ୍ୟାଳୟରେ ଅନୁଷ୍ଠିତ ସଭା ରେ ଧାମନଗର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବନମାଳୀ ଦାଶ, ଅଧ୍ୟାପକ ସମୀର ହୁଇ, ପ୍ରଦୀପ୍ତ ରାୟ ଯୋଗଦେଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ରେ ରାଜ୍ୟ ସରକାର ଯୋଜନା ମାନ ପ୍ରଣୟନ କରିଛନ୍ତି। ରାଜ୍ୟ ସରକାରଙ୍କ ସଂସ୍କୃତି ଓ କ୍ରୀଡା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପ୍ରତି ଯୋଗୀତା ମାନ କରାଯାଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରାଧ୍ୟାପକ ଏମଡି ଇସ୍ରାଇଲି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ସାଜିଆ ଟମକିନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଆଶିଷ ସ୍ୱାଇଁ, ସ୍ମରଣିକା ପ୍ରଧାନ, ମନୋଜ କର, ବାସ୍ତବିକା ଦାସ, ସୁଶ୍ରୀ ସଙ୍ଗୀତା ନାୟକ, ଅଞ୍ଜନ ନାୟକ, ଚିନ୍ମୟ ଜେନା, ପ୍ରମୁଖ ପରିଚାଳନ କରିଥିଲେ। ଅଧ୍ୟାପକ ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଦ୍ଧାରିତ ସମୟରେ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା




**ଆଗରପଡ଼ା, ୨୫ ।୧୧(ସମିସ):** ଗତ ରବିବାର 'ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର; ଫାର୍ମାସିଷ୍ଟଙ୍କ ହାତରେ ରୋଗୀ ସେବା' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଅଭିଯୋଗ ଅନୁଯାୟୀ ସପ୍ତାହର ପ୍ରତି ଶନିବାର ରୋଗୀ ସେବାରେ ଦେଖା ଯାଉଥିବା ସମସ୍ୟାର ଅନ୍ତ ଘଟିଥିବାର ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଚଳିତ ସପ୍ତାହର ଶନିବାର ନିର୍ଦ୍ଧାରିତ ସମୟାନୁସାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞଙ୍କ ସମେତ ସର୍ଜରୀ ବିଭାଗ ବିଶେଷଜ୍ଞ ନିଜକୁ ରୋଗୀ ସେବାରେ ନିୟୋଜିତ କରିଥିଲେ। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର ଅର୍ଥରେ ସ୍ୱାସ୍ଥ୍ୟ କେନ୍ଦ୍ର ଭିତ୍ତିଭୂମି ଉନ୍ନତିର କାର୍ଯ୍ୟ ଚାଲିଛି। କିନ୍ତୁ ଏଠାରେ ଡାକ୍ତରଙ୍କ ପରିବର୍ତ୍ତେ ଫାର୍ମାସିଷ୍ଟ ରୋଗୀ ସେବା କରିବା ଆଲୋଚନାର ବିଷୟ ପାଲଟିଥିଲା। ଗତ ୧୮ ତାରିଖ ଶନିବାର ସକାଳେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ପାଖାପାଖି ୧୫୦ଜଣ ରୋଗୀ ନାମ ପଞ୍ଜୀକରଣ କରିଥିବା ସ୍ଥଳେ ବହିଃବିଭାଗ(ଓପିଡ଼ି)ରେ କୌଣସି ଡାକ୍ତର ଉପସ୍ଥିତ ନଥିବା ହେତୁ ଫାର୍ମାସିଷ୍ଟ ଡାକ୍ତରଙ୍କ କାର୍ଯ୍ୟକକ୍ଷରେ ରୋଗୀ ସେବା କରୁଥିବାର ଦେଖିବାକୁ ମିଳିଥିଲା। ଉକ୍ତ ସମସ୍ୟାକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଭାରାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଏହାର କାରଣ ଖୋଜିବାରେ ଲାଗିପଡ଼ିଥିବା ବେଳେ ରୋଗୀ ସେବା ନିମନ୍ତେ ନିୟୋଜିତ ଡାକ୍ତର ୨ଘଣ୍ଟା ବିଳମ୍ବରେ ଆସି ରୋଗୀ ସେବା ଆରମ୍ଭ କରିଥିବା ବେଳେ ଅନ୍ୟ ଜଣେ ଡାକ୍ତର ବିଳମ୍ବର ବିଭିନ୍ନ କାରଣ ବଖାଣିବାରେ ଲାଗିଥିଲେ।

# ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି

**ଭୁବନେଶ୍ୱର,୨୫ ।୧୧(ସମିସ):** ଦୁଇ ଦିନିଆ କାର୍ଯ୍ୟକ୍ରମରେ ଆସନ୍ତାକାଲି (ରବିବାର) ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରଦ୍ୱୀପରେ ହେବାକୁ ଥିବା ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସନ୍ଧ୍ୟା ୬ଟାରେ ଶ୍ରୀମତୀ ମୁର୍ମୁ



ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ସିଧା ରାଜଭବନକୁ ଯାଇ ସେଠାରେ ରାତ୍ରିଯାପନ କରିବାର କାର୍ଯ୍ୟସୂଚୀ ରହିଛି। ୨୭ ତାରିଖ ଆର୍ଥାତ୍ ସୋମବାର ଦିନ ପାରଦ୍ୱୀପ ଯାଇ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାକୁ ଦୃଷ୍ଟିରେ ରଖି କମିସନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିମାନବନ୍ଦରରୁ ଆରମ୍ଭ କରି ରାଜଭବନ ପର୍ଯ୍ୟନ୍ତ ରୁଟ୍ ଲାଇନ୍‌ର ସୁରକ୍ଷାକୁ ଦି'ଗୁଣା କରାଯିବ। ଆଜି କାରକେଡ୍ ରିହର୍ସାଲ କରାଯାଇଛି। ମହାମହିମଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ଲାଗି ୧୬ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ। ଏଥିସହିତ ଡିସିପି ଓ ଅତିରିକ୍ତ ଡିସିପି ୫ଜଣ,

- ସୁରକ୍ଷା ଦାୟିତ୍ୱରେ ୧୬ ପ୍ଲାଟୁନ ଫୋର୍ସ
- ରାଜଭବନରେ ରାତ୍ରିଯାପନ ବ୍ୟବସ୍ଥା

୧୧ଜଣ ଏସିପି, ୧୮ଜଣ ଇନ୍ସପେକ୍ଟର, ୭୧ଜଣ ଏସ୍‌ଆଇ/ଏଏସ୍‌ଆଇ, ହାବିଲଦାର ଓ କନଷ୍ଟେବଳ ମିଶାଇ ୧୪୭ଜଣ, ଦୁଇ ୟୁନିଟ୍ ଏସ୍‌ଟିୟୁ, ୫୬ଜଣ ଗୃହରକ୍ଷୀ ଓ ୨୦ ଜଣ ମହିଳା କନଷ୍ଟେବଳଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେହିପରି ଏୟାରପୋର୍ଟ ଓ ରାଜଭବନରେ ଆହୁରି ସୁରକ୍ଷାକୁ କଡାକଡି କରିବା ଲାଗି ଦୁଇଟି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପାରଦ୍ୱୀପ କାର୍ଯ୍ୟକ୍ରମ ସାରି ସୋମବାର ଅପରାହ୍ଣରେ ରାଷ୍ଟ୍ରପତି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି କାର୍ଯ୍ୟସୂଚୀରେ ସ୍ଥିର କରାଯାଇଛି।

# '୫-ଟି' ଅଧ୍ୟକ୍ଷଙ୍କୁ ଭେଟିଲେ ଓଡ଼ିଶା ମନ୍ଦିର ସେବାୟତ ସଂଘ

- ମନ୍ଦିର ଓ ଐତିହ୍ୟସ୍ଥଳ ରୂପାନ୍ତର କାମ ପାଇଁ ଜଣାଇଲେ ଧନ୍ୟବାଦ
- ମନ୍ଦିର ରୂପାନ୍ତର କାମ ପାଇଁ ସହଯୋଗ ଲୋଡ଼ିଲେ ୫-ଟି ଅଧ୍ୟକ୍ଷ



**ଭୁବନେଶ୍ୱର,୨୫ ।୧୧(ସମିସ):** ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭାବେ ନିଯୁକ୍ତ ହେବା ପରେ ଭିକେ ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛା ଏବଂ ସମ୍ବର୍ଦ୍ଧନା ପ୍ରଦାନ ପର୍ବ ଜାରି ରହିଛି। ପ୍ରତିଦିନ ହଜାର ହଜାର ବ୍ୟକ୍ତି ତଥା ସଂଗଠନର କର୍ମକର୍ତ୍ତା ଶ୍ରୀ ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ଏହିକ୍ରମରେ ଶନିବାର ଓଡ଼ିଶା ମନ୍ଦିର ସେବାୟତ ସଂଘର ସଦସ୍ୟମାନେ '୫-ଟି' ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ୍‌ଙ୍କୁ ନବୀନ ନିବାସ ରେ ଭେଟିଛନ୍ତି। '୫-ଟି' ଉପକ୍ରମରେ ରାଜ୍ୟର ବିଭିନ୍ନ ମନ୍ଦିର ଓ ଐତିହ୍ୟସ୍ଥଳ ଗୁଡ଼ିକର ରୂପାନ୍ତର ଉଦ୍ୟମ ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ଗ୍ରାମାଞ୍ଚଳରେ ଥିବା ଛୋଟ ଛୋଟ ମନ୍ଦିର ମାନଙ୍କୁ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଅର୍ଥରାଶି ମଞ୍ଜୁର କରି ଭାରତ ବର୍ଷରେ ନୂଆ ଏକ ପରିଚୟ ସୃଷ୍ଟି କରିଥିବାରୁ ଓଡ଼ିଶାର ସମସ୍ତ ସେବାୟତମାନେ କୃତଜ୍ଞତା ପ୍ରକାଶ କରିଛନ୍ତି।

ଏହି ଅବସରରେ ୫ -ଟି ଅଧ୍ୟକ୍ଷ ଆଗାମୀ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଶୁଭ ଉଦଘାଟନ ଉତ୍ସବରେ ଓଡ଼ିଶା ମନ୍ଦିର ସେବାୟତ ସଂଘର ସମ୍ପୂର୍ଣ୍ଣ ସହଯୋଗ କାମନା କରିବା ସହ ଏହି କାର୍ଯ୍ୟକ୍ରମକୁ କିପରି ଭବ୍ୟ କରାଯିବ ସେ ବିଷୟରେ ଆଲୋଚନା କରିଛନ୍ତି। ଆଜି ଓଡ଼ିଶା ମନ୍ଦିର ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ (ବାରିପଦା ଜଗନ୍ନାଥ ମନ୍ଦିର), ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ(ସାକ୍ଷୀଗୋପାଳ ମନ୍ଦିର), ସଂଯୋଜକ ଦେବୀ ପାଣି (ବିରଜା ମନ୍ଦିର), ସଚେତକ ସୁବାଷ ମିଶ୍ର (ଶ୍ରୀ ଗୋପାଳ ମନ୍ଦିର), ନିଳମଣି ସୂଆର (ଅଲାରନାଥ ମନ୍ଦିର), ଗଦା ନନା (ଆଖଣ୍ଡଳମଣି ମନ୍ଦିର), ପୁଣ୍ୟଶ୍ଳୋକ ନନ୍ଦ(ନୀଳଗିରି ଜଗନ୍ନାଥ ମନ୍ଦିର) ରଞ୍ଜିତ ମହାପାତ୍ର(ଶିରୁଳୀ ମହାବୀର ମନ୍ଦିର), ସୂର୍ଯ୍ୟ ନାରାୟଣ ପଣ୍ଡା (କାକଟପୁର୍ ମନ୍ଦିର), ବାପୁଜୀ ରଣା (ତାରା ତାରେଣୀ ମନ୍ଦିର), ରଞ୍ଜନ ପଣ୍ଡା (ମଣିନାଗ ମନ୍ଦିର), ମହାରୁଦ୍ର ଝା (ରାମମନ୍ଦିର), ସାଇ ରାମ୍ ଗାନ୍ଧି (ବେନ୍ତୁ ପଡ଼ା ମଠ) ପ୍ରମୁଖ ସାମିଲ୍ ହୋଇଥିଲେ।

■ ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିନ

# ଉପନ୍ୟାସ ଲେଖା ଓ ଭକ୍ତି ସାହିତ୍ୟ ଉପରେ ଆଲୋଚନା






**ଭୁବନେଶ୍ୱର,୨୫।୧୧(ସମିସ):** ଦ୍ୱିତୀୟ ସୋଆ ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିନରେ ପର୍ଯ୍ୟାୟକ୍ରମେ ସାହିତ୍ୟର ବିଭିନ୍ନ ବର୍ଗକୁ ନେଇ ଅନୁଷ୍ଠିତ ହୋଇଛି ଆଲୋଚନାଚକ୍ର। 'ଭାରତୀୟ ସଂସ୍କୃତି, ସମାଜ ଓ ସାହିତ୍ୟ, ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ସର୍ବଭାରତୀସ୍ତରର ବହୁ ସାହିତ୍ୟିକ, ଔପନ୍ୟାସିକ, କବି ଅଂଶଗ୍ରହଣ କରିଥିଲେ। ଉପନ୍ୟାସ ସଂକ୍ରାନ୍ତ ଆଲୋଚନାଚକ୍ରରେ ମୁକୁଳ କୁମାର, ଲିପିପୁଷ୍ପା ନାୟକ, ଚନ୍ଦ୍ରହାସ ଚୈଦୁରୀ ପ୍ରମୁଖ ବିଭିନ୍ନ ପୃଷ୍ଠଭୂମିରେ ଏହାର ଲିଖନ ଶୈଳୀ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦାମୋଦର ମୌଜୋ ଅଧ୍ୟକ୍ଷତା କରିଥିଲେ। ସେହିପରି ପରବର୍ତ୍ତୀ ଅଧିବେଶନରେ ଭାରତରେ ଭକ୍ତି ସାହିତ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏଥିରେ ଏମ.ଏ ଅଲୱର, ପ୍ରଣବ ଖୁଲ୍ଲର, ପ୍ରଦୀପ ଜ୍ୟୋତି ମହାନ୍ତ, ବିନାୟକ ବନ୍ଦୋପାଧ୍ୟାୟ, ବିଷ୍ଣୁପଦ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାଳୀ ଦାସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଦେଶର ବିଭିନ୍ନ ଭକ୍ତି ସାହିତ୍ୟ ସମ୍ବନ୍ଧିତ ଲେଖା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ସୋଆ ସାହିତ୍ୟ ଉତ୍ସବରେ ଜୟନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

# 'ଜୟନ୍ତ ଇଂରାଜୀ କବିତା ଜଗତର ଆଲୋକବର୍ତ୍ତିକା'

**ଭୁବନେଶ୍ୱର, ୨୫ ।୧୧(ସମିସ):** ଦ୍ୱିତୀୟ ସୋଆ ସାହିତ୍ୟ ଉତ୍ସବରେ ପ୍ରଖ୍ୟାତ ଭାରତୀୟ ଇଂରାଜୀ କବି ଦିବଂଗତ ଜୟନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଜାତୀୟସ୍ତରର ବହୁ ବିଶିଷ୍ଟ କବି ଓ ଲେଖକମାନେ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କୁ ଭାରତୀୟ ଇଂରାଜୀ କବିତା ଜଗତର 'କିମ୍ବଦନ୍ତୀ' ତଥା 'ଆଲୋକ ବର୍ତ୍ତିକା' ଭାବରେ ବର୍ଣ୍ଣନା କରିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟକ୍ଷତା କରି ବିଶିଷ୍ଟ କବି ସ୍ୱୀକ୍ରିତା ପଲ୍ କୁମାର କହିଛନ୍ତି ଯେ ଜୟନ୍ତ ମହାପାତ୍ର ତାଙ୍କ ପଛରେ ସାହିତ୍ୟର ଏକ ବିଶାଳ ଧାରା ଛାଡ଼ି ଚାଲି ଯାଇଛନ୍ତି। ଆରମ୍ଭରେ ତାଙ୍କ ଲେଖାକୁ ଭାରତରେ ଉପଯୁକ୍ତ ଗୁରୁତ୍ୱ ଦିଆଯାଇ ନ ଥିଲା। ମାତ୍ର ପଶ୍ଚିମ ଦେଶଗୁଡ଼ିକରେ ତାଙ୍କ କାର୍ଯ୍ୟର ଅନେକ ପ୍ରଶଂସା କରାଯିବା ପରେ ଜୟନ୍ତଙ୍କୁ ଉପଯୁକ୍ତ ସମ୍ମାନ ମିଳିଥିଲା। ବାସ୍ତବରେ ସେ ଭାରତୀୟ ଇଂରାଜୀ କବିତା ଜଗତର 'ଆଲୋକ ବର୍ତିକା' ଥିଲେ ବୋଲି ଶ୍ରୀମତୀ




କୁମାର କହିଛନ୍ତି। ସେ ପୁଣି କହିଛନ୍ତି ଯେ ସ୍ୱର୍ଗତ ଜୟନ୍ତ ମହାପାତ୍ର ଜନ୍ମ ମାଟି ସହ ଜଡ଼ିତ ଥିଲେ ଏବଂ କଟକକୁ ତାଙ୍କ କର୍ମଭୂମି ଭାବେ ବାଛିଥିଲେ। ତାଙ୍କର ଆଚରଣ ଥିଲା ଶିଶୁ ସୁଲଭ ଓ ସର୍ବଦା ସେ ନିଜ ଭାବନାରେ ମଗ୍ନ ରହୁଥିଲେ। ପ୍ରତ୍ୟେକ ଦିନକୁ ନିଜ ଜୀବନରେ ଏକ ଉପହାର ଭାବେ ଗ୍ରହଣ କରୁଥିଲେ। ଜୟନ୍ତ ମହାପାତ୍ର ଅନେକ ଓଡ଼ିଆ କବିତାକୁ ଇଂରାଜୀରେ ଅନୁବାଦ କରିଥିଲେ। ବିଭିନ୍ନ ଭାଷାଗୁଡ଼ିକ ପରସ୍ପରକୁ ଋଦ୍ଧିମନ୍ତ କରିବା ଆବଶ୍ୟକ ଥିବା ଜୟନ୍ତ ଅନୁଭବ କରୁଥିବା ଶ୍ରୀମତୀ କୁମାର କହିଛନ୍ତି।

ମୁମ୍ବାଇ ସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍‌ର ପ୍ରଫେସର ଅଶ୍ୱିନୀ କୁମାର କହିଥିଲେ ଯେ ସେ ଗତ ୬ ବର୍ଷ ହେବ ପ୍ରତ୍ୟେକ ଦିନ ଜୟନ୍ତ ମହାପାତ୍ରଙ୍କ ସହିତ କଥା ହୋଇ ଆସୁଥିଲେ। ସେ ଜଣେ ଖୁବ୍ ସ୍ନେହୀ ମଣିଷ ଥିଲେ କିନ୍ତୁ ଲୋକମାନେ ତାଙ୍କ କାର୍ଯ୍ୟକୁ ଉପଯୁକ୍ତ ନ୍ୟାୟ ଦେଇପାରି ନାହାନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ଜୟନ୍ତ ମହାପାତ୍ରଙ୍କ ଏକ ଓଡ଼ିଆ କବିତାକୁ ଅହମିଆ କବି ନୀଲିମ କୁମାର ଓ ତାହାର ଇଂରାଜୀ ଅନୁବାଦ ପ୍ରଫେସର ଅଶ୍ୱିନୀ କୁମାର ପାଠ କରିଥିଲେ। ଜୟନ୍ତ ମହାପାତ୍ରଙ୍କ ଅନ୍ତରଙ୍ଗ କୁହାଯାଉଥିବା ଦୀପକ ସାମନ୍ତରାୟ କହିଥିଲେ ଯେ ଜୟନ୍ତ ଥିଲେ ଜଣେ ଭିନ୍ନ ମଣିଷ। ତାଙ୍କର ଆବଶ୍ୟକତା ଗୁଡ଼ିକ ଖୁବ୍ କମ୍ ଥିଲା। ଏପରିକି ସେ କେବେ ଶୀତତାପ ନିୟନ୍ତ୍ରକ ଯନ୍ତ୍ରର ଆବଶ୍ୟକତା ଅନୁଭବ କରିନଥିଲେ। ରିକ୍ସା ଚାଳକ ହେଉ ଅଥବା ତାଙ୍କ ଘର ପାଖରେ ଥିବା ସାଇକେଲ୍ ମେକାନିକ ସେ ସମସ୍ତଙ୍କର ଅତି ନିକଟତର ଥିଲେ। ସମସ୍ତେ ତାଙ୍କର ବନ୍ଧୁ ଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ରାୟଗଡ଼ାରେ ଗଡ଼ିଲା...

କହିଛନ୍ତି ଯେ ଲକ୍ଷ୍ମୀ ବସ୍ ଯୋଗୁ ଚାଷୀ, ବ୍ୟବସାୟୀ ଓ ମା'ମାନେ ଉପକୃତ ହେବେ। ଏହି କାର୍ଯ୍ୟକ୍ରମକୁ '୫-ଟି'ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ ପରିଚାଳନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ଜିଲ୍ଲା ଗସ୍ତ କରିଥିଲେ। ରାୟଗଡ଼ାରେ ମଧ୍ୟ ଲୋକଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଜିଲ୍ଲାରେ ଅନେକ ମଠ, ମନ୍ଦିର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁମୋଦନ ଦେଇଥିଲେ। ଲୋକଙ୍କ ମତାମତକୁ ମୁଖ୍ୟମନ୍ତ୍ରୀ ସର୍ବାଧିକ ଗୁରୁତ୍ୱ ଦିଅନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ପ୍ରମୁଖ ଯୋଗଦେଇ ଓଡ଼ିଶାର ବିକାଶ ପାଇଁ ରାଜ୍ୟର ଗରିବ, ଆଦିବାସୀ ଓ ମହିଳା ମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସାରା ଜୀବନ ସମର୍ପିତ କରିଛନ୍ତି ବୋଲି କହିଥିଲେ। ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ କହିଥିଲେ ଯେ ଏହା ଦ୍ୱାରା ଗରିବ, ଆଦିବାସୀ ଓ ମହିଳାମାନେ ବହୁତ ଉପକୃତ ହେବେ। ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତାଙ୍କ ପଞ୍ଚମ ପାଳିରେ ମା' ମାନଙ୍କୁ ୫ଟି ଗୁରୁତ୍ୱପୂର୍ଣ୍ଣ ଭେଟି ଦେଇଛନ୍ତି। ୫ ଟଙ୍କାରେ ଆହାର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଆଉ ୫ ଲକ୍ଷ, ମିଶନ୍ ଶକ୍ତିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମମତାରେ ୫ ହଜାର ଟଙ୍କା ସହିତ ଏବେ ଲକ୍ଷ୍ମୀ ବସ୍‌ରେ ମା' ମାନଙ୍କ ପାଇଁ ମାତ୍ର ୫ ଟଙ୍କାରେ ଯିବାର ସୁବିଧା ମା' ମାନଙ୍କୁ ସଶକ୍ତ କରିଛି ବୋଲି ସରସ୍ୱତୀ କହିଥିଲେ।

### ସୁରକ୍ଷିତ ଉଦ୍ଧାର...

ନିର୍ମାଣାଧୀନ ଟନେଲ ମଧ୍ୟରେ ଫସି ରହିଥିବା ୪୧ ଶ୍ରମିକଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାର ତପନ ମଣ୍ଡଳ, ନବରଙ୍ଗପୁରର ଭଗବାନ ଭତ୍ରା ଏବଂ ମୟୂରଭଞ୍ଜର ବିଶେଶ୍ୱର ନାୟକ, ଧୀରେନ ନାୟକ ଓ ରାଜୁ ନାୟକ ରହିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁଇ ଶ୍ରମିକଙ୍କ ପରିବାରଙ୍କୁ ଉତ୍ତରକାଶୀ ପଠାଯାଇଥିବାବେଳେ ହେଲେ ଆଜି ନବରଙ୍ଗପୁର ଜିଲ୍ଲାର ଫୁଲଚାନ୍ଦ ଭତ୍ରା, ମୟୂରଭଞ୍ଜ ଜିଲ୍ଲାର ବିମଳା ନାୟକ, ଚିତ୍ତରଞ୍ଜନ ନାୟକ ଶ୍ରମମନ୍ତ୍ରୀଙ୍କ ସହ ଉତ୍ତରକାଶୀ ଅଭିମୁଖେ ଯାତ୍ରା କରିଛନ୍ତି।

### ପ୍ରେମିକାକୁ ୩୧...

ଚନ୍ଦ୍ର ବିବାହିତ ଓ ତାଙ୍କର ୫ଟି ସନ୍ତାନ ଅଛନ୍ତି। ଏହା ସତ୍ତ୍ୱେ ସେ ତିଲାବାଈକୁ ପ୍ରେମ ଜାଲରେ ଫସାଇ ସହ ତାଙ୍କ ସହ ଅବୈଧ ସମ୍ପର୍କ ରଖି ଆସୁଥିଲେ। ବୁଧବାର ସନ୍ଧ୍ୟା ସମୟରେ ତିଲାବାଈ ଘରୁ ଲୁଚି ପଳାଇ ଆସି ଚନ୍ଦ୍ରଙ୍କ ଘରେ ପହଞ୍ଚିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। କିନ୍ତୁ ଚନ୍ଦ୍ର ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିନେଇଥିଲା। ଏଥିରେ ସେ ତା' ପତ୍ନୀଙ୍କ ସହାୟତା ନେଇଥିଲା। ଯୋଜନାନୁସାରେ, ତିଲାବାଈକୁ ଚନ୍ଦ୍ର ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲା। 'ଏ ଜନ୍ମରେ ସେମାନଙ୍କ ସଂପର୍କକୁ ପରିବାର କିମ୍ବା ସମାଜ ସ୍ୱୀକାର କରିବ ନାହିଁ, ତେଣୁ ଦୁହେଁ ଆତ୍ମହତ୍ୟା କରିଦେବା' ବୋଲି ଚନ୍ଦ୍ର ତାଙ୍କୁ କହିଥିଲା। ଦୁହେଁ ଏକ ଗଛରେ ଝୁଲିଥିଲେ। ତିଲା ଛଟପଟ ହୋଇ ମରିଯାଇଥିଲେ ହେଁ ସ୍ତ୍ରୀ ସହାୟତାରେ ଚନ୍ଦ୍ର ବଡ଼ ଆରାମରେ ଫାଶରୁ ମୁକୁଳି ଯାଇଥିଲା। ପରେ ଚନ୍ଦ୍ର ତିଲାଙ୍କୁ ଗଛରୁ ଓହ୍ଲାଇ ଦେଇଥିଲା। କେହି ଯେପରି ଏ ଘଟଣା ସଂପର୍କରେ ଟେର୍ ନ ପାଇବେ, ସେଥିପାଇଁ ତିଲାଙ୍କ ଶବକୁ ୩୧ଖଣ୍ଡ କରି ହାଣି ଜଙ୍ଗଲରେ ପୋତି ଦେଇଥିଲେ ଦମ୍ପତି।

### ଘାଟିରୁ ଟିପର୍...

ମହକୁମା ଚିକିତ୍ସାଳୟକୁ ୪ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଏହି ହୃଦୟବିଦାରକ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ ଏବଂ ଆହତଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି।

ସୂଚନା ଅନୁସାରେ, ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବଠାରେ ଚାଲିଥିବା ରାସ୍ତା କାମ ପାଇଁ ଏକ ଟିପର୍ ଚିତ୍ରକୋଣ୍ଡାରୁ ସିମେଣ୍ଟ ଓ ଲୁହା ଛଡ଼ ନେଇ ଯାଉଥିଲା। ସେଥିରେ ୧୩ଜଣ ଶ୍ରମିକ ବସି କାର୍ଯ୍ୟସ୍ଥଳକୁ ଯାଉଥିଲେ। ହନ୍ତାଳଗୁଡ଼ା ଘାଟିରେ ଟିପର୍‌ଟିର ବ୍ରେକ୍-ଫେଲ୍ ହୋଇଯିବାରୁ ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ୫ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେବା ସମୟରେ ରାସ୍ତାରେ ଆଉ ଜଣେ ଶ୍ରମିକର ମୃତ୍ୟୁ ଘଟିଥିଲା। ବିଏସ୍‌ଏଫ ଯବାନ ଓ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଯୋଡ଼ାମ୍ବ ଓ ଜନବାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମେ ପଠାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଆହତ ୭ ଶ୍ରମିକଙ୍କ ମଧ୍ୟରୁ ଚିତ୍ରକୋଣ୍ଡାଠାରେ ୩ଜଣ ଚିକିତ୍ସିତ ହେଉଥିବା ବେଳେ ମାଲକାନଗିରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟକୁ ୪ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ, ଅନନ୍ତରାମ ଭତରା, ଲକ୍ଷ୍ମଣ ମାଝୀ, କମଳଦାସ ଭତରା, ସାଲିନି ଗୌଡ଼, ଆସ୍ତୁ ଭତରା, ଲୋକେଶ୍ୱର ଭତରା ଓ ଅଜିତ ସାନା। ଓଭର୍‌ଲୋଡିଂ କାରଣରୁ ଗାଡିଟି ଭାରସାମ୍ୟ ହରାଇ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଠିକାଦାରଜଣକ କିପରି ମାଲବାହୀ ଗାଡ଼ିରେ ୧୩ଜଣ ଶ୍ରମିକଙ୍କୁ ବିପଦପୂର୍ଣ୍ଣ ଅବସ୍ଥାରେ ନେଉଥିଲେ, ତାହାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ପାଇ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ତାଙ୍ଗୁଲୁ ଓ ଚିତ୍ରକୋଣ୍ଡା ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ପ୍ରମୁଖ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ବାଇକ୍‌କୁ ପିଟିଲା...

ଏକ କାର୍ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦଶପଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଦୁର୍ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ କାର୍ ଚାଳକଙ୍କୁ ଅଟକ ରଖିବା ସହ ରାସ୍ତା ଅବରୋଧ କରିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦଶପଲ୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

■ ଧବଳେଶ୍ୱର ପୀଠରୁ ଦୂରହେଲା ଅଚଳାବସ୍ଥା

# ଲକ୍ଷାଧିକ ଭକ୍ତ ପାଳିଲେ ବଡ଼ଓଷା

**ଆଠଗଡ଼, ୨୫।୧୧(ସମିସ):** ଧବଳେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତ ବଡ଼ଓଷା ପାଳନ କରିଛନ୍ତି। ଶୁକ୍ରବାର ପୀଠରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ପ୍ରଭୁ ଧବଳେଶ୍ୱରଙ୍କ ଦୟାରୁ ହଟିଯାଇଛି। ଶୁକ୍ରବାର ପୂଜକ ସମାଜର ଅସହଯୋଗ ପରେ ରାତିରେ କଟକ ଜିଲ୍ଲାପାଳ ପୀଠରେ ପହଞ୍ଚି ଠାକୁରଙ୍କ ନୀତିରେ ବିଭ୍ରାଟ ନ କରିବା ପାଇଁ ଉଦ୍ୟମ କରିଥିଲେ। ଶନିବାର ପ୍ରାତଃ ୪ଟାରେ ମନ୍ଦିରରେ ନୀତିକାନ୍ତି କରାଯାଇ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ କରାଯାଇଥିଲା। ଶୁକ୍ରବାରର ବିଶୃଙ୍ଖଳା ଯୋଗୁଁ ବାହାରର ଭକ୍ତଙ୍କ ସଂଖ୍ୟା ସେତେଟା ନ ଥିଲା। ମନ୍ଦିରରେ ଦର୍ଶନ ଖବର ପ୍ରସାରିତ ହେବା ପରେ ପାଖଆଖ ଗାଁଗୁଡ଼ିକର ଲୋକମାନେ ମନ୍ଦିରରେ ପହଞ୍ଚି ଥିଲେ। ଉପସ୍ଥିତ ଭକ୍ତମାନେ ଧବଳେଶ୍ୱରଙ୍କ ଦର୍ଶନ ଉଦ୍ଦେଶ୍ୟରେ ମୁଖ୍ୟ କବାଟର ତାଲା ଭାଙ୍ଗି ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ବେଶ ଦର୍ଶନ କରିଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପୀଠକୁ



ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ଖବର ଲେଖାଯିବା ବେଳକୁ ଧବଳେଶ୍ୱର ପୀଠରେ ଲକ୍ଷାଧିକ ଭକ୍ତ ରାତ୍ର ଉଜାଗର ରହି ବଡ଼ଓଷା ପାଳନ କରିବା ସହିତ ଗଜଭୋଗ ପ୍ରସ୍ତୁତି କରିଥିଲେ। ରବିବାର ସକାଳୁ ଗଜଭୋଗ ବିତରଣ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୁଲିସ ପକ୍ଷରୁ ନିଜେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଦତ୍ତ ବରାଳ ପୀଠ ମଧ୍ୟରେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ବଡ଼ଓଷା ବ୍ରତ ଉପଲକ୍ଷେ ଦେବୋତ୍ତର ପ୍ରଶାସନ ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଏକ ଭଜନ ସମାରୋହର ଆୟୋଜନ କରାଯାଇଛି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଏବଂ ସାଥୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଜନ ପରିବେଷଣ କରି ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କର ମନୋରଞ୍ଜନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲ୍‌ଦାର କ୍ଷେତ୍ର ମୋହନ ସ୍ୱାଇଁ, ନରସିଂହପୁର ତହସିଲ୍‌ଦାର ମନୋଜ ମାଝୀ, ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଏ(++) ମାନ୍ୟତା

**କଟକ,୨୫।୧୧(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ନ୍ୟାସ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେସନ୍ କାଉନ୍‌ସିଲ୍ (ନାକ୍) ପକ୍ଷରୁ ଏ(++) ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟର ପ୍ରଥମ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ରେଭେନ୍ସା ଏହି ମାନ୍ୟତା ପାଇଛି। ନାକ୍ ଟିମ୍‌ର ଅନୁଧ୍ୟାନ ପରେ ବିଶ୍ୱବିଦ୍ୟାଳୟକୁ ମୋଟ ୪ପଏଣ୍ଟରୁ ୩.୫୮ ପଏଣ୍ଟ ମିଳିଛି। ଶିକ୍ଷାର ମାନ, ଭିତ୍ତିଭୂମି, ଗବେଷଣା, ପରିମଳ, ନିଯୁକ୍ତି ସୁଯୋଗ ଆଦି ଉନ୍ନତମାନର ସୁବିଧା ଥିବାରୁ ସବୁ କ୍ଷେତ୍ରରେ ରେଭେନ୍ସା ଭଲ ପଏଣ୍ଟ ପାଇଛି। ଏହାକୁ ନେଇ ଅଧ୍ୟାପକ/ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି। କୁଳପତି ଏବଂ ଅନ୍ୟ କର୍ତ୍ତୃପକ୍ଷଙ୍କ ସହ ଛାତ୍ରଛାତ୍ରୀମାନେ ବାଜା ବଜାଇ ଖୁସି ମନାଇଛନ୍ତି। ୨୦୧୬ରେ ରେଭେନ୍ସାକୁ ପ୍ରଥମଥର ନାକ୍ ଟିମ୍ ପରିଦର୍ଶନ କରିବା ପରେ ଏ(+) ମାନ୍ୟତା ମିଳିଥିଲା। ଚଳିତବର୍ଷ ଦ୍ୱିତୀୟଥର ପାଇଁ ନାକ୍ ଟିମ୍ ଅନୁଧ୍ୟାନ ପରେ ଏ(++) ମାନ୍ୟତା ମିଳିପାରିଛି।

ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ରେଭେନ୍ସାରେ ନାକ୍ ସର୍ଭେ ଅନୁଷ୍ଠିତ ହୋଇଥିଲା। ନାକ୍‌ର ୫ଜଣ ସଦସ୍ୟ ବିଭିନ୍ନ ବ୍ୟବସ୍ଥା ଏବଂ ଭିତ୍ତିଭୂମିର ଯାଞ୍ଚ କରିଥିଲେ। ଟିମ୍‌ର ଅଧ୍ୟକ୍ଷ ପ୍ରଫେସର୍ ଦୀପକ ଶର୍ମା, କୋ-ଅର୍ଡିନେଟର୍ ପ୍ରଫେସର୍ ବିଜୟ ଫୁଲାରୀ, ସଦସ୍ୟ ପ୍ରଫେସର୍ ଅରିନ୍ଦମ ଗୁପ୍ତା, ପ୍ରଫେସର୍ ଏସ୍.ଆର୍ ଜ୍ୟୋତି କିସ୍‌ପୋଟ୍ଟା, ପ୍ରଫେସର ମୈଥିଳୀ କେଥାଭାରପୁ ବିଭିନ୍ନ ବିଭାଗ ବୁଲିବା ସହ ତଦାରଖ କରିଥିଲେ। ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍, ଏକାଡେମିକ୍ ବ୍ଲକ, ଲାଇବ୍ରେରୀ, ହଷ୍ଟେଲ ଆଦି ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାକୁ ଟିମ୍‌ର ସଦସ୍ୟମାନେ ଯାଞ୍ଚ କରିଥିଲେ। ଏଥିସହ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ/ ଅଧ୍ୟାପିକାଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ବ୍ୟବସ୍ଥାର ତଦାରଖ ପରେ ଶନିବାର ନାକ୍ ପକ୍ଷରୁ ଏହି ମାନ୍ୟତା ଦିଆଯାଇଛି।

## କାଳିମେଳାରୁ ଟଲିଉଡ୍

# ମାଲକାନଗିରିର ମୋନିକା ତେଲୁଗୁ ସିନେମା ନାୟିକା

**ମାଲକାନଗିରି,୨୫ ।୧୧(ସମିସ):** ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍.ଭି ୭୫ ଗ୍ରାମର ମୋନିକା ସମାଦ୍ଦାର ତେଲୁଗୁ ସିନେମାରେ ନାୟିକା ଭାବେ ଅଭିନୟ କରି ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଉପାନ୍ତ ଇଲାକାର ଏହି ଯୁବତୀଜଣଙ୍କ ନିଜର ପ୍ରତିଭା, ସୌନ୍ଦର୍ଯ୍ୟ ଓ ନିଖୁଣ ଅଭିନୟ ପାଇଁ ଏତେବଡ଼ ଉପଲବ୍ଧି ହାସଲ କରିଛନ୍ତି। ମୋନିକାଙ୍କ ବାପା ଗୌତମ ସମାଦ୍ଦାର ପେସାରେ ଜଣେ ଛୋଟ ବ୍ୟବସାୟୀ। ବଡ଼ଭାଇ ହାଇଦ୍ରାବାଦରେ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରନ୍ତି। କିନ୍ତୁ ଅଭାବ ଅନଟନ ସତ୍ତ୍ୱେ ମୋନିକା ମାଲକାନଗିରିର ଏକ ଘରୋଇ କଲେଜ୍‌ରେ +୨ ପାଠ ଶେଷ କରିବା ପରେ ବଡ଼ଭାଇଙ୍କ ସହ ହାଇଦ୍ରାବାଦ ଯାଇ ନୃତ୍ୟକଳା ଶିଖିଥିଲେ।



ବଡ଼ଭାଇ ମୋନିକାଙ୍କୁ ହାଇଦ୍ରାବାଦର "ହାଇ-ଡ୍ୟାନ୍ସ ଷ୍ଟୁଡିଓ" ନାମକ ଏକ ଏକାଡେମୀରେ ଭର୍ତ୍ତି କରାଇଥିଲେ। ୨ବର୍ଷ ସେଠାରେ ତାଲିମ୍ ନେବା ପରେ କିଛି ଛୋଟ ଧାରାବାହିକରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ତାଙ୍କ ଚମତ୍କାର ଅଭିନୟ ଓ ସୌନ୍ଦର୍ଯ୍ୟ ତେଲୁଗୁ ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କୁ ଆକର୍ଷିତ କରିଥିଲା। ଏବେ ତାଙ୍କୁ ସେଠାକାର ସିନେମାରେ ନାୟିକା ଭୂମିକାରେ ସୁଯୋଗ ମିଳିଛି। ମୋନିକା 'ଶ୍ରୀନିବାସ କ୍ରିଏସନ୍' ଦ୍ୱାରା ନିର୍ମିତ ତେଲୁଗୁ ଚଳଚ୍ଚିତ୍ର "ଗାରାଗା"ରେ ନାୟିକା ଭାବେ ଖୁବ୍‌ଶୀଘ୍ର ପରଦାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର ସୁଟିଂ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳରେ ଚାଲିଛି। ଚଳଚ୍ଚିତ୍ରଟି ପ୍ରଥମେ ତେଲୁଗୁ ଏବଂ ପରେ ହିନ୍ଦୀ ଭାଷାରେ ମୁକ୍ତିଲାଭ କରିବ ବୋଲି ଜଣାଯାଇଛି।

ପିଲାଟି ଦିନରୁ ନୃତ୍ୟ-ଗୀତ ପ୍ରତି ମୋନିକାଙ୍କ ଦୁର୍ବଳତା ରହିଥିଲା। ଚଳଚ୍ଚିତ୍ରରେ କାମ କରିବା ତାଙ୍କର ସ୍ୱପ୍ନ ଥିଲା। ଏବେ ତାଙ୍କର ସେହି ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ତାଙ୍କ ପରିବାରଲୋକ କହିଛନ୍ତି।



ମୂଳ ରଚନା - ମାର୍ଗାରେଟ୍ ଅଟ୍‌ଉଡ୍
ଭାଷାନ୍ତର - ଡକ୍ଟର ସନ୍ଧ୍ୟାରାଣୀ ଦାଶ

## ଏକ ନାଲି କୁର୍ତ୍ତା

(ରୁଥ୍ ପାଇଁ)

ମୁଁ ଓ ମୋ ଭଉଣୀ ଦୁହେଁ ସିଲେଇ କରୁଛୁ
ଗୋଟିଏ ନାଲି କୁର୍ତ୍ତା, ମୋ ଝିଅ ପାଇଁ -
ସେ ଟାଙ୍କ ମାରୁଛି, ମୁଁ ହେମ୍ କରୁଛି
ଆମେ ଦୁହେଁ ଟେବୁଲ ଉପରେ କଇଁଚିଟିକୁ
ଏପଟ ସେପଟ ବଦଳାଉଛୁ -
ଥରେ ଜଣେ ଲୋକ ମୋତେ କହିଥିଲେ
ପିଲାମାନେ ନାଲି ରଙ୍ଗ ପିନ୍ଧିବା ଉଚିତ୍ ନୁହେଁ
ବଢ଼ିଲା ଝିଅ ତ ମୋଟେ ନୁହେଁ -
କିଛି ଦେଶରେ ଏହା ରଙ୍ଗ ମୃତ୍ୟୁର
ଆଉ କିଛି ଦେଶରେ ଆସକ୍ତିର
ଅନ୍ୟ କିଛି ଦେଶରେ ଯୁଦ୍ଧର, କେଉଁଠି
କ୍ରୋଧର ଅନ୍ୟ କେଉଁ ଦେଶରେ ଅବା
ଏହା ତ୍ୟାଗ ରକ୍ତପାତର।
ଝିଅଟିଏ ହେବା ଉଚିତ ଗୋଟିଏ
ଓଢ଼ଣୀ ପରି, ଧଳା ଛାଇଟିଏ, ନିରକ୍ତ
ପାଣିରେ ଜହ୍ନ ପରି, ବିପଦହୀନ,
ସଦା ମୌନ, ସେ ପିନ୍ଧିବ ନାହିଁ ନାଲି ଜୋତା
ନାଲି ମୋଜା, ନାଚିବ ନାହିଁ ନାଲି ଜୋତା ପିନ୍ଧି
ନାଚିବା ହୁଏତ ତା' ଜୀବନ ନେଇ ଯାଇପାରେ -
କିନ୍ତୁ ନାଲି ରଙ୍ଗ ଯେ ଆମର
ଜନ୍ମଗତ ଅଧିକାର - ଏହା ରଙ୍ଗ ଅଟେ
ଉତ୍ତେଜିତ ଆନନ୍ଦର, ଉତୁରି ପଡୁଥିବା ଯନ୍ତ୍ରଣାର,
ଯାହା ଆମକୁ ପରସ୍ପର ସହ
ବାନ୍ଧି ରଖେ....। ■

## ସେଇ ଛୋଟ ଘରଟି

ଯେଉଁ ଘରଟି ଆମେ ତିଆରି କରିଥିଲୁ ଧୀରେ ଧୀରେ,
ମାଟି ଉପରେ, ପିଲାବେଳେ
(ତିନୋଟି କୋଠରି, କିଛି କାନ୍ଥ, କିଛି କଞ୍ଚା ଗଛ),
ଶୁଖିଲି ଗଲା ବର୍ଷ ଜଳିଗଲା -
ମୁଁ ତାହା ଦେଖି ନାହିଁ ତେଣୁ
ସେ ଘରଟି ଏବେ ବି ମୋ ଭିତରେ ଅଛି।

ତାଳପତ୍ର ମଝିରେ, ତା' ଭିତରେ ଛିଡ଼ା ହୋଇ ସବୁବେଳେ
ମୁଁ ବାହାରକୁ ଅନେଇ ଦେଖେ
ହ୍ରଦ ଉପର ଦେଇ ଯାଉଥିବା ବର୍ଷାକୁ -

କିନ୍ତୁ ଜଙ୍ଗଲ ଭିତର ସେଇ ଖାଲି ସ୍ଥାନକୁ
ମୁଁ ଯେବେ ଫେରିଯାଏ
ସେଇ ଘରଟି ହଠାତ୍ ଜଳି ଉଠି ଖଣ୍ଡ ଖଣ୍ଡ
ହୋଇ ଖସିପଡ଼େ ମୋ ମନ ଭିତରେ।

ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷେପିତ କାର୍ଡବୋର୍ଡ କାର୍ଟୁନ
ପରି ଭୁଶୁଡ଼ି ପଡ଼େ -
ଅଗ୍ନିର ଶିଖାରେ ରେଖାଙ୍କିତ ମୋର ପୂର୍ବ ସତ୍ତା
ଗ୍ରୀଷ୍ମର ତାତିରେ ଚଟକି ଯାଏ -

ଚେତନାରେ ରହିଯାଏ କେବଳ
କଳାପଡ଼ି ଯାଇଥିବା ସେଇ ପୃଥିବୀ: ସେଇ ସତ୍ୟ।

କୁଆଡ଼େ ଗଲା ସେ ଘର ?

ଶବ୍ଦମାନେ କୁଆଡ଼େ ଯାଆନ୍ତି
ଆମେ କହିଦେବା ପରେ ? ■

## ଲେଖକ ଲେଖିକାଙ୍କ ନିମନ୍ତେ ସୂଚନା

ପ୍ରତ୍ୟେକ ସପ୍ତାହ ରବିବାର ଦିନ ଦୈନିକ ସମ୍ବାଦପତ୍ର 'ସକାଳ'ର ସାହିତ୍ୟ ପୃଷ୍ଠା 'ସୃଜନିକା' ପ୍ରକାଶ ପାଉଛି। ଏହି ପୃଷ୍ଠା ପାଇଁ ଆପଣ ଆପଣଙ୍କର ଗୋଟିଏ ସୁନିର୍ବାଚିତ ଶ୍ରେଷ୍ଠ ଗଳ୍ପ, ପ୍ରବନ୍ଧ, କବିତା ଆକୃତି କିମ୍ବା ୟୁନିକୋଡରେ ଟାଇପ୍ କରି ଆମ୍ଭ ନିକଟକୁ ପଠେଇ ପାରିବେ। ଲେଖାଟି ମୌଳିକ ତଥା ଅପ୍ରକାଶିତ, ଅର୍ଥାତ୍ ପୂର୍ବରୁ କୌଣସି ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠା, ପତ୍ରପତ୍ରିକା ଅଥବା ସୋସିଆଲ୍ ମିଡିଆରେ ପ୍ରକାଶିତ ହୋଇନଥିବା ବାଞ୍ଛନୀୟ। ଗଳ୍ପ ଏବଂ ପ୍ରବନ୍ଧର ଶବ୍ଦ ସଂଖ୍ୟା ଅତିବେଶିରେ ୫୦୦ରୁ ୬୦୦ ମଧ୍ୟରେ ସୀମିତ ରହିବା ଦରକାର। 'ବହି ବିଚାର' ସ୍ତମ୍ଭ ନିମନ୍ତେ ଆପଣ ଆପଣଙ୍କର ସଦ୍ୟ ପ୍ରକାଶିତ ଦୁଇଖଣ୍ଡ ବହି ପଠାନ୍ତୁ। ଆପଣ ଉଭୟ ଡାକଯୋଗେ ତଥା ଇ-ମେଲ୍‌ରେ ଆମ ସହ ଯୋଗାଯୋଗ କରିପାରିବେ। ■

ଆମ ଠିକଣା

'ସୃଜନିକା/ସକାଳ',

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦-୯୧
ଭଗବାନପୁର ଶିଳ୍ପାଞ୍ଚଳ
ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍:
feature@thesakala.com

# ସେତୁ




ମୂଳ ବଙ୍ଗଳା : ଶ୍ରୀପର୍ଣ୍ଣା ବନ୍ଦୋପାଧ୍ୟାୟ
ଓଡ଼ିଆ ଅନୁବାଦ : ପ୍ରଦୀପ କୁମାର ରାୟ

ପ୍ରଥମେ ତ ହେଲିକପ୍ଟରରୁ ଲକ୍ଷ୍ୟକରି ଗୁଳିମାଡ଼ କରାଯାଇଛି। ତାପରେ ଚାଷ ଜମି ଛାଡ଼ି ଜଙ୍ଗଲ ଭିତରେ ପ୍ରାୟ ଅଢ଼େଇ କିଲୋମିଟର ଗୋଡ଼େଇଛନ୍ତି। ଝିଅଟି ମଧ୍ୟ କମ୍ ହଇରାଣ କରାଇ ନାହିଁ। ଧରା ପଡ଼ିବା ପରେ ମଧ୍ୟ ଶଳା ଚେପଟା ନାକବାଲା ଲୋକଟାର ଏତେ ଜିଦ୍ ଯେ, ସାଥୀ ମାନଙ୍କର ନାଁ କହିବ ନାହିଁ ବୋଲି ଦାନ୍ତରେ ନିଜର ଜିଭ କାଟି ଦେଇଥିଲା। ତା' ସ୍ତ୍ରୀର ମୁଣ୍ଡର ଚୁଟି ଧରି ଆଣ୍ଠେଇ ବସେଇ ଦେଇଥିଲେ କ୍ୟାପଟେନ୍ ଟମାସ୍। ପ୍ଲାଟୁନ୍‌ର ତିନିଜଣ ସେନା ଦୁଇ ହାତ ଧରି ପାଟି ଖୋଲିବାକୁ ଚେଷ୍ଟା କରିଥିଲେ। ଝିଅଟି ମଧ୍ୟ ଅବଲୀଳାକ୍ରମେ ସମାନ ଢଙ୍ଗରେ ନିଜର ଜିଭ କାଟି ଦେଇଥିଲା। ଉଭୟଙ୍କୁ ବାୟୋନେଟ୍‌ର ଆଘାତରେ ମରିବାକୁ ପଡ଼ିଥିଲା। ଶଳା ବିପ୍ଳବୀ କାହାଁକା। ପୁଅଝିଅମାନଙ୍କୁ କ'ଣ ଛାଡ଼ିଦେଇ ଗଲ ଆମେରିକାନ୍ ସେନାମାନଙ୍କର ବିନୋଦନ ପାଇଁ ?

ହଁ, ଘରେ ନିଆଁ ଲଗାଇଦେଇ ସବୁକିଛି ଭଙ୍ଗାରୁଜା କରିବା ବି ତ ଏକପ୍ରକାର ବିନୋଦନ। ଆଉ ସବୁଠାରୁ ଆକର୍ଷଣୀୟ ବିନୋଦନ ହେଉଛି, ଝିଅ ଓ ଛୋଟ ଛୋଟ ଛୁଆମାନଙ୍କୁ ହତ୍ୟା କରିବା ଆଗରୁ ଯାହା କରାଯାଏ ସେଇଟା। ଛଅଜଣ ବାୟୋନେଟ୍‌ଧାରୀ ସେହି କର୍ତ୍ତବ୍ୟ କରି ଦେଶସେବା କରିବା ପାଇଁ ପଶିଥିଲେ। କିନ୍ତୁ ଘର ତ ଖାଁ ଖାଁ। କେହି ନାହାନ୍ତି ? କି ଲୁଚିଛନ୍ତି ? ଗରିବ ଭିଏତନାମୀ ଚାଷୀର ଘରେ ଲୁଟ୍‌ତରାଜ ପାଇଁ ଜିନିଷପତ୍ର କିଛି ନ ଥାଏ । ତେଣୁ ବିଳମ୍ବ ନ କରି ନିଆଁ ଲଗାଇ ଦିଆଯାଉ। ଯଦି କେହି ଲୁଚି ରହିଥାଏ ତାହାହେଲେ ନିଶ୍ଚୟ ବାହାରି ଆସିବ ।

ପେଟ୍ରୋଲ ଢାଳି ଚାଳରେ ନିଆଁ ଲଗାଇ ଦ୍ରୁତ ବାହାରିଗଲେ ପାଞ୍ଚଜଣ। ତଥାପି ଜଣେ ସୈନିକ ଭିତରେ। ଏପାଖସେପାଖ ଚାହିଁ ବାହାରି ଆସିବା ବେଳକୁ ଗୋଟିଏ ନରମ ଦେହ ଉପରେ ତା'ର ପାଦ ପଡ଼ିଗଲା। ଜହ୍ଲାଦର ପାଦକୁ ଜାବୁଡ଼ି ଧରି କାନ୍ଦି ଉଠିଲା ସେହି କୋମଳ ଦେହ – "ବାପା !"

ବାପା ! ହେ ଈଶ୍ୱର ! ବାପା ! କିନ୍ତୁ ଅନ୍ୟମାନେ ଶୁଣି ପାରିଲେ ତ ଆଉ ରକ୍ଷା ନାହିଁ। ସମ୍ଭାବ୍ୟ ଶୀକାର କୁ ଛାତି ଉପରକୁ ଟେକି ନେଇ ଜହ୍ଲାଦ କହିଲା,- "କାନ୍ଦନି, କାନ୍ଦନି ଝିଅ !" ଛୁଆର ପାଟିକୁ ହାତରେ ଚାପିଧରି ବାହାରେ ତାଣ୍ଡବରତ ମହାଯୋଦ୍ଧାମାନଙ୍କୁ ଚିତ୍କାର କରି କହିଲା – "ଭିତରେ କେହି ନାହାନ୍ତି। ସାମ୍ନା ଦରଜା ବାଟେ ବାହାରିବା ଅସମ୍ଭବ, ଅନ୍ୟ ବାଟ ଦେଖି ବାହାରୁଛି। ଜ୍ୱଳନ୍ତ ଛପର ଖସି ପଡୁଛି, ଆଉ କାହାରି ଭିତରେ ପଶିବା ଦରକାର ନାହିଁ। ତା'ପରେ ଝିଅଟିର ଇସାରାକୁ ଅନୁସରଣ କରି ଘର ପଛ ପାଖରେ ଧାନ ଖମାର ତଳେ ବଙ୍କର ଭିତରେ ଲୁଚି ରହିଥିବା ଆହୁରି ତିନିଜଣଙ୍କୁ ଆବିଷ୍କାର କଲା। ସମସ୍ତେ ଶିଶୁ ନୁହଁନ୍ତି, ଜଣେ ତରୁଣୀ ବି ଅଛନ୍ତି। ଭୟରେ ସମସ୍ତେ କାଠ ପାଲଟି ଯାଇଛନ୍ତି। ଝିଅଟିକୁ ତରୁଣୀର କୋଳକୁ ଟେକି ଦେଇ ଓଠ ଉପରେ ଅଙ୍ଗୁଳି ରଖି ଇସାରା କଲା – ଚୁପ୍। ପରେ କଥା କହିବ।



ତରୁଣୀଟି ଛୁଆମାନଙ୍କର ମାଉସୀ। ଏହି ଘଟଣା ପରଠାରୁ ମହାଯୋଦ୍ଧା ଏବଂ କମାଣ୍ଡିଂ ଅଫିସର୍‌ଙ୍କ ଆଖିରେ ଧୂଳିଦେଇ ମାଉସୀର ତତ୍ତ୍ୱାବଧାନରେ ଥିବା ଦୁଇଟି ପୁଅ ଓ ଟିକି ଝିଅଟିକୁ ପ୍ରତିଦିନ ଥରେହେଲେ ଦେଖା କରିବା ପାଇଁ ଆସେ ଅ୍ୟାଲେନ୍ । ସାଥିରେ ନେଇ ଆସେ କିଛି ଖାଦ୍ୟ ଆଉ ପିଇବା ପାଣି। ପ୍ରାୟ ତିନିମାସ ଧରି ଚାଲିଥିଲା ଅ୍ୟାଲେନ୍ ସ୍ୟାପିନ୍‌ସ୍କିର ଏହି ଗୋପନ ସଂସାରଧର୍ମ। ହୁଏତ କେହି କେବେ ଦେଖି ଦେଇପାରେ, ତେଣୁ ଦଣ୍ଡେ ବସି ସୁଖଦୁଃଖ ହେବା ବି ଅସମ୍ଭବ। କେବଳ କୁଶଳ ବିନିମୟ କରି ଫେରି ଆସୁଥିଲା। ତଥାପି ଧରା ପଡ଼ିଗଲା।

କ୍ୟାପଟେନ ହ୍ୟାରଲ୍ଡ ଟମାସ୍‌କୁ ଧୋକା ? କୋର୍ଟମାର୍ଶଲ ଛଡ଼ା ଅନ୍ୟ ଗତି ନାହିଁ। ମହାଯୋଦ୍ଧାମାନଙ୍କ ସହିତ ବିଶ୍ୱାସଘାତକତା, ଶୃଙ୍ଖଳା ଭଙ୍ଗ, ଦେଶଦ୍ରୋହ, ନାରୀ ଓ ଶିଶୁ ପୀଡ଼ନ ଦ୍ୱାରା ମାର୍ଟିନ ଯୁକ୍ତରାଷ୍ଟ୍ର ପରି ମହାନ୍ ଦେଶକୁ କଳଙ୍କିତ କରିବା ଇତ୍ୟାଦି ଅଠର ଦଫା ଅଭିଯୋଗ। ସିଧା ନ୍ୟୁୟର୍କର ଏକ ସାମରିକ କାରାଗାର ଭିତରେ। କିନ୍ତୁ କେବଳ ଗୋଟିଏ ଚିନ୍ତା ସେହି ଛୋଟଛୋଟ ଶିଶୁ ଏବଂ ସେମାନଙ୍କର ପାଳିତା ମାଉସୀ ର କ'ଣ ହେଲା ! ସେମାନେ କ'ଣ ଠିକ୍ ଅଛନ୍ତି ! ଶୁଣା ଯାଉଛି ଯେ ନୂତନ ପ୍ରେସିଡେଣ୍ଟ ଭିଏତନାମରୁ ସେନା ପ୍ରତ୍ୟାହାର କରୁଛନ୍ତି।

ଅନୁମତି କ୍ରମେ ଚିଠି ଲେଖିଲା ଭିଏତନାମ। ଆଶ୍ଚର୍ଯ୍ୟ ! ଦେଢ଼ ମାସ ପରେ ଟ୍ରାନ୍ ଥାଇ ମାଇ ଚିଙ୍କ ପାଖରୁ ଉତ୍ତର ଆସିଲା । ସେ ଏବଂ ଶିଶୁମାନେ ଭଲ ଅଛନ୍ତି। ସାନ ଝିଅ ହୁଙ୍ଗ ଏଥର ସ୍କୁଲ ଯାଉଛି। ଏହି ଯୁବତୀ ଏବଂ ଶିଶୁମାନଙ୍କର ଉତ୍ପୀଡ଼ନର ଅଭିଯୋଗ ଥିଲା ଅ୍ୟାଲେନ୍ ବିରୁଦ୍ଧରେ। ସେହି ଯୁବତୀ ଏବଂ ଶିଶୁମାନେ ପ୍ରଶାସନ ପାଖରେ ଆସି ଜଣାଇଥିଲେ ଯେ, ତାଙ୍କ ଉପରେ କୌଣସି ଅତ୍ୟାଚାର କରାଯାଇ ନ ଥିଲା ବରଂ ମାର୍ଟିନ ସରକାର ସେମାନଙ୍କର ପୁନର୍ବାସ ପାଇଁ ସହାୟତା ଯୋଗାଇଛନ୍ତି। ସେହି ଯୁବତୀ ଚି ଖେତରେ କାମକରି ବଡ଼ ଭଉଣୀର ଛୁଆମାନଙ୍କୁ ପାଳୁଛି, ଘରଟାକୁ ମରାମତି କରି ବାସଯୋଗ୍ୟ କରିଛି ।

ଚିଠି ମାଧ୍ୟମରେ ସେମାନଙ୍କର ସବୁ ଖବର ପାଏ ଅ୍ୟାଲେନ୍ । କିନ୍ତୁ ଅ୍ୟାଲେନ୍‌ର ଶରୀରଟା ଦିନକୁ ଦିନ ଖରାପ ହୁଏ । ଜଣାପଡ଼େ ଯେ ସେ ଲିଉକୋମିୟା ରୋଗୀ। ମିଲିଟାରୀ ଡାକ୍ତରଖାନାରେ ଶୋଇଶୋଇ ପ୍ରହର ଗଣିବା ବ୍ୟତୀତ ଆଉ କିଛି ନାହିଁ ତା ପାଇଁ। ତା'ର ଶେଷଇଚ୍ଛା ଭିଏତନାମରେ ଥିବା ତା'ର ବନ୍ଧୁ ଓ ସେହି ଛୁଆମାନଙ୍କୁ ଥରେ ଦେଖିବ। ଅ୍ୟାଲେନ୍ ବିରୁଦ୍ଧରେ ଥିବା ଅଭିଯୋଗ ମିଥ୍ୟା ପ୍ରମାଣିତ ହୁଏ। ସରକାରୀ ଖର୍ଚ୍ଚରେ ତା'ର ଭିଏତନାମୀ ବନ୍ଧୁମାନେ ଆସନ୍ତି ଦେଖା କରିବା ପାଇଁ ।


ମୃତ୍ୟୁ ପଥଯାତ୍ରୀ ଅ୍ୟାଲେନ୍‌ର ବିଛଣା ପାଖରେ ବସି ନିରବରେ ଅଶ୍ରୁପାତ କରି ଚାଲିଛି ଜୀବନ ଯୁଦ୍ଧ ଚଳାଇ ଜିଇଁ ରହିଥିବା ଜଣେ ନାରୀ। ଯେଉଁ ଛୋଟ ଝିଅଟି ସେଦିନ ଅ୍ୟାଲେନ୍ ର ପାଦ ଜାବୁଡ଼ି ଧରି "ବାପା" ବୋଲି କାନ୍ଦି ଉଠିଥିଲା, ସେ ବଡ଼ ଓ ଲମ୍ବା ହୋଇ ଯାଇଛି। ମୁହଁଟା କିନ୍ତୁ ତା'ର ଆଜି ବି ସେମିତି ସରଳ ନିରୀହ ଓ କୋମଳ।

ସାକ୍ଷାତକାର ସମୟ ଶେଷ। ଏଥର ସାକ୍ଷାତକାରୀମାନଙ୍କୁ ଉଠିବାକୁ ହେବ। ଚି ଉଠି ଛିଡ଼ା ହେବା ମାତ୍ରେ ଅ୍ୟାଲେନ୍ ତାର ହାତଟାଣି ଛାତି ପାଖକୁ ନେଇ ଆସି ଖୁବ୍ ଧୀର କଣ୍ଠରେ କହେ –"ଗୋଟିଏ ଚୁମ୍ବନ କ'ଣ ପାଇ ପାରେ ଚି ? ତୁମେ ତ ମୋର ସନ୍ତାନ ମାନଙ୍କର ମା ।" ■

ମୋ: ୯୪୩୭୫୩୪୭୭୩

## ପ୍ରକୃତି ଓ ମନୁଷ୍ୟର ଅପୂର୍ବ ସମନ୍ୱୟ

# ୱାର୍ଡସ୍‌ୱର୍ଥଙ୍କ 'ଡାଫୋଡିଲ୍‌ସ'



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର



ପ୍ରକୃତିର ଜଗତ ଅସୀମ। କିନ୍ତୁ ମନୁଷ୍ୟ ସଂସାର ବିଭିନ୍ନ ସଂକୀର୍ଣ୍ଣତାରେ ସୀମିତ। ତେବେ ଅସୀମ ଓ ସସୀମର ମିଳନ ହେବ କିପରି ? ଏହାର ଉତ୍ତର 'ଡାଫୋଡିଲ୍‌ସ' କବିତାରେ ମିଳିପାରିବ। ପ୍ରକୃତି ଯେତେବେଳେ ମନୁଷ୍ୟର ପ୍ରତୀକ ବା ଅଙ୍ଗ ହୋଇଉଠେ, ସେତେବେଳେ ଅତି ବିଚିତ୍ର ଭାବରେ ମନୁଷ୍ୟ ଓ ପ୍ରକୃତିର ମିଳନ ଘଟିଥାଏ। ପ୍ରକୃତି ଓ ମନୁଷ୍ୟର ଅପୂର୍ବ ସମନ୍ୱୟ। ପ୍ରକୃତି ଆନନ୍ଦମୟ ଓ ମନୁଷ୍ୟ ଦୁଃଖମୟର ସମ୍ମିଶ୍ରଣରେ ମିଳିଥାଏ ମଧୁମୟ, ଅମୃତମୟ ଓ ଆନନ୍ଦମୟ।

ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ ଯୁଗର ଚର୍ଚ୍ଚିତ ତଥା ପ୍ରତିଭାବାନ ପ୍ରକୃତି କବି ୱିଲିୟମ୍ ୱାର୍ଡସ୍‌ୱର୍ଥ (୧୭୭୦-୧୮୫୦)। ତାଙ୍କର ରଚିତ କବିତା 'ଡାଫୋଡିଲ୍‌ସ'। ୨୪ ଧାଡ଼ି ବିଶିଷ୍ଟ ଏହି କବିତା ଚାରୋଟି ପଦରେ ବିଭକ୍ତ ହୋଇଛି। ନିଜସ୍ୱ ପାଠକୀୟ ଆକଳନ ଏକ ସିଦ୍ଧାନ୍ତରେ ଉପନୀତ କରାଇଛି ଯେ, କବିତାର ଉତ୍ତରଣ ମଧ୍ୟ ଚାରୋଟି ପର୍ଯ୍ୟାୟରେ ହୋଇଛି। ଏଠାରେ ପନ୍ଥିବାଦର ପ୍ରୟୋଗ ହେଲାଭଳି ମନେ ହୁଏ। ପନ୍ଥୀବାଦ (Pantheism) ହେଉଛି ଧାର୍ମିକ ବିଶ୍ୱାସ ଯେ ଈଶ୍ୱର ପ୍ରକୃତି ଏବଂ ବ୍ରହ୍ମାଣ୍ଡର ପ୍ରତ୍ୟେକ ଜିନିଷରେ ଅଛନ୍ତି। ଅର୍ଥାତ୍ ଈଶ୍ୱର ଓ ପ୍ରକୃତି ଏକ। ତେଣୁ ପ୍ରକୃତି ଭିତରେ ମଣିଷ ଅଦୃଶ୍ୟ ବିଭୁ ଚେତନା ଅନୁଭବ କରି ଆତ୍ମସନ୍ତୁଷ୍ଟ ଲାଭ କରିଥାଏ।

ଆକାଶରେ ମେଘଖଣ୍ଡ ଭାସିବା ସଦୃଶ ଚିନ୍ତାବିହୀନ ଭାବରେ ଅପ୍ରେଲ ୧୫, ୧୮୦୨ରେ କବି ୱିଲିୟମ୍ ୱାର୍ଡସ୍‌ୱର୍ଥ ଏକଦା ଭ୍ରମଣ କରୁଥିବା ବେଳେ ଲେକ୍ ଜିଲ୍ଲାର ଉଲସୱାଟର୍ ହ୍ରଦକୂଳରେ ହଠାତ୍ ସୁନେଲି ରଙ୍ଗର ଡାଫୋଡିଲ୍‌ସ ଫୁଲକୁ ଦେଖିଥିଲେ। ହାଲୁକା ପବନରେ ଡେଣା ହଲାଇ ନୃତ୍ୟ କରୁଥିଲା ଡାଫୋଡିଲ୍‌ସ। ଏହି ଦୃଶ୍ୟ ବିମୋହିତ କରିଥିଲା କବିଙ୍କୁ। ସୁସ୍ଥ ଶିଶୁଟିଏ ଖୋଲା ପରିବେଶରେ ଖେଳୁଖେଳୁ ଅଜାଣତରେ ଯେଭଳି ଆନନ୍ଦ ପାଇଥାଏ, ହଠାତ୍ ଡାଫୋଡିଲ୍‌ସର ସଂସ୍ପର୍ଶରେ ଆସି ସେଭଳି ଆନନ୍ଦ ଅନୁଭବ କରିଥିଲେ କବି। ଏହା ତ ନାରୀ, ଈଶ୍ୱର କି ପ୍ରକୃତି ସହିତ ସମ୍ମେଳନର ପ୍ରଥମ ସିଦ୍ଧାନ୍ତ ବି ହୋଇପାରେ। ଏଭଳି ତତ୍ତ୍ୱ କବିତାର ପ୍ରଥମ ପଦରେ ପ୍ରୟୋଗ ହେଲାଭଳି ମନେ ହୁଏ। ପରିଚୟର ପରବର୍ତ୍ତୀ ପର୍ଯ୍ୟାୟରେ କାମାସକ୍ତ ସ୍ଥିତି ଉପନୀତ ହୁଏ। ପ୍ରେମ ମୋହମୟ, ତୃଷ୍ଣାମୟ ହୋଇଥାଏ। ଡାଫୋଡିଲ୍‌ସ ପ୍ରତି ଆକର୍ଷଣ ବୃଦ୍ଧି ପାଇଛି କବିଙ୍କର। ଛାୟାପଥରେ ମିଜିମିଜି ହେଉଥିବା, ଆକାଶରେ ଚକଚକ କରୁଥିବା ତାରା ସହ ତୁଳନାତ୍ମକ ଚିତ୍ର ଆଙ୍କୁଛନ୍ତି କବି। ହ୍ରଦ କୂଳରେ ଲମ୍ବିଥିବା ଅଛିଣ୍ଡାଧାଡ଼ିକୁ ସେ ଦେଖି ଆନନ୍ଦିତ ହେଉଛନ୍ତି। ଡାଫୋଡିଲ୍‌ସର ନୃତ୍ୟ ତାଙ୍କୁ ଆକୃଷ୍ଟ କରୁଛି। ଏହା କିନ୍ତୁ ଚିରନ୍ତନ ନୁହେଁ। ଆସକ୍ତି, ଆକୃଷ୍ଟ କି ସମ୍ମୋହନର ତରଙ୍ଗ କ୍ରମଶଃ ବିବର୍ତ୍ତିତ ହୋଇ ସୂକ୍ଷ୍ମ ଭାବରେ ପ୍ରଭାବିତ କରୁଛି କବିଙ୍କ ଅନ୍ତଃ ହୃଦୟକୁ। ମୋହ ରୁପାନ୍ତରିତ ହେଉଛି ମାଧୁର୍ଯ୍ୟରେ। ଅନ୍ତଃ ପ୍ରେମ ସଫଳ ଶାନ୍ତିର ପଥ ପ୍ରଦର୍ଶକ। ପ୍ରତିବାଦର ପ୍ରଶ୍ନ ନାହିଁ। ପ୍ରଜ୍ୱଳିତ ଉଲକା ନୁହେଁ। ତାମସୀକ ତାତି ନୁହେଁ ସାତ୍ତ୍ୱିକ ରଶ୍ମି। ତ୍ୟାଗ, ସହିଷ୍ଣୁତା ଓ ସଞ୍ଜମତା ରହିଛି। ରୂପଜ ପ୍ରେମ ପରି ବାସନାଦୀପ୍ତ, କାଳିମାଲିପ୍ତ, କ୍ଳେଦସିକ୍ତ ନୁହେଁ। ହୃଦୟ ଭିତରେ ସ୍ଥାନ ଦେଇଛନ୍ତି ଡାଫୋଡିଲସ୍‌କୁ। ହ୍ରଦରେ ନୃତ୍ୟରତା ଢେଉଠାରୁ ବି ଡାଫୋଡିଲସ୍‌ର ନୃତ୍ୟ ଶ୍ରେୟସ୍କର ଥିଲା। ତା'ର ଛନ୍ଦ ଓ ମାଦକତାଭରା ନୃତ୍ୟର ନୈସର୍ଗିକ ଦୃଶ୍ୟରେ ନିମଜ୍ଜିତ ହୋଇଯାଇଛନ୍ତି କବି। ବାରମ୍ବାର ନିରୀକ୍ଷଣ କରୁଥିଲେ ଏହି ମନଲୋଭା ଦୃଶ୍ୟକୁ। ତେଣୁ ତୃତୀୟ ପଦର ଶେଷ ଧାଡ଼ିରେ ମୁକ୍ତକଣ୍ଠରେ ଘୋଷଣା କରିଛନ୍ତି ସେ ସମସ୍ତ ସମ୍ପତ୍ତି ପାଇଯାଇଛନ୍ତି। ତେଣୁ ଡାଫୋଡିଲ୍‌ସ ପ୍ରତି କବିଙ୍କ ଭଲପାଇବା କେତେ ଗଭୀର, କେତେ ବ୍ୟାପକ, କେତେ ଘନିଷ୍ଠ ତାହା ଏହି ବର୍ଣ୍ଣନାରୁ ବୁଝାପଡ଼େ। ପ୍ରକୃତି ମଧ୍ୟରେ ସେ ଦେଖିବାକୁ ପାଇଛନ୍ତି ପ୍ରାଣପ୍ରାଚୁର୍ଯ୍ୟ ଓ ଅଦ୍ଭୁତ କ୍ରିୟାକଳାପ। ପ୍ରେମ କେବଳ ବାହ୍ୟ ନୁହେଁ। ଏହି ପ୍ରେମ ମଣିଷର ଅନ୍ତଃହୃଦୟକୁ ମଧ୍ୟ ଆବୋରି ଧରି ସୁଖ ହେଉ କି ଦୁଃଖରେ ବି ଛିଡ଼ା ହୋଇଛି। ବୈରାଗ୍ୟରେ ଦେଖାଇଛି ଆଶାର ଆଲୋକ। ଧୈର୍ଯ୍ୟହରା ସମୟରେ ଧୈର୍ଯ୍ୟର ତୁଙ୍ଗ ପ୍ରାଚୀର ସଦୃଶ ଦଣ୍ଡାୟମାନ ହୋଇଛି। ପ୍ରକୃତି ପ୍ରେମ ଅନନ୍ତ, ବିଶାଳ, ଗମ୍ଭୀର, ସଜୀବ ଓ କ୍ରିୟାଶୀଳ। କବିତାର ଶେଷ ଫଂକ୍ତିରେ ସେ ସର୍ବୋଚ୍ଚ ସ୍ତରରେ ଉପନୀତ ହୋଇଛନ୍ତି। ଡାଫୋଡିଲ୍‌ସରୁ ଦୂରେଇ ଆସିଛନ୍ତି କବି। ସେ ଚିନ୍ତାମୁକ୍ତ କି ଚିନ୍ତାଶୀଳ ଯେଭଳି ସ୍ଥିତିରେ ଥିଲେ ବି ଡାଫୋଡିଲ୍‌ସ ଦିଶୁଛି। ଆଖି ବନ୍ଦ କଲେ ମଧ୍ୟ ଦିଶୁଛି। ନିରୋଳା ମୁହୂର୍ତ୍ତ ହିଁ ସହାୟ ହେଉଛି। ଡାଫୋଡିଲ୍‌ସ ସହିତ ଏକାକାର ହୋଇଯାଉଛି କବିଙ୍କ ହୃଦୟ। ଅନ୍ତରରେ ଆନନ୍ଦର ତରଙ୍ଗ ଉତ୍‌ଫୁଲ୍ଲିତ ହୋଇ ନୃତ୍ୟ କରୁଛନ୍ତି ସେଇ ଡାଫୋଡିଲ୍‌ସ ସହିତ। ପ୍ରମାଣିତ କରୁଛି ପ୍ରକୃତି ଓ ମଣିଷ ମଧ୍ୟରେ କୌଣସି ବୈଷମ୍ୟତା ନାହିଁ।

ପ୍ରକୃତରେ ପ୍ରକୃତି ଓ ମାନବ ଜୀବନ ଅଭିନ୍ନ। ଚେତନାଲୋକରେ ବ୍ୟକ୍ତି ଯେପରି ପ୍ରେମାକୃଷ୍ଟ ହୋଇ ଜଣେ ଅନ୍ୟର ସହାୟତା କରିଥାଏ। ଗୋଟିଏ ପରସ୍ପରର ପରିପୂରକ। ମାନବ ପ୍ରାଣରେ ପ୍ରକୃତି ଓ ପ୍ରକୃତି ମଧ୍ୟରେ ମାନବ ଜୀବନ ଦର୍ଶନ ମିଳିଥାଏ। ସର୍ବୋପରି ପ୍ରକୃତି ସହିତ ଛନ୍ଦି ହେଉଥିବା ମଣିଷ ହିଁ ପରମ ତୃପ୍ତି ଲାଭ କରିଥାଏ। ଏହି ସିଦ୍ଧାନ୍ତରେ ସମୃଦ୍ଧ କବି ୱିଲିୟମ୍ ୱାର୍ଡସ୍‌ୱର୍ଥଙ୍କ ଡାଫୋଡିଲ୍‌ସ ନିଶ୍ଚୟ ଏକ ସମ୍ଭ୍ରାନ୍ତ କୃତି। ■

ବରଗଡ଼, ମୋ-୯୯୩୮୨୭୭୬୩୫

# ଓଡ଼ିଶା







ଭାରତୀୟ ପରମ୍ପରାରେ କାର୍ତ୍ତିକ ଏକ ପବିତ୍ର ମାସ ଭାବେ ବିବେଚନା କରାଯାଏ । ଏହି ଧର୍ମ ମାସରେ ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବା ସମସ୍ତଙ୍କର ଇଚ୍ଛା ଥାଏ । ଏଥିପାଇଁ ପୂର୍ବରୁ ବ୍ରତଧାରୀମାନେ ନିଜ ନିଜ ଉଦ୍ୟମରେ ମଠ, ମନ୍ଦିର, ଧର୍ମଶାଳାରେ ରହୁଥିଲେ । ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ମଧ୍ୟ ପଡୁଥିଲା । ଏମିତି ବି ବୟସର ଶେଷ ପାହାଚରେ ପହଞ୍ଚିଥିବା କିଛି ମା'ମାନେ ଶ୍ରୀକ୍ଷେତ୍ରରେ ରହି ହବିଷ କରିବାକୁ ଇଚ୍ଛା କରୁଥିଲେ ବି ଅର୍ଥାଭାବରୁ ଆସିପାରି ନ ଥାନ୍ତି । କାର୍ତ୍ତିକରେ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଦର୍ଶନ ସେମାନଙ୍କ ଆଶାରେ ହିଁ ରହିଯାଉଥିଲା । ଏହି ବାସ୍ତବତାକୁ ଅନୁଭବ କରିଥିଲେ ସାଢ଼େ ୪ କୋଟି ଓଡ଼ିଆଙ୍କ ପ୍ରିୟ ତଥା ସମଗ୍ର ଓଡ଼ିଶାକୁ ନିଜ ପରିବାର ଭାବୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଅସୁବିଧାକୁ ଦୂର କରିବା ପାଇଁ ୨୦୧୬ରେ ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା ।

ପ୍ରସ୍ତୁତି: ହେମନ୍ତ



## ଦିନକୁ ଗୋଟିଏ ଥର ହବିଷାନ୍ନ

କାର୍ତ୍ତିକରେ ସାତ୍ତ୍ୱିକ ଆଚରଣ ସହ ଦେବଦେବୀଙ୍କ ଆରାଧନା କରିବା ଦ୍ୱାରା ସକଳ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ତେଣୁ ଏହି ସମୟରେ ଦିନକୁ ଗୋଟିଏଥର ହବିଷାନ୍ନ ଭକ୍ଷଣ କରିବାର ବିଧି ରହିଛି । ହବିଷାନ୍ନ ଉଭୟ ଶରୀର ଓ ମନ ଉପରେ ସାତ୍ତ୍ୱିକ ପ୍ରଭାବ ପକାଇଥାଏ । ଏହି ସମୟରେ ଅରୁଆ ଅନ୍ନ, ହବିଷ ଡାଲମା ଖାଇବାର ପରମ୍ପରା ରହିଛି । ହେଲେ ହବିଷ୍ୟାଳି ଯୋଜନାରେ ରହୁଥିବା ବ୍ରତଧାରୀ ମହାପ୍ରଭୁଙ୍କ ଶ୍ରୀମହାପ୍ରସାଦ ସେବନ କରୁଛନ୍ତି । ସନ୍ଧ୍ୟା ସମୟରେ ଶିବିରରେ ଏକାଠି ବସି ଖୁସିରେ ଅବଢ଼ା ଖାଉଛନ୍ତି । ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

## ଆକାଶ ଦୀପ ଓ ବିଜ୍ଞାନସମ୍ମତ ଯୁକ୍ତି

କାର୍ତ୍ତିକ ମାସରେ ଆକାଶ ଦୀପ ପ୍ରଜ୍ୱଳନ କରିବାର ବିଧି ରହିଛି । ହବିଷ୍ୟାଳିମାନେ ସନ୍ଧ୍ୟାରେ ତୁଳସୀ ଚଉରାମୂଳେ ଆକାଶ ଦୀପ ଜାଳିଥାନ୍ତି । ଏକ ମାଟିହାଣ୍ଡିରେ ଛିଦ୍ର କରି ସେଥିରେ ବାଲି ରଖି, ତା' ଉପରେ ଏକ ପ୍ରଜ୍ୱଳିତ ଦୀପ ରଖାଯାଏ । ଏହାକୁ ଏକ ପଲମରେ ଢାଙ୍କି ଦେବା ପରେ ଦଉଡ଼ି ବା ରଶିରେ ବାନ୍ଧି ଏହାକୁ ବାଉଁଶର ଅଗ୍ରଭାଗ ପର୍ଯ୍ୟନ୍ତ ଉଠାଯାଏ । ଏହାର ଆଧ୍ୟାତ୍ମିକ ଏବଂ ବୈଜ୍ଞାନିକ ସିଦ୍ଧାନ୍ତ ମଧ୍ୟ ରହିଛି । ଆକାଶ ଦୀପ ଦାନ ଦ୍ୱାରା ମନୁଷ୍ୟ ବହୁବିଧ ପାପରୁ ମୁକ୍ତିପାଇ ବିଷ୍ଣୁଲୋକ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଆକାଶ ଦୀପ ଆତ୍ମା ଏବଂ ପରମାତ୍ମା ମଧ୍ୟରେ ଏକ ସମ୍ପର୍କ ସ୍ଥାପନର ପ୍ରତୀକ ବୋଲି କୁହାଯାଏ । ସେହିପରି ଏହାର ବିଜ୍ଞାନସମ୍ମତ ଯୁକ୍ତି ହେଉଛି କାର୍ତ୍ତିକ ମାସରେ ଶରତ କାଳରେ ନଭୋମଣ୍ଡଳ ପ୍ରଥମ ସ୍ତରରେ ନାନା ପ୍ରକାର ଜୀବାଣୁ ସୃଷ୍ଟି ହୋଇ ସେଠାରେ ବିଚରଣ କରିଥାନ୍ତି । ଏହି ଜୀବାଣୁ ଜନସମାଜର ବହୁବିଧ କ୍ଷତି ସାଧନ କରିଥାନ୍ତି । ଆକାଶଦୀପ ପ୍ରଜ୍ୱଳନ ଦ୍ୱାରା ଦୀପଶିଖା ସଂସ୍ପର୍ଶରେ ସ୍ୱାଭାବିକ ଭାବେ ଆକୃଷ୍ଟ ହୋଇ ନଷ୍ଟ ହୋଇଥାନ୍ତି । ତେଣୁ ପ୍ରାୟତଃ ପ୍ରତି ଗ୍ରାମରେ ଚଉଁରାମୂଳେ ବା ଦେବମନ୍ଦିର ପରିସରରେ ଆକାଶଦୀପ ପ୍ରଦାନ କରାଯାଇଥାଏ । ଏହା ହବିଷ୍ୟାଳିମାନଙ୍କ ଦ୍ୱାରା ବିଷ୍ଣୁ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ । ହବିଷ୍ୟାଳି ଯୋଜନାର ପ୍ରଥମବର୍ଷରେ ତିନୋଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ରହିଥିଲେ ପ୍ରାୟ ଅଢ଼େଇ ହଜାର ବ୍ରତଧାରୀ । ସେମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ ରାଜ୍ୟ ସରକାର । ୨୦୧୭, ୨୦୧୮ ଏବଂ ୨୦୧୯ ଏହି ତିନିବର୍ଷ ପ୍ରାୟ ୩ ହଜାର ପାଖାପାଖି ହବିଷ୍ୟାଳିଙ୍କ ପାଇଁ ରହଣି ବ୍ୟବସ୍ଥା କରାଯାଇଥିଲା । ୨୦୨୦ ଏବଂ ୨୦୨୧ କୋଭିଡ୍ ପାଇଁ ହବିଷ୍ୟାଳି ଯୋଜନା ବନ୍ଦ ରହିଥିବା ବେଳେ ୨୦୨୨ରେ ପୁନଶ୍ଚ ଏହା ଆରମ୍ଭ ହୋଇଥିଲା । ଚଳିତବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ଏହି ମହତାକାଂକ୍ଷୀ ଯୋଜନାରେ ୩ ହଜାରରୁ ଅଧିକ ହବିଷ୍ୟାଳି ମା' ଶ୍ରୀକ୍ଷେତ୍ରରେ ରହି ପାଳୁଛନ୍ତି କାର୍ତ୍ତିକ ବ୍ରତ ।



# ଶ୍ରୀକ୍ଷେତ୍ରରେ ମୋକ୍ଷ ମାସ

## ୪୧ କୋଟିରେ ବୃନ୍ଦାବତୀ ନିବାସ

୨୦୧୬ରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା । ପ୍ରଥମବର୍ଷ ତିନୋଟି ଅସ୍ଥାୟୀ ଆଶ୍ରୟସ୍ଥଳରେ ରହିଥିଲେ ପ୍ରାୟ ଅଢ଼େଇ ହଜାର ବ୍ରତଧାରୀ । ସେମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ ରାଜ୍ୟ ସରକାର । ଏହା ପରବର୍ଷ ଅର୍ଥାତ୍ ୨୦୧୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହବିଷ୍ୟାଳି ମା'ମାନଙ୍କ ପାଇଁ ସ୍ଥାୟୀ ରହଣି କେନ୍ଦ୍ର ନିର୍ମାଣ ଉଦ୍ଦେଶ୍ୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ଯାହାକୁ ୨୦୨୨ରେ ଲୋକାର୍ପଣ କରିଥିଲେ ମୁଖ୍ୟମନ୍ତ୍ରୀ । ନରେନ୍ଦ୍ରକୋଣସ୍ଥିତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ର ପୁରୁଣା ଗ୍ୟାରେଜ ଜମି (ପ୍ରାୟ ୨ ଏକର) ରେ ଏହି କୋଠା ନିର୍ମାଣ କରାଯାଇଛି । ୧୫,୯୫୪ ବର୍ଗମିଟର ଅଞ୍ଚଳରେ ଗ୍ରାଉଣ୍ଡ ଫ୍ଲୋର ସମେତ ୭ ମହଲା କୋଠା ନିର୍ମିତ ହୋଇଛି । ଅବଢ଼ା ଯୋଜନାରେ ପ୍ରଥମେ ୩୮ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା । ନିର୍ମାଣ ଶେଷ ବେଳକୁ ବ୍ୟୟ ଅଟକଳ ୪୧ କୋଟି ଟଙ୍କାରେ ପହଞ୍ଚିଥିଲା । ବୃନ୍ଦାବତୀ ନିବାସରେ ୧୧୮ ଟି କୋଠରୀ ଥିବାବେଳେ ର୍ୟାମ୍ପ, ଲିଫ୍ଟ ସାଙ୍ଗକୁ ଡାଇନିଂ ହଲ୍, ଶୌଚାଳୟ, ସ୍ନାନାଗାର ଆଦି ସମସ୍ତ ପ୍ରକାର ମୌଳିକ ସୁବିଧା ରହିଛି ।



## ଦାୟିତ୍ୱ ନେଉଛନ୍ତି ସରକାର

ହବିଷ୍ୟାଳିମାନେ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ସେମାନଙ୍କ ସମସ୍ତ ପ୍ରକାର ଦାୟିତ୍ୱ ନେଉଛନ୍ତି ସରକାର ଓ ପ୍ରଶାସନ । ବ୍ରତଧାରୀଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ ଓ ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟ ଜଳ, ନରେନ୍ଦ୍ରରେ ସୁରକ୍ଷିତ ସ୍ନାନ, ସ୍ୱେଚ୍ଛାସେବୀଙ୍କ ସହଯୋଗ ପାଇଁ ସମ୍ପୃକ୍ତ ବିଭାଗ, ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି । ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି ।

## ଅନ୍‌ଲାଇନ ପଞ୍ଜୀକରଣ

ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିବା ଲାଗି ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନା ପାଇଁ ପ୍ରାୟ ଦେଢ଼ମାସ ପୂର୍ବରୁ ଆରମ୍ଭ ହୋଇଥାଏ ପ୍ରସ୍ତୁତି ପର୍ବ । ସେଥିରେ ହବିଷ୍ୟାଳିଙ୍କ ରହଣି ଏବଂ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ ଉପରେ ଆଲୋଚନା କରାଯାଇ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଏ । ତେବେ ଏହି ଯୋଜନାରେ ରହିବାକୁ ଚାହୁଁଥିବା ବ୍ରତଧାରୀଙ୍କୁ ପଞ୍ଜୀକରଣ କରିବାକୁ ପଡ଼େ । ପ୍ରଥମ ୩ ବର୍ଷ ଅଫ୍‌ଲାଇନରେ ପଞ୍ଜୀକରଣ କରିବାକୁ ପଡୁଥିବା ବେଳେ ଏବେ ଅନ୍‌ଲାଇନରେ ପଞ୍ଜୀକରଣ କରାଯାଉଛି । ଏଥିପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଞ୍ଜୀକରଣ ନିମନ୍ତେ ସୁବିଧା କରାଯାଇଥାଏ । ଏଥିସହ ଅନ୍‌ଲାଇନ ପଞ୍ଜୀକରଣ ପାଇଁ ବିଜ୍ଞାପନ ମାଧ୍ୟମରେ ସମସ୍ତଙ୍କ ପାଖରେ ଖବର ପହଞ୍ଚାଯିବା ସହିତ ଅଫ୍‌ଲାଇନ ନିମନ୍ତେ ଫର୍ମ ମଧ୍ୟ ଉପଲବ୍ଧ କରାଯାଉଛି । ଆବଶ୍ୟକ କାଗଜାତ ସହ ହବିଷ୍ୟାଳି ମା'ମାନେ ଆବେଦନ କରୁଛନ୍ତି । ପରେ ଆବେଦନଗୁଡ଼ିକର ଯାଞ୍ଚ କରାଯାଇ ମାନଦଣ୍ଡ ଆଧାରରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ହବିଷ୍ୟାଳିଙ୍କ ପାଖକୁ ଖବର ପଠାଯାଉଛି ।



## ପାଞ୍ଚ କେନ୍ଦ୍ରରେ ୩,୦୨୪ ହବିଷ୍ୟାଳି

ଚଳିତବର୍ଷ ହବିଷ୍ୟାଳି ଯୋଜନାରେ ପ୍ରାୟ ୩,୩୦୦ ଜଣ ଆବେଦନ କରିଥିଲେ । ସବୁ ଆବେଦନର ଯାଞ୍ଚ ପାଇଁ ମାନଦଣ୍ଡ ପୂରଣ କରିଥିବା ୩,୦୨୪ ହବିଷ୍ୟାଳି ମା'ଙ୍କୁ ରହିବା ଲାଗି ଏଥର ସୁଯୋଗ ଦିଆଯାଇଛି । ରାଜ୍ୟର ସମସ୍ତ ୩୦ ଜିଲ୍ଲାରୁ ଆସିଛନ୍ତି ହବିଷ୍ୟାଳି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୧୧, ପୁରୀରୁ ୮୭୫, ଗଞ୍ଜାମରୁ ୩୮୫, ନୟାଗଡ଼ ଜିଲ୍ଲାରୁ ୩୧୦ ରହିଛନ୍ତି । ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ୫ଟି ରହଣି କେନ୍ଦ୍ରରେ ରହିଛନ୍ତି ହବିଷ୍ୟାଳି । ଏହି କେନ୍ଦ୍ରଗୁଡ଼ିକ ହେଉଛି ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର, ବାଗେଡ଼ିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପ । ଏଠାରେ ବ୍ରତଧାରୀଙ୍କ ରହଣି ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି । ଜିଲ୍ଲାୱାରୀ ବିଭିନ୍ନ କେନ୍ଦ୍ରରେ ସେମାନଙ୍କୁ ରଖାଯାଇଛି ।





## ଭଜନ, ପ୍ରବଚନରେ ଭିଜୁଛି ମନ

ସରକାରଙ୍କ ପକ୍ଷରୁ ହବିଷ୍ୟାଳିଙ୍କ ଲାଗି ପୂଜାର୍ଚ୍ଚନା, ରହିବା, ଖାଇବା, ସୁରକ୍ଷା, ସ୍ୱାସ୍ଥ୍ୟସେବା ସାଙ୍ଗକୁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ବ୍ରତଧାରୀଙ୍କୁ ସକାଳେ ଚା' ଦିଆଯାଉଛି । ସୁରକ୍ଷିତ ସ୍ନାନ ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଲାଇଫ୍‌ଗାର୍ଡ ଓ ଅଗ୍ନିଶମ କର୍ମଚାରୀ ମୁତୟନ ଥିବାବେଳେ ଶ୍ରୀମନ୍ଦିରକୁ ଯିବା ପାଇଁ ଗାଡ଼ି ଏବଂ ସହାୟତା ଯୋଗାଇଦେବାକୁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି । ସେହିପରି ରହଣି କେନ୍ଦ୍ର ପରିସରରେ ତୁଳସୀ ଚଉରା ଏବଂ ଆକାଶଦୀପ ସାଙ୍ଗକୁ ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଜନ, ପ୍ରବଚନ ଓ ପାଲା ଇତ୍ୟାଦି ପରିବେଷଣ କରାଯାଉଛି । ହବିଷ୍ୟାଳି ମା' ମାନଙ୍କର ହୁଳହୁଳି ଓ କରତାଳିରେ କମ୍ପି ଉଠୁଛି ପରିବେଶ । କେତେକ ହବିଷ୍ୟାଳି ମା' ମଧ୍ୟ ଭଜନ ଜଣାଣ ଓ ସ୍ୱ ରଚିତ ଆଧ୍ୟାତ୍ମିକ କବିତା ଗାନ କରୁଛନ୍ତି । ଏହି ମାସରେ ଦାନ ଓ ଦେବ ଦର୍ଶନ ମହନୀୟ ପୁଣ୍ୟକର୍ମ ରୂପେ ବିବେଚିତ ହୋଇଥାଏ ।



## ଯତ୍ନ ନେଉଛନ୍ତି ସ୍ୱେଚ୍ଛାସେବୀ

ପ୍ରାତଃରୁ ଉଠି ହବିଷ୍ୟାଳିମାନେ ନିତ୍ୟକର୍ମ ସାରିବା ପରେ ଆଧ୍ୟାତ୍ମିକ ଭାବଧାରାରେ ସାମିଲ ହେଉଛନ୍ତି । ସ୍ନାନ ସାରିବା ପରେ ସମସ୍ତେ ଶ୍ରୀମନ୍ଦିରକୁ ଯାତ୍ରା କରୁଛନ୍ତି । ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରୁଛନ୍ତି । ରହଣି କେନ୍ଦ୍ରରେ ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କୁ ପୂଜା କରୁଛନ୍ତି । ତେବେ ହବିଷ୍ୟାଳି ମା'ମାନଙ୍କ ଯତ୍ନ ନେବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି । ସେମାନେ ପରିବାର ସଦସ୍ୟ ଭଳି ସେବା ଯୋଗାଇ ଦେଉଛନ୍ତି । ସକାଳେ ସେମାନଙ୍କୁ ସାଥୀରେ ନେଇ ଶ୍ରୀମନ୍ଦିରକୁ ଯାଉଛନ୍ତି । ହବିଷ୍ୟାଳିଙ୍କୁ ଦର୍ଶନ କରାଇ ପୁଣି ସାଥୀରେ ଆଣି କେନ୍ଦ୍ରରେ ପହଞ୍ଚାଇ ଦେଉଛନ୍ତି ।



ଉତ୍କଳୀୟ ସାଧବ ପୁଅମାନେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ବୋଇତରେ ସୁଦୂର ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ (ଏବେକାର ଇଣ୍ଡୋନେସିଆ) ଯାତ୍ରା କରୁଥିଲେ । ସାଧବପୁଅ ମାନଙ୍କର ଅତୀତର ସ୍ମୃତିକୁ ରୋମନ୍ଥନ କରିବା ସହ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଆମାନେ ଆ-କା-ମା-ବୈ ଗୀତ ବୋଲି ଡଙ୍ଗା ଭସାଇଥାନ୍ତି । ଏଇଠୁ ଆରମ୍ଭ ହୋଇଥାଏ ବାଲିଯାତ୍ରା । ବାଲିରେ ଯାତରା-ବାଲିଯାତ୍ରା । ଓଡ଼ିଶାର ଗୌରବମୟ ଐତିହ୍ୟର ମୂକସାକ୍ଷୀ ହେଉଛି ଏହି ଯାତ୍ରା । ବାଲିଯାତ୍ରା ଏପରି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା । ଡଙ୍ଗାଭସା ବା ବୋଇତ ବନ୍ଦାଣ ଉତ୍ସବର ସ୍ମାରକୀ ବହନ କରେ ଏହି ପର୍ବ । ଏହା ମେଳା ନୁହେଁ ଏକ ମହାମେଳ । ଛୁଞ୍ଚି ଠାରୁ ଆରମ୍ଭ କରି ଶିଳପୁଆ ପର୍ଯ୍ୟନ୍ତ ପ୍ରତ୍ୟେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବାଲିଯାତ୍ରାରେ ଉପଲବ୍ଧ ହୋଇଥାଏ ।

ପ୍ରସ୍ତୁତି : ଅଶୋକ, ଫଟୋ- ବିକାଶ

# ଚାଲ ବୁଲିଯିବା ବାଲିଯାତରା






## ଏଥର ଅଣ୍ଡରୱାଟର୍ ଟନେଲ୍ ଆକ୍ୱାରିୟମ୍

**୨ଶହ ଫୁଟ୍ ଲମ୍ବ, ୫ ଶହ ପ୍ରଜାତିର ୨ ହଜାର ମାଛ**

ପ୍ରତିବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯାଉଛି । ଏଥିରେ ଦେଖିବାକୁ ମିଳୁଛି ନିଆରା ଦୃଶ୍ୟ । ଚଳିତବର୍ଷ ବାଲିଯାତ୍ରାରେ ଲୋକମାନେ ଅଣ୍ଡରୱାଟର୍ ଫିସ୍ ଟନେଲ ଆକ୍ୱାରିୟମରେ ମଜା ଉଠାଇପାରିବେ । ପ୍ରଥମଥର ନିମନ୍ତେ ଏହି ଆକ୍ୱାରିୟମ ବାଲିଯାତ୍ରାକୁ ଆସିବ । ଯାହାର ଲମ୍ବ ୨୫୦ ଫୁଟ୍ ରହିଥିବାବେଳେ ଓସାର ୬୦ ଫୁଟ ରହିଛି । ଲୋକମାନେ ଆକ୍ୱାରିୟମ ମଧ୍ୟରେ ପ୍ରବେଶ କରି ବିଭିନ୍ନ ପ୍ରଜାତିର ମାଛ ବୁଲି ଦେଖି ପାରିବେ । ପ୍ରାୟ ୫ଶହ ପ୍ରଜାତିର ୨ହଜାରରୁ ଅଧିକ ମାଛ ଦେଖିବା ସହ ଫଟୋ ଉଠାଇପାରିବେ । ଜଣକ ପ୍ରତି ଟିକଟ୍‌ର ମୂଲ୍ୟ ୧୫୦ ଟଙ୍କା ରହିଛି । ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ଟିକଟ ଉପଲବ୍ଧ ହେବ । ଯେଉଁମାନେ ଅନ୍‌ଲାଇନ୍‌ରେ ଟିକଟ୍ କରିଥିବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଥିବା ଆୟୋଜକ ସଂସ୍ଥା ପକ୍ଷରୁ କୁହାଯାଇଛି । ଏହି ଆକ୍ୱାରିୟମ ଆନୁମାନିକ ମୂଲ୍ୟ ୪.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବାବେଳେ ଏଥିରେ ସାର୍କ, ଗୁରାମି ଭଳି ମାଛ ଦେଖିବାକୁ ମିଳିବ ।

## ମଞ୍ଚରେ ସଚିନ୍-ଜିଗର୍, ଅନୁ ମଲିକ୍

ଚଳିତବର୍ଷ ବାଲିଯାତ୍ରାରେ ଦୁଇରାତି ବଲିଉଡ୍ ନାଇଟ ଶୋ’ ହେବ । ଡିସେମ୍ବର ୨ତାରିଖ ମଞ୍ଚରେ ବଲିଉଡର ଯୋଡ଼ି ସଚିନ-ଜିଗର ସଙ୍ଗୀତ ପରିବେଷଣ କରିବେ । ତେରେ ଭାସତେ’, ‘ଫିର୍ ଔର କ୍ୟା ଚାହିଏ’, ‘ଆପନା ବନା ଲେ’, ‘ଇକ୍ ଜିନ୍ଦେଗୀ’ ଭଳି ମନଛୁଆଁ ହିନ୍ଦୀ ଗୀତ ଶୁଣିବାକୁ ମିଳିବ । ସେହିଭଳି ୩ ତାରିଖରେ ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ଅନୁ ମଲିକଙ୍କୁ ବାଲିଯାତ୍ରା ସାଂସ୍କୃତିକ ମଞ୍ଚରେ ଦେଖିବାକୁ ମିଳିବ । ‘ତୁମ୍ ସେ ମିଲକେ ଦିଲା କା ଜୋ ହାଲ’, ‘ମୋ ହୁଁ ନା’, ‘ବାଜିଗର ଓ ବାଜିଗର’ ଭଳି ଗୀତ ଶୁଣିବାକୁ ପାଇବେ ଶ୍ରୋତା । ସେ ତାଙ୍କ ପୂରା ଟିମ୍ ସହ ଏଥର ବାଲିଯାତ୍ରାରେ ସାମିଲ ହେବେ ।

## ସ୍ୱରୂପଙ୍କ ସ୍ମୃତିରେ ମ୍ୟୁଜିକାଲ୍ ନାଇଟ୍

ଓଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକଙ୍କ ସ୍ମୃତିରେ ଏଥର ବାଲିଯାତ୍ରାରେ ମ୍ୟୁଜିକାଲ୍ ନାଇଟ୍ ଆୟୋଜନ କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱରୂପ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରାଯିବ । ସୀତା ଲୋ’ ଆଜି ଜଳୁଛି ଯାହାର ଚିତା ଲୋ..., ଗାଁ ମଝିରେ ଚାନ୍ଦିନୀ..., ନୀଳ ନୟନା... ଭଳି ପୁରୁଣା ଓ ବହୁ ଶ୍ରୁତିମଧୁର ସଙ୍ଗୀତ ବାଲିଯାତ୍ରାର ସାଂସ୍କୃତିକ ମଞ୍ଚରେ ପରିବେଷଣ କରାଯିବ ।

କଟକ ସହରରେ ବୋଇତ ବନ୍ଦାଣ ବା ବାଲିଯାତ୍ରାରେ ବିପୁଳ ଜନସମାଗମ ଦେଖିବାକୁ ମିଳିଥାଏ । କଟକଠାରେ ବାଲିଯାତ୍ରା ପ୍ରତିବର୍ଷ ଗଡ଼ଗଡ଼ିଆ ଘାଟ ଓ ବାରବାଟି ଦୁର୍ଗ ନିକଟରେ ଅନୁଷ୍ଠିତ ହୋଇଥାଏ । ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଆସି ନିଜ ପସରା ମେଲାଇଥାନ୍ତି । ଦେଶର ବିଭିନ୍ନ ପ୍ରାନ୍ତର ହସ୍ତଶିଳ୍ପର ସମ୍ଭାର ଏହି ମେଳାରେ ଦେଖିବାକୁ ମିଳିଥାଏ । ବାଲିଯାତ୍ରାରେ କଟକ ପ୍ରସିଦ୍ଧ ଦହିବରା ଆଳୁଦମ, ଠୁଙ୍କାପୁରି ଛେନା ତରକାରୀର ସ୍ୱାଦ ନିଆରା ।




## ‘କଟକ ଇନ୍ କଟକ’ରେ ଗ୍ରାମୀଣ ବଜାର

‘କଟକ ଇନ୍ କଟକ’ ପରିସରରେ ସିଏମ୍‌ସି ଦ୍ୱାରା ଗ୍ରାମୀଣ ବଜାର ଖୋଲିବାର ବ୍ୟବସ୍ଥା କରାଯାଇଛି । ସ୍ୱୟଂସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ବିକ୍ରି କରିବେ । ଏଥିରେ ପ୍ରାୟ ୬୦ଟି ଷ୍ଟଲର ବ୍ୟବସ୍ଥା କରାଯିବ । ସୁରକ୍ଷା ଜମାଭିତ୍ତିରେ ଏସ୍‌ଏଚ୍‌ଜିଗୁଡ଼ିକୁ ୨ ହଜାର ଟଙ୍କା ଲେଖାଏ ଦେବାକୁ ହେବ । ଏଥିସହ ସେମାନଙ୍କ ନିମନ୍ତେ ବୀମା ସୁବିଧା ରହିବ ବୋଲି ସିଏମ୍‌ସି ନିଷ୍ପତ୍ତି ନେଇଛି ।





## ଯାତ୍ରାରେ ମିଳିବ ଗାଁର ଅନୁଭୂତି

ଗାଁ ଧୂଳି ଦାଣ୍ଡରୁ ଆରମ୍ଭ କରି ଭାଗବତ ଟୁଙ୍ଗି ପର୍ଯ୍ୟନ୍ତ । ତା ମଧ୍ୟରେ ଗାଁ ପୋଖରୀ ଆଉ ଅଙ୍ଗନବାଡ଼ି ଓ ସ୍କୁଲ୍ । ଆଲୋକୀକରଣ ବ୍ୟବସ୍ଥା ସମେତ ଗାଁ ପରିବେଶର ଏକ ଅନନ୍ୟ ଅନୁଭବ । ସହରୀ ଜାକଜମକରେ ଦେଖିବାକୁ ମିଳିବ ଗାଁ ପରିବେଶ । ଏଥିପାଇଁ ‘କଟକ ଇନ୍ କଟକ’ରେ ଜାରିରହିଛି କାର୍ଯ୍ୟ । ଏଥିରେ ବିଭିନ୍ନ ସମ୍ପ୍ରଦାୟର ପ୍ରାର୍ଥନାଗୃହ ନିର୍ମାଣ ହୋଇଥିଲା ବେଳେ ପ୍ରାୟ ୭୦ଟି ବିଭିନ୍ନ ଘର ତିଆରି କରାଯାଉଛି । ଭାଗବତ ଟୁଙ୍ଗିରୁ ଆରମ୍ଭ କରି ‘ମୋ ସ୍କୁଲ୍’ ମଧ୍ୟ ସ୍ଥାନ ପାଇବ ।





## ଥ୍ରୀ-ଡି ଇଫେକ୍ଟ ସୋ’

ବାଲିଯାତ୍ରାରେ ଏଥର ଦେଖିବାକୁ ମିଳିବ ଥ୍ରୀ-ଡି ଇଫେକ୍ଟ ସୋ । ଏହା ସାଙ୍ଗକୁ ଲୋକମାନେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ନେଇପାରିବେ । ଏକ ବଡ଼ ହଲ୍ ଭିତରେ ଡିଜିଟାଲ ଥ୍ରୀ-ଡି ଇଫେକ୍ଟ ଜରିଆରେ ବିଭିନ୍ନ ବିଷୟବସ୍ତୁ ପ୍ରଦର୍ଶିତ ହେବ । ସେହିଭଳି ପାଖାପାଖି ଦୁଇଟି ଆମ୍ୟୁସ୍‌ମେଣ୍ଟ ତିଆରି ହେବ । ଆବଦ୍ଧ ପରିସରରେ ସମୁଦ୍ରକୂଳ ସମେତ ବିଭିନ୍ନ ସ୍ଥାନରେ ବୁଲିବାର ଅନୁଭବ ମିଳିବ । ଏଥିପାଇଁ ୫ ମିନିଟ୍ ଲେଖାଏଁ ପ୍ରଦର୍ଶିତ ହେବ ୩-ଡି ପାନାରୋମିକ୍ ସୋ ।

## ସବୁଜ ବାଣ ସାଙ୍ଗକୁ ଫାୟାର୍ ସୋ’

ପ୍ରଥମଥର ନିମନ୍ତେ ବାଲିଯାତ୍ରାରେ ହେବ ଫାୟାର ସୋ । ପ୍ରାୟ ୭ଦିନ ଧରି ଏହି ସୋ କରାଯିବ । ସେହିଭଳି ଗ୍ରୀନ୍ କ୍ରାକର ସୋ ବା ସବୁଜ ବାଣ ସୋ’ ହେବ । ବିଭିନ୍ନ ରଙ୍ଗର ସବୁଜ ବାଣ ଫୁଟାଯିବ । ଲୋକମାନଙ୍କୁ ବାଲିଯାତ୍ରାରେ ମନୋରଞ୍ଜନ ଯୋଗାଇ ଦେବାକୁ ସିଏମ୍‌ସି ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଏଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ଯୋଜନା ହୋଇଛି ।








## ପ୍ରଚାରପ୍ରସାର କରୁଛି ପ୍ରଜ୍ଞାପନ ମେଢ଼

ଐତିହାସିକ ବାଲିଯାତ୍ରାକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏହି ଐତିହାସିକ ଯାତ୍ରାର ପ୍ରଚାର ଓ ପ୍ରସାର ପାଇଁ ଗଡ଼ଗଡ଼ିଆ ମନ୍ଦିରରେ ପ୍ରଜ୍ଞାପନ ମେଢ଼ର ଉଦଘାଟନ ହୋଇଯାଇଛି । ଏହି ପ୍ରଜ୍ଞାପନ ମେଢ଼ କଟକ ସହିତ ପୁରୀ, ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର ଓ ପାରାଦ୍ୱୀପ ଆଦି ଅଞ୍ଚଳ ବୁଲି ଐତିହାସିକ ବାଲିଯାତ୍ରା ସମ୍ପର୍କିତ ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବ ।



## ଦୋଳିର ମଜା

ବିଭିନ୍ନ ପ୍ରକାର ଦୋଳିର ମଜା ଲୋକମାନେ ନେଇପାରିବେ । ପ୍ରାୟ ୩୦ ପ୍ରକାର ଦୋଳି ଏଥର ବାଲିଯାତ୍ରାକୁ ଆସିଛି । ୧୦୦ ଫୁଟ୍ ଉଚ୍ଚର ରାମ ଦୋଳି ଏଥର ମୁଖ୍ୟ ଆକର୍ଷଣ ହେବ । ଏଥିରେ ୧୨୦ଜଣ ଏକାସାଙ୍ଗରେ ବସି ପାରିବେ । ସେହିଭଳି ‘ଫ୍ରିସ୍ ବି ଝୁଲା’ ମଧ୍ୟ ଏଥିର ନୂଆ । ଡଙ୍ଗା ଆକୃତିର ଏହି ଦୋଳି ରହିଥିବାବେଳେ ଏଥର ଏହାର ଲୋକଙ୍କ ପସନ୍ଦ ଆସିବ ବୋଲି ଆଶା କରାଯାଉଛି । ଟୋରାଟୋରା, ବ୍ରେକ୍ ଡ୍ୟାନ୍ସ, ଚାନ୍ଦ ତାରା, ଡ୍ରାଗନ୍ ଆଦି ଦୋଳି ଦେଖିବାକୁ ମିଳିବ । ୭ଟି ସଂସ୍ଥାର ବ୍ୟବସାୟୀମାନେ ଏଥର ଦୋଳି ବ୍ୟବସାୟ ପାଇଁ ବାଲିଯାତ୍ରାକୁ ଆସିଛନ୍ତି ।

## ଆକର୍ଷଣରେ ସେଲ୍‌ଫି ଜୋନ୍ ଓ ମତ୍ସ୍ୟକନ୍ୟା

ବାଲିଯାତ୍ରାରେ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରିବ ବିଭିନ୍ନ ପ୍ରକାରର ସେଲ୍‌ଫି ଜୋନ । ପ୍ରାୟ ୧୦ଟିରୁ ଅଧିକ ସେଲ୍‌ଫି ଜୋନ୍ ‘କଟକ ଇନ୍ କଟକ’ ମଧ୍ୟରେ କରାଯିବ । ସେହିଭଳି ବାଲିଯାତ୍ରା ପଡ଼ିଆର ପ୍ରବେଶ ପଥଗୁଡ଼ିକରେ ଆକର୍ଷଣ ସାଜିବ ମତ୍ସ୍ୟକନ୍ୟା । ପାଖାପାଖି ୧୩ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମତ୍ସ୍ୟକନ୍ୟାରେ ରହିବ ସଚେତନତା ବାର୍ତ୍ତା । ଯେଉଁଥିରେ ୮ଟି ମତ୍ସ୍ୟକନ୍ୟା ଗଢ଼ାଯିବ ।



## ବୈଷ୍ଣବ ପାଣି ମଞ୍ଚରେ ବସ୍ତିର ପିଲା

ବାଲିଯାତ୍ରାର ଐତିହାସିକ ବୈଷ୍ଣବ ପାଣି ମଞ୍ଚରେ ପ୍ରଥମଥର ପାଇଁ ନିଆରା ନାଚଗୀତ ପରିବେଷଣ କରାଯିବ । ଏଥିପାଇଁ କୁନିକୁନି ବସ୍ତିର ପିଲାମାନେ ପ୍ରସ୍ତୁତି ଚଳାଇଛନ୍ତି । ଯାହା ଏଥର ବୈଷ୍ଣବ ପାଣି ମଞ୍ଚର ଆକର୍ଷଣ ହେବା ସହିତ ଅଭିଜ୍ଞ ନାଚଗୀତ କଳାକାର ଭଳି ମଞ୍ଚ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କୁ ଝୁମାଇବେ କୁନି ପିଲା । ଏ ନେଇ ପିଲାମାନଙ୍କୁ ସିଏମ୍‌ସି ଓ କଳା ବିକାଶ କେନ୍ଦ୍ର ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଛି । ସମ୍ବଲପୁରୀ ସାଙ୍ଗକୁ ଓଡ଼ିଆ ଆଧୁନିକ ଗୀତ । ଆକର୍ଷଣୀୟ ପୋଷାକ ସାଙ୍ଗକୁ ସୁନ୍ଦର ନାଚ । ତା’ ସହିତ ମନଛୁଆଁ ଗୀତ ଲୋକମାନେ ଶୁଣିବାକୁ ପାଇବେ ।






## ସୂଚନା ଦେବ ‘ଆମ ବାଲିଯାତ୍ରା’

ଚଳିତବର୍ଷ ବାଲିଯାତ୍ରା ସମ୍ପର୍କିତ ସମସ୍ତ ସୂଚନା ଲୋକମାନେ ନିଜ ମୋବାଇଲରେ ପାଇପାରିବେ । କେଉଁ ସ୍ଥାନରେ ପାର୍କିଂ ରହିଛି, କେଉଁ ଦୋଳି ପଡ଼ିଛି ତାହାର ସମସ୍ତ ତଥ୍ୟ ଲୋକମାନେ ଏକ ଆପ୍ଲିକେସନ ମାଧ୍ୟମରେ ଜାଣିପାରିବେ । କଟକର ଯୁବକ ସୂର୍ଯ୍ୟନାରାୟଣ ବାରିକଙ୍କ ଦ୍ୱାରା ଏହି ଆପ ପ୍ରସ୍ତୁତ ହୋଇଥିବାବେଳେ ଏହାର ନାମ ରହିଛି ‘ଆମ ବାଲିଯାତ୍ରା’ ଆପ୍ । ୨ ବର୍ଷ ଧରି ବାଲିଯାତ୍ରା ସମ୍ପର୍କିତ ସବୁ ତଥ୍ୟ ଲୋକମାନେ ଏହି ଆପ୍‌ରୁ ଜାଣିପାରୁଥିଲେ । ତେବେ ଏଥର ମଧ୍ୟ ଏହି ଆପ୍ କାର୍ଯ୍ୟକାରୀ ହୋଇଛି । ସିଏମ୍‌ସି ପକ୍ଷରୁ ମଧ୍ୟ ଏଭଳି ଆପ୍‌କୁ କମିସନର ନିଖିଳ ପୱନ କଲ୍ୟାଣ ପ୍ରଶଂସା କରିଛନ୍ତି । ବାଲିଯାତ୍ରା ବୁଲିବାକୁ ଆସୁଥିବା ଲୋକମାନେ ଦୋକାନର ଏକ ବିସ୍ତୃତ ତାଲିକା, ସରଳୀକୃତ ସ୍ଥାନ ପାଇପାରିବେ । ବ୍ୟବସାୟ ଏବଂ ଅଫରଗୁଡ଼ିକ ପ୍ରଦର୍ଶିତ ହେବ । ପାର୍କିଂ କ୍ଷେତ୍ର, ଶୌଚାଳୟ ସାଂସ୍କୃତିକ ମଞ୍ଚ, ପ୍ରବେଶ ଓ ପ୍ରସ୍ଥାନ ଫାଟକ, ଷ୍ଟଲ୍ ଆଦିର ତଥ୍ୟ ଏହି ଆପ୍ ଭିତରେ ରହିଛି । ଲୋକଙ୍କୁ ରିଅଲ୍-ଟାଇମ୍ ଟ୍ରାଫିକ୍ ଅପ୍‌ଡେଟ୍ ଏବଂ ପାର୍କିଂ ସ୍ଥାନ ପ୍ରଦାନ କରାଯିବ । ଏଥିନିମନ୍ତେ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ସୂର୍ଯ୍ୟନାରାୟଣ କହିଛନ୍ତି ।

# ଗୁଡ଼ ମର୍ଣ୍ଣିଂ ରିପୋର୍ଟର



କାହିଁ ପୁରାତନ କାଳରୁ ଡେଲାଙ୍ଗ ଅଞ୍ଚଳରେ ଦଣ୍ଡାୟମାନ ବିଶ୍ୱନାଥ ପାହାଡ଼ରେ ଅବସ୍ଥିତ ଶ୍ରୀବିଶ୍ୱନାଥ ଦେବଙ୍କ ମନ୍ଦିର । ସେଠାରେ ଅନାଦିକାଳରୁ ପୂଜାପାଇ ଆସୁଛନ୍ତି ମହାଦେବ । ଅନ୍ୟ ଶୈବପୀଠ ତୁଳନାରେ ଏଠାରେ ନିଆରା ନିତିକାନ୍ତି ଦେଖିବାକୁ ମିଳେ । ଯେଉଁଠି ଠାକୁରଙ୍କୁ ମହାଦେବଙ୍କ ପ୍ରତିମାକୁ ବେତ ଟୋକେଇରେ ପ୍ରତିଦିନ ପାହାଡ଼ ଉପର ମନ୍ଦିରକୁ ନିଆଯାଇଥାଏ ଓ ପୂଜା ସରିଲା ପରେ ସନ୍ଧ୍ୟାରେ ପୁଣି ଟୋକେଇରେ ଭର୍ତ୍ତି କରି ତଳକୁ ଅଣାଯାଇଥାଏ ।



## ନିଆରା ପରମ୍ପରା

# ଟୋକେଇ ଭିତରେ ମହାଦେବ

ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଡେଲାଙ୍ଗ ହାଟବଜାର ଛକଠାରୁ ଖୋର୍ଦ୍ଧା ଅଭିମୁଖେ ଜଗଦଳପୁର ଗ୍ରାମଦେଇ ପ୍ରାୟ ତିନିକିଲୋମିଟର ଯାତ୍ରାକଲେ ପଡ଼ିଥାଏ ଶୈବପୀଠ ଶ୍ରୀବିଶ୍ୱନାଥ ପାହାଡ଼ । ପାହାଡ଼ ତଳୁ ପ୍ରାୟ ଦେଢ଼କିଲୋମିଟର ଉପରକୁ ପାହାଡ଼ ଦେଇ ଯିବାପରେ ପଡ଼ିଥାଏ ଶ୍ରୀବିଶ୍ୱନାଥଙ୍କ ଶିବ ମନ୍ଦିର । ମନ୍ଦିରର ଅବସ୍ଥିତି ଯେତିକି ମନୋରମ, ସେତିକି ଆକର୍ଷଣୀୟ ଓ ପ୍ରାକୃତିକ ପରିବେଶଭରା । ସ୍ଥାନୀୟ ଲୋକଙ୍କ କହିବା ମୁତାବକ କାହିଁ କେଉଁ ପୁରାତନ କାଳରୁ ଠାକୁରଙ୍କ କେତେକ ନିଆରା ନିତିକାନ୍ତି ପ୍ରଚଳିତ ହୋଇ ଆସୁଅଛି । ସାଧାରଣତଃ ଶିବ ମନ୍ଦିରଗୁଡ଼ିକରେ ମହାଦେବଙ୍କ ପ୍ରତିମା ସମେତ ମା' ପାର୍ବତୀ ପୂଜା ପାଉଥିବା ବେଳେ ଏହି ମନ୍ଦିରରେ କେବଳ ମହାଦେବ ପୂଜାପାଇ ଆସୁଛନ୍ତି । ନିତି ଅନୁଯାୟୀ ଠାକୁରଙ୍କ ସେବା କରିଆସୁଥିବା ମାର୍ଫତଦାରଙ୍କ ପରିବାର ଲୋକେ ପ୍ରତିଦିନ ସକାଳୁ ଠାକୁରଙ୍କୁ ଘଣ୍ଟ ଭିତରେ ରଖି ଏକ ବେତରେ ତିଆରି ଟୋକେଇରେ ପାହାଡ଼ ଉପରକୁ ନେଇ ପୂଜାର୍ଚ୍ଚନା କରିଥାନ୍ତି ଓ ସନ୍ଧ୍ୟା ହେଲେ ଠାକୁରଙ୍କୁ ସେହି ଟୋକେଇରେ ଭର୍ତ୍ତି କରି ନିଜ ଅଗଣାରେ ଥିବା ମନ୍ଦିର ଭିତରେ ସ୍ଥାପନ କରି ରାତ୍ର ପୂଜା ସମ୍ପନ୍ନ କରିଥାନ୍ତି । ତେବେ ୮୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମାର୍ଫତଦାର ବାଳକୃଷ୍ଣ ପଣ୍ଡାଙ୍କ ଦେହାନ୍ତ ପରେ ଜୟକୃଷ୍ଣ ପଣ୍ଡାଙ୍କ ପରିବାର ଲୋକେ ଠାକୁରଙ୍କ ଏହି ରୀତିନୀତି ଯଥାବିଧି ସମ୍ପନ୍ନ କରିଆସୁଛନ୍ତି । ଏହା ସହିତ କେବଳ ଜାଗର ଓ ମାଘସପ୍ତମୀରେ ୭ଦିନ ଧରି ହେଉଥିବା ମହାଯଜ୍ଞରେ ଠାକୁର ପାହାଡ଼ ଉପରେ ରାତିରେ ପୂଜା ପାଆନ୍ତି । ମାନସିକଧାରୀମାନେ ନିଜନିଜର ମାନସିକ ପୂରଣ ହେବା ପାଇଁ ପାହାଡ଼ ଉପରେ ଥିବା ଛୋଟଛୋଟ ପଥରରେ ମନ୍ଦିର ନିର୍ମାଣ କରିଥାଆନ୍ତି । ସେହିପରି ପାହାଡ଼ ଉପରେ ଛିଡ଼ାହୋଇ ଦେଖିଲେ ପୁରୀ ଶ୍ରୀଜଗନ୍ନାଥଙ୍କ ନୀଳଚକ୍ର ବାନା ଦେଖାଯାଏ । ଏହି ମନ୍ଦିରର ଚତୁଃପାର୍ଶ୍ୱରେ ମା' ସର୍ବମଙ୍ଗଳା, ଭୈରବୀ ଓ ଲକ୍ଷ୍ମୀଙ୍କ ସହିତ ଶ୍ରୀ ଗଣେଶ, ମହାବୀର, ତ୍ରିନାଥ ଗୋସାଇଁ ପୂଜା ପାଉଛନ୍ତି । ପହାଡ଼ ଉପର ମନୋରମ ଦୃଶ୍ୟ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଯେଉଁଠିକି ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ । ପୂଜକଙ୍କ କହିବାନୁଯାୟୀ ପ୍ରତି ସଂକ୍ରାନ୍ତିରେ ଏଠାରୁ ୫ ହଜାରରୁ ଅଧିକ ଭକ୍ତ ମହାଦେବଙ୍କ ଦର୍ଶନ ପାଇଁ ଆସିଥାନ୍ତି ।

ସେହିଭଳି କାର୍ତ୍ତିକମାସ ଚାଲିଥିବା ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଆଗମନ ହେଉଛି । ଅପରପକ୍ଷେ ମାନସିକ ରଖି ଅନେକ ଏଠାରେ ଭୋଜିଭାତ ଜଳଲାଗି କରିଥାଆନ୍ତି ଓ ମନ୍ଦିର ପରିସରରେ ଗୁହାରିଆ କୋଠରିମାନ ରହିଛି, ଯେଉଁଠାରେ ମନସ୍କାମନା ରଖି ଗୁହାରିଆ ପଡ଼ିଥାଆନ୍ତି । ଏଠାରେ ଗୁହାରିଆ ପଡ଼ିଲେ ମାନସିକ ପୂରଣ ହୋଇଥାଏ ବୋଲି କୁହନ୍ତି ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବନ୍ଧୁ ବାରିକ । ■



ପ୍ରଦୀପ ରଞ୍ଜନ ବିଶ୍ୱାଳ

---

ମାଣ୍ଡିଆର ପ୍ରସାର ନିମନ୍ତେ ରାଜ୍ୟ ସରକାର ଗତ କିଛି ବର୍ଷ ହେବ ମିଲେଟ୍ ମିଶନ ମାଧ୍ୟମରେ ବିଭିନ୍ନ ପଦକ୍ଷେପ ମାନ ନେଇଛନ୍ତି । କିନ୍ତୁ ବର୍ତ୍ତମାନ ସମୟ ବଦଳିଛି, ଜଳବାୟୁ ସହ ପର୍ଯ୍ୟାବରଣରେ ପରିବର୍ତ୍ତନ ଆସିଛି । ଏଭଳି ଘଡି ସନ୍ଧି ମୁହୂର୍ତ୍ତରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସୁସ୍ଥ ଶରୀରର ପାଇଁ ମାଣ୍ଡିଆର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା ପରେ ମାଣ୍ଡିଆର ଚାହିଦା ଅହେତୁକ ବୃଦ୍ଧି ପାଇଛି ।

# ମାଣ୍ଡିଆ ଚା'ରୁ ପରିଚୟ

ଏକଦା ମାଣ୍ଡିଆ ଥିଲା ଉପାନ୍ତ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ମୁଖ୍ୟ ଖାଦ୍ୟ, ବିଶେଷ କରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅଧିକାଂଶ ଚାଷ ଜମି ମାଣ୍ଡିଆ ଚାଷ ନିମନ୍ତେ ହିଁ ଉପଯୋଗି ଥିବାରୁ ଲୋକେ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦେଉଥିଲେ । ଲୋକେ ପୂର୍ବରୁ ମାଣ୍ଡିଆକୁ କେବଳ ଜାଉ ଓ ଉପମା କରି ଖାଉଥିବାବେଳେ ବର୍ତ୍ତମାନ ମାଣ୍ଡିଆରେ ଚା' ପ୍ରସ୍ତୁତି କରି ଜୟପୁରର ଜଗନ୍ନାଥ ଆଚାରୀ ମାଣ୍ଡିଆର ଆଉ ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି । ଜୟପୁର ପାରାବେଡା ରାସ୍ତାରେ ଜଗନ୍ନାଥ ଏକ କ୍ୟାବିନରେ ଚା' ଦୋକାନ କରିଥିବାବେଳେ ଚା' ଦେଇ ନିଜର ଏକ ସ୍ୱତନ୍ତ୍ର ସେ ଲୋକଙ୍କୁ ମାଣ୍ଡିଆ ପରିଚୟ ସୃଷ୍ଟି କରିଛନ୍ତି । କେବଳ ଚା'ନୁହଁ ଲୋକେ ମାଣ୍ଡିଆରେ ପ୍ରସ୍ତୁତ ପକୁଡି, ରସଗୋଲା, ମିକ୍ସର ଖାଇବାକୁ ତାଙ୍କ ଦୋକାନରେ ଲାଇନ୍ ଲଗାଇଥାଆନ୍ତି ବୋଲି ଜଗନ୍ନାଥ କହିଛନ୍ତି । ଏପରିକି ରାଜ୍ୟ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡଃ.ଅରବିନ୍ଦ କୁମାର ପାଢ଼ୀ କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଜଗନ୍ନାଥଙ୍କ ହାତ ତିଆରି ମାଣ୍ଡିଆ ଚା' ପିଇ ବେଶ୍ ଖୁସି ହେବା ସହ ଜଗନ୍ନାଥଙ୍କୁ ପ୍ରଶଂସା କରିଥିଲେ । କେବଳ ସେତିକି ନୁହଁ ଜଗନ୍ନାଥ ମାଣ୍ଡିଆ ଚା' ପ୍ରସ୍ତୁତ କରି ଜାତୀୟସ୍ତରରେ ପୁରସ୍କୃତ ହୋଇ କୋରାପୁଟ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି । ■



ସୁବୋଧ ଚେଟ୍ଟି



---

ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆରମ୍ଭ କରାଇଥିଲେ ଲେମନ ଗ୍ରାସ ଚାଷ ପ୍ରକ୍ରିୟା । ଯେଉଁ ଚାଷ ବର୍ତ୍ତମାନ ଅଞ୍ଚଳବାସୀଙ୍କୁ ଭଲ ରୋଜଗାରର ପନ୍ଥା ଦେଖାଇଛି । ସ୍ୱାଭିମାନ ଅଞ୍ଚଳର ଚାଷୀ ପୂର୍ବରୁ ଅନେକ ମାତ୍ରାରେ ଗଞ୍ଜେଇ ଚାଷ କରୁଥିବା ବେଳେ ବର୍ତ୍ତମାନ ନିଜକୁ ସ୍ୱାଭିମାନୀ କରିବା ପାଇଁ ଗଞ୍ଜେଇ ଚାଷ ବଦଳରେ କରୁଛନ୍ତି ଲେମନ ଗ୍ରାସ ।

# ସ୍ୱାଭିମାନୀ କରିଛି ଲେମନ୍ ଗ୍ରାସ୍

ମାଲକାନଗିରି ଆଇଟିଡିଏ ସଂସ୍ଥା ପକ୍ଷରୁ ଦୁଇ ବର୍ଷ ତଳେ ସ୍ୱାଭିମାନ ଅଞ୍ଚଳ ପାପରମେଟଲା ପଞ୍ଚାୟତର ତଣ୍ଡାଗୁଡା, ଯନ୍ତାପାଇ, ଲାଉଗୁଡା ଆଦି ଅଞ୍ଚଳର ଚାଷୀଙ୍କୁ ଲେମନ ଗ୍ରାସ ଚାଷ ପାଇଁ ଚାଷୀଙ୍କୁ ଚାରା ଯୋଗାଇ ଦେଇଥିଲା । ଘାସରୁ ତେଲ ଉତ୍ପାଦନ କରିବା ପାଇଁ ତୈଳ ପ୍ରୋସେସିଂ ୟୁନିଟର ମଧ ସ୍ୱାଭିମାନ ଅଞ୍ଚଳରେ ସ୍ଥାପନ କରିଥିଲା ସଂସ୍ଥା । ଏବେ ଫସଲ ଅମଳ ହେବା ପରେ ଜମିରୁ ଘାସ ଗୁଡିକୁ କାଟି ଆଣି ପ୍ରୋସେସିଂ ୟୁନିଟରେ ତେଲ ପ୍ରସ୍ତୁତ କରୁଛନ୍ତି ଚାଷୀ । ପ୍ରଶାସନ ତରଫରୁ ଚାଷୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିବା ବେଳେ ଏହି ଅଞ୍ଚଳର ଚାଷୀମାନେ ପ୍ରାୟ ୨୦ରୁ ୨୫ ଏକର ଜମିରେ ଏବେ ଲେମନ ଗ୍ରାସ୍ ଚାଷ କରିଛନ୍ତି । ଲେମନ ଗ୍ରାସରୁ ସାଧାରଣତଃ ସୁଗନ୍ଧିତ ତୈଳ ବାହାର କରାଯାଏ । ଏହି ତେଲ କସମେଟିକ ସାମଗ୍ରୀ ଓ ଫାର୍ମା କମ୍ପାନୀରେ ବ୍ୟବହାର କରାଯାଇଥାଏ । ଏହି ତେଲର ଲିଟର ପିଛା ଦର ୧୨୦୦ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ବଜାରରେ ବିକ୍ରି ହୋଇଥାଏ । ଲେମନ ଗ୍ରାସ୍ ଏକ ଲାଭ ଦାୟକ ଚାଷ ହୋଇଥିବାରୁ ଚାଷୀ ଏହି ଚାଷ କରିବା ପାଇଁ ମନ ବଳାଉଛନ୍ତି । ଜମିରେ ଥରେ ଏହି ଚାଷ ହେଲେ ଚାଷୀଙ୍କୁ ପାଖାପାଖି ୮ ବର୍ଷ ପର୍ଯ୍ୟନ୍ତ ଲାଭ ମିଳିଥାଏ । ■





ଅଶୋକ ମିଶ୍ର



---

# ଜୀବିକା ଦେଇଛି ଛତୁ



ପ୍ରଥମେ କିଛି ମାସ ସାମାନ୍ୟ କ୍ଷତି ସହିବାକୁ ପଡୁଥିଲା । ମାତ୍ର ସେଥିରେ ଧୈର୍ଯ୍ୟ ନ ହରାଇ ଦୃଢ଼ମନା ସହକାରେ ଚାଷ କାର୍ଯ୍ୟ ଚଳାଇ ରଖିଥିଲେ । ଏବେ ସେହି ଚାଷରୁ ମାସକୁ ଜଣକ ପ୍ରତି ପାଖାପାଖି ୨ହଜାର ଟଙ୍କା ରୋଜଗାର କରୁଛନ୍ତି । ଭୋଗରାଇ ବ୍ଲକ ବାଗଦା ଗ୍ରାମର ୧୩୫ ଜଣ ମହିଳା କ୍ରିଷ୍ଣା ଜେନାଙ୍କ ସହଯୋଗରେ ଛତୁଚାଷ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏବେ ଚର୍ଚ୍ଚାରେ ଅଛନ୍ତି ।

ମିଶନଶକ୍ତି ଜରିଆରେ ଗାଁର ମହିଳାମାନେ ରୋଜଗାର କରିବାର ରାସ୍ତା ପାଇଛନ୍ତି । ସାମାଜିକ ଓ ଅର୍ଥନୈତିକ ସ୍ତରରେ ସଶକ୍ତ ହୋଇପାରିଛନ୍ତି । ଗାଁ ପ୍ରଥମେ ୧୦ଜଣ ମହିଳା ମିଶି ୫୦ ହଜାର ଟଙ୍କା ବିନିଯୋଗ କରି ଆରମ୍ଭ କରିଥିଲେ ଛତୁ ଚାଷ । ପରେ ସେହି ଗାଁର ବିଭିନ୍ନ ଗୋଷ୍ଠୀର ୧୩୫ରୁ ଅଧିକ ମହିଳା ମିଶି ସେହି ଛତୁଚାଷ କଲେ । ମାତ୍ର ୨ ବର୍ଷ ଭିତରେ ଏହି ସବୁ ଗୋଷ୍ଠୀର ମହିଳାଙ୍କୁ ୩୦ଲକ୍ଷ ଟଙ୍କା ଲାଭାଂଶ ମିଳିଛି । ତେବେ ଏହି ମହିଳାଙ୍କୁ ରୋଜଗାରର ରାସ୍ତା ଦେଖାଇଛନ୍ତି ମିଶନଶକ୍ତି ଦ୍ୱାରା ନିଯୁକ୍ତ ଥିବା ସିଆରପି କ୍ରିଷ୍ଣା ଜେନା । କ୍ରିଷ୍ଣାଙ୍କ ପ୍ରଚେଷ୍ଟା ଓ ଦିଗଦର୍ଶନରେ ମହିଳାମାନେ ସୃଷ୍ଟି କରିଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ । ଏଭଳି ଉଦାହରଣ ସୃଷ୍ଟି କରିପାରିଛନ୍ତି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଦାହୁଣଦା ଗ୍ରାମପଞ୍ଚାୟତ ଅଧୀନ ବାଗଦା ଗାଁର ମହିଳାମାନେ । କ୍ରିଷ୍ଣା ୨୦୧୩ ମସିହାରେ ଦାହୁଣାଦା ପଞ୍ଚାୟତର ଜିପିଏଲଏଫରେ ସିଆରପି ଭାବରେ ନିଯୁକ୍ତି ପାଇବାର ସୁଯୋଗ ପାଇଥିଲେ । ପରବର୍ତ୍ତୀ ସମୟରେ ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ଜରିଆରେ ସେ ଛତୁ ଚାଷ କରିବା ପାଇଁ ତାଲିମ ନେଇଥିଲେ । ତାଲିମ ନେବା ପରେ କ୍ରିଷ୍ଣା ଜେନାଙ୍କ ଅଧୀନରେ ଥିବା ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ଆଉ ୧୦୦ ଜଣ ମହିଳା ଏହି ଛତୁ ଚାଷ ବିଷୟରେ ପ୍ରଶିକ୍ଷଣ ନେଇ ମିଳିତ ଭାବେ ଛତୁ ଚାଷ ଆରମ୍ଭ କରିଥିଲେ । ଛତୁ ଚାଷ ଏକ ଲାଭଜନକ ଚାଷ ହୋଇଥିବା ବେଳେ ପ୍ରତିଦିନ ପ୍ରାୟ ୫୦ରୁ ୬୦କେଜି ଛତୁ ଅମଳ ହୋଇଥାଏ । ଏହି ଚାଷ କରି ଏବେ ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି । ■



ଦିଲ୍ଲୀପ ଦାସ





# ଯାଜପୁରରେ ହାତୀ ଆତଙ୍କ

## ୧୨ ଘଣ୍ଟା ପରେ କାବୁକଲା ବନ ବିଭାଗ



**ଦଶରଥପୁର,୨୫ ।୧୧(ସମିସ):** ଗତ କିଛି ଦିନ ଧରି କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଥିବା ଦନ୍ତା ହାତୀଟି ଆଜି ଯାଜପୁର ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଥିଲା । ଦୀର୍ଘ ୧୨ ଘଣ୍ଟା ପରେ ବନ ବିଭାଗ ହାତୀଟିକୁ ଟ୍ରାଙ୍କୁଲାଇଜ୍ କରି କାବୁ କରିବା ପରେ ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ହଦଗଡ଼ ଅଞ୍ଚଳକୁ ଚିକିତ୍ସା ପାଇଁ ନେଇଛି ।

ସୂଚନାନୁଯାୟୀ, ଆଜି ସକାଳୁ ହାତୀଟି ପ୍ରଥମେ ଦଶରଥପୁର ବ୍ଲକ୍ ବିରଜାପୁର ଗାଁରେ ବଡ଼ି ଭୋର୍‌ରୁ ଦେଖାଦେଇଥିଲା । ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳ ଲୋକାରଣ୍ୟ ହୋଇଯାଇଥିଲା । ଗ୍ରାମବାସୀଙ୍କଠାରୁ ଖବର ପାଇ ସରପଞ୍ଚ ନିରାକାର ସାହୁ, ପୁଲିସ୍ ଓ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଧରିବା ପାଇଁ ଉଦ୍ୟମ କରିଥିଲେ । ତେବେ ଘଟଣାସ୍ଥଳରେ ବହୁ ଲୋକ ଜମା ହୋଇଯିବାରୁ ହାତୀଟି ଦୂରକୁ ଯିବା ପାଇଁ ଉଦ୍ୟମ କରିଥିଲା । ଚମ୍ପେଇପାଳ, କୁଆଁରପୁର, ବିରୁହାଁ, ମନ୍ଦାରଖଣ୍ଡ, କୋଦେଇବାଟି, ଚଣ୍ଡିଗୋଳ, ନନ୍ଦିପୁର, ଶାସନ ଆଦି ଗ୍ରାମ ଅତିକ୍ରମ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ବିହାରୀ ପଞ୍ଚାୟତର ମୁଗୁପଦା ଗ୍ରାମରେ ଆତଙ୍କ ଖେଳାଇଥିଲା । ସେଠାରେ ଚାଷୀଙ୍କ ଧାନ କ୍ଷେତ, ପରିବା ଫସଲ ଉଜାଡ଼ି ଦେଇଥିଲା । ସେହିପରି ବହୁ କଦଳୀ ଗଛ ମଧ୍ୟ ଭାଙ୍ଗିଥିଲା । ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଏସବୁ ଗ୍ରାମରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା । ହାତୀ ନିକଟକୁ ନ ଯିବା ପାଇଁ ଅନୁରୋଧ କରାଯାଇଥିଲା । ତେବେ ହାତୀଟି ବିଞ୍ଝାରପୁର ଥାନା ବରୀକୂଳ ଗ୍ରାମରେ ପ୍ରବେଶ କରିବା ପରେ ସନ୍ଧ୍ୟାରେ ବିନବିଭାଗ ତାକୁ ଟ୍ରାଙ୍କୁଲାଇଜ୍ କରି କାବୁ କରିଥିଲା । ତାକୁ ଚିକିତ୍ସା ଲାଗି ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ହଦଗଡ଼ ଅଞ୍ଚଳକୁ ଚିକିତ୍ସା ପାଇଁ ନିଆଯାଇଥିବା ଜଣାପଡ଼ିଛି ।

# ଢିପ ଜମିରେ ହସୁଛି 'ମିଲେଟ୍ ରାଣୀ' ଗଙ୍ଗେଇ

## ତିଲେଇବଣି ବ୍ଲକ୍‌ର ୨୦୦ ଏକର ଜମିରେ ସୁନାର ଫସଲ





**ଦେବଗଡ଼,୨୫।୧୧(ସମିସ):** ଏକଦା ଗରିବ ତଥା ଆଦିବାସୀଙ୍କ ଖାଦ୍ୟ ଭାବେ ପରିଗଣିତ ହେଉଥିବା ପାରମ୍ପରିକ ପୁଷ୍ଟିଶସ୍ୟ ବା ମିଲେଟ୍ସ ଏବେ ବଡ଼ବଡ଼ିଆଙ୍କ ଭାରୀ ପସନ୍ଦ । ଏଥିରେ ପୋଷକତତ୍ତ୍ୱ ଅଧିକ ଥିବାରୁ ଛୋଟଠାରୁ ବୁଢ଼ା ଯାଏ ମିଲେଟ୍ସମୁହାଁ ହୋଇଛନ୍ତି । ଲୋକଙ୍କ ଚାହିଦାକୁ ଦେଖି, କେବେ କାନରେ ଶୁଣି ନଥିବା ଖାଦ୍ୟପଦାର୍ଥ ଏବେ ମିଲେଟ୍ସରୁ ପ୍ରସ୍ତୁତ ହେଉଛି । ତା'ର ସ୍ୱାଦ ବି ସେମିତି ନିଆରା । ଏହି ଯୁଗାନ୍ତକାରୀ ପରିବର୍ତ୍ତନ ପଛରେ ଓଡ଼ିଶା ସରକାରଙ୍କ 'ମିଲେଟ୍ସ ମିଶନ୍'ର ଏକ ବଡ଼ ଭୂମିକା ଅଛି । ମିଲେଟ୍ସ ପାଇଁ ବଜାର ଚାହିଦା, ସରକାରୀ ପ୍ରୋତ୍ସାହନ ଓ ଆୟ ବୃଦ୍ଧି ଯୋଗୁଁ ଅଧିକରୁ ଅଧିକ ଚାଷୀ ଏବେ ମିଲେଟ୍ସ ଚାଷ ପାଇଁ ଆଗଭର ହେଉଛନ୍ତି । ଫଳରେ କମ୍ ପାଣି କିମ୍ବା ଜଳସେଚନ ଅଭାବରୁ ଚାଷ ହୋଇ ନପାରି ବର୍ଷବର୍ଷ ଧରି ପଡ଼ିଆ ପଡୁଥିବା କ୍ଷେତରେ ଏବେ ମାଣ୍ଡିଆ, ଯଅ, ବାଜରା, ସୁଆଁ, ଗଙ୍ଗେଇ ଭଳି ଫସଲ ହସୁଛି । 'ମିଲେଟ୍ସ ମିଶନ୍'ର ସଫଳତା ନେଇ ରାଜ୍ୟରେ ପୁଳାପୁଳା ଉଦାହରଣ ରହିଥିବା ବେଳେ ଏବେ ସେଥିରେ ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ୍ ଯୋଡ଼ି ହୋଇଯାଇଛି । ଆଦିବାସୀ ଅଧ୍ୟୁଷିତ ଏହି ବ୍ଲକ୍‌ର ପାହାଡ଼ିଆ ତଥା ଅଣ-ଜଳସେଚିତ ଅଞ୍ଚଳରେ ଥିବା ୨୫ଟି ଗ୍ରାମରେ ପଡ଼ିଆ ପଡ଼ିଥିବା ପ୍ରାୟ ୨୦୦ ଏକର ଜମିରେ ଏବର୍ଷ ଦେଢ଼ଶହ ଚାଷୀ ଗଙ୍ଗେଇ (ସର୍‌ଗମ୍) ଚାଷ କରିଛନ୍ତି ।

ଶିଳ୍ପହୀନ ଦେବଗଡ଼ ଜିଲ୍ଲାର ପ୍ରାୟ ୯୦ ପ୍ରତିଶତ ଲୋକ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ସେମାନଙ୍କ ପାଇଁ ଚାଷ ହିଁ ଏକମାତ୍ର ବିକଳ୍ପ । କିନ୍ତୁ ତିଲେଇବଣି ବ୍ଲକ୍‌ରେ ରହିଛି ଅଧାରୁ ଅଧିକ ଅଣଜଳସେଚିତ ଜମି । ପାଣି ଅଭାବରୁ ଏକର ଏକର ଜମି ବନ୍ଧ୍ୟା ହୋଇପଡ଼ିବା ସହ ପଡ଼ିଆ ପଡୁଥିଲା । କିନ୍ତୁ ଚଳିତ ବର୍ଷ ସେହି ପଡ଼ିଆ ଭୂଇଁରେ ଗଙ୍ଗେଇ ଚାଷ କରି ସୁନାର ଫସଲ ଫଳାଇଛନ୍ତି । ବିନା ସାର ଓ ପିଡ଼ିଆରେ ଚାଷ କରି ନିଜେ ବ୍ୟବହାର କରିବା ସହ ବିକ୍ରି କରିବାର ଲକ୍ଷ୍ୟ ରଖିଛନ୍ତି ଚାଷୀ ।

ଗଙ୍ଗେଇରେ ଅଧିକ ପୋଷଣତତ୍ତ୍ୱ ଥିବାରୁ ଏଥିପ୍ରତି ଲୋକଙ୍କ ଚାହିଦା ବଢ଼ିଛି । ଅଳ୍ପ ପରିଶ୍ରମ, ଅଳ୍ପ ଖର୍ଚ୍ଚ ଏବଂ କମ୍ ସମୟ ମଧ୍ୟରେ ଅମଳ ହେଉଥିବାରୁ ଗଙ୍ଗେଇ ଚାଷ ପ୍ରତି ଚାଷୀ ଆକୃଷ୍ଟ ହୋଇଛନ୍ତି । ଅନ୍ୟପକ୍ଷରେ ଗଙ୍ଗେଇ ଚାଷର ଉନ୍ନତି ପାଇଁ ସରକାର ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଚାଷୀଙ୍କୁ ଏକର ପ୍ରତି ୬ କିଗ୍ରା ବିହନ ଏବଂ ୪ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । କୃଷି ବିଭାଗ ପକ୍ଷରୁ ଉନ୍ନତମାନର ଜ୍ଞାନକୌଶଳ ଓ କୃଷି ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ ରହିଛି । କୃଷି ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିଏସ୍‌ଡିଆର୍'କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି । ଚାଷର ଉପକାରିତା, ଅମଳ ଶସ୍ୟର ବ୍ୟବହାର ଏବଂ ତତ୍‌ଜନିତ ଲାଭ ଉପରେ ଚାଷୀଙ୍କୁ ବୁଝାସୁଝା କରିବା ସହ 'ସିଏସ୍‌ଡିଆର୍' ପକ୍ଷରୁ ଗଙ୍ଗେଇ ଚାଷର ପରିଚାଳନା ହୋଇପାରିଛି । ଗଙ୍ଗେଇ ଆଦିବାସୀମାନଙ୍କ ଏକ ପାରମ୍ପରିକ ଖାଦ୍ୟ । ତେବେ ଏଥିରୁ ପ୍ରସ୍ତୁତ କ୍ଷୀରି ଭାତର ବିକଳ୍ପ । ଧାନରୁ ଯେପରି ଲିଆ (ଖଇ) ପ୍ରସ୍ତୁତ ହୁଏ ସେପରି ଗଙ୍ଗେଇରୁ ମଧ୍ୟ ଲିଆ ପ୍ରସ୍ତୁତ କରାଯାଇଥାଏ । ଚଳିତ ବର୍ଷ ଦେବଗଡ଼ ଜିଲ୍ଲାରେ 'ମିଲେଟ୍ସ ମିଶନ'ର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଅଧିକ ଚାଷୀଙ୍କୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି ।

# ୨୮ ରୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱର ହେବ ଲେଜର୍ ସ୍କାନିଂ

**ପୁରୀ,୨୫।୧୧(ସମିସ):** ଆସନ୍ତା ୨୮ ତାରିଖରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଲେଜର୍ ସ୍କାନ୍ କରାଯିବ । କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହେଉଥିବାରୁ କାର୍ତ୍ତିକ ପୂର୍ଣ୍ଣମୀ ପରଦିନଠାରୁ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଲେଜର୍ ସ୍କାନ୍ ହେବ । ଏନେଇ ଏଏସ୍‌ଆଇ ସହ ଆଲୋଚନା ହୋଇଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ଦେଖି ରତ୍ନଭଣ୍ଡାରର ଲେଜର୍ ସ୍କାନ୍ ଏଏସ୍‌ଆଇ କରିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ । ତେବେ ରତ୍ନଭଣ୍ଡାର ବାହାରପଟ କାନ୍ଥର ପ୍ରଥମେ ଲେଜର୍ ସ୍କାନ୍ କରାଯିବ । ପରେ କେଉଁ ସ୍ଥାନରେ ଫାଟ ରହିଛି ଏବଂ କ'ଣ ସମସ୍ୟା ରହିଛି, ତାହା ଜଣାପଡ଼ିବ । ଆବଶ୍ୟକ ପଡ଼ିଲେ, ଭିତର ରତ୍ନଭଣ୍ଡାର ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଲେଜର୍ ସ୍କାନ୍ କରାଯିବ । ଏହି ମେସିନ୍ ଏଏସ୍‌ଆଇ ପାଖରେ ପହଞ୍ଚି ସାରିଛି । ଏହି ପ୍ରକ୍ରିୟା ପାଇଁ ଯାହା କିଛି ସହଯୋଗ ଆବଶ୍ୟକ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ ଶ୍ରୀ ଦାସ କହିଛନ୍ତି । ଅନ୍ୟପକ୍ଷରେ କାର୍ତ୍ତିକ ପୂର୍ଣ୍ଣମୀ ପରେ ଶ୍ରୀମନ୍ଦିରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ । ରତ୍ନଭଣ୍ଡାର ବାହାର ପାର୍ଶ୍ୱ ଲେଜର ସ୍କାନ୍ ସହ ନାଟମଣ୍ଡପ ବିମ୍ ମରାମତି ହେବ ବୋଲି ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ସୂଚନା ଦେଇଛନ୍ତି ।

**ଆବଶ୍ୟକ ସହଯୋଗ କରିବ ମନ୍ଦିର ପ୍ରଶାସନ**

# ଡିଏସ୍‌ପିଙ୍କୁ ଅଦାଲତ ଅବମାନନା ନୋଟିସ୍

**କଟକ, ୨୫।୧୧(ସମିସ):** ପୂର୍ବ ନୋଟିସ୍ ସତ୍ତ୍ୱେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଭର୍ଚୁଆଲ ମାଧ୍ୟମରେ ହାଜର ନ ହେବା ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇଛନ୍ତି । ଏଣୁ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କୁ ଅଦାଲତ ଅବମାନନା ନୋଟିସ୍ ଜାରୀ କରିଛନ୍ତି । ନିର୍ଦ୍ଦେଶ ସତ୍ତ୍ୱେ ହାଜର ନ ହେବାରୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରାନଯିବ, ସେନେଇ କାରଣ ଦର୍ଶାଅ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ପରବର୍ତ୍ତୀ ଶୁଣାଣି ସମୟରେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବ୍ୟକ୍ତିଗତ ହାଜିରାକୁ ପୁଲିସ ଡିଜି ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ଉମାକାନ୍ତ ସାହୁ ଓ ବୀରେନ୍ ସାହୁଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୬ତାରିଖରେ ବର୍ତ୍ତମାନ ଶରଣକୁଳ ଡିଏସ୍‌ପି ସୁଧାକର ସାହୁଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।

**ବ୍ୟକ୍ତିଗତ ହାଜିରାକୁ ସୁନିଶ୍ଚିତ କରାଇବେ ଡିଜିପି: ହାଇକୋର୍ଟ**

ପ୍ରକାଶଥାଉକି, ବରଗଡ଼ ଜିଲ୍ଲା ଗାଇସିଲଟ୍ ଥାନାରେ ରୁଜୁ ଏକ ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତଦ୍ୱୟଙ୍କ ଜାମିନ ଆବେଦନ ହାଇକୋର୍ଟ ପୂର୍ବରୁ ଖାରଜ କରିଥିଲେ । ନିମ୍ନ ଅଦାଲତରେ ପୀଡ଼ିତାଙ୍କ ସାକ୍ଷ୍ୟ ଶେଷ ପରେ ଏହି ଆବେଦନର ନବୀକରଣ ହୋଇପାରିବ ବୋଲି ହାଇକୋର୍ଟ କହିଥିଲେ । ଏହି ଅନୁସାରେ ଆବେଦନକାରୀ ପୁଣି ପଦ୍ମପୁର ଏଡିଜେରେ ଜାମିନ ପାଇଁ ଦ୍ୱାରସ୍ଥ ହୋଇଥିଲେ ହେଁ ସେମାନଙ୍କ ଜାମିନ ଖାରଜ ହୋଇଯାଇଥିଲା । କେମିକାଲ ରିପୋର୍ଟ ଦାଖଲ ହୋଇନଥିବାରୁ ଏପରି ନିର୍ଦ୍ଦେଶ ଦେଇଥିଲେ ନିମ୍ନ ଅଦାଲତ । ଏହା ପରେ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାରେ ଫରେନ୍‌ସିକ୍ କେମିକାଲ ରିପୋର୍ଟ ପ୍ରଦାନ ହୋଇନଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା । ଗତ ୧୪ତାରିଖରେ ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀ ଓ ସମ୍ବଲପୁର ଆର୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । ଆର୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ହାଜର ହୋଇଥିଲେ ମଧ୍ୟ ଗାଇସିଲଟ୍ ଥାନାର ତତ୍କାଳୀନ ଅଧିକାରୀ ଶ୍ରୀ ସାହୁ ବର୍ତ୍ତମାନ ନୟାଗଡ଼ ଜିଲ୍ଲା ଶରଣକୁଳ ଡିଏସ୍‌ପି ଭାବେ ବଦଳି ହୋଇଥିବାରୁ ହାଜର ହୋଇ ନଥିଲେ ।

# ଓଡ଼ିଶାରେ ବାସ ଖୋଜୁଛି ମହାରାଷ୍ଟ୍ର ମହାବଳ



**ରାୟଗଡ଼,୨୫ ।୧୧(ସମିସ):** ଓଡ଼ିଶାରେ ବୁଲୁଛି ମହାରାଷ୍ଟ୍ରର ମହାବଳ । ଗଜପତି ଜିଲ୍ଲା ଅଁଳାବର ଜଙ୍ଗଲରେ ବୁଲୁ ଗାଈଗୋରୁ ମାରି ଖାଉଛି ମହାବଳ ବାଘ । ମହାରାଷ୍ଟ୍ରର ଚନ୍ଦ୍ରପୁରୀ ବ୍ରହ୍ମପୁରୀ ଫରେଷ୍ଟ ଡିଭିଜନରୁ ସେ ଚାଲିଆସିଥିବା ଜଣାପଡ଼ିଛି । ୨ ହଜାର କିଲୋମିଟର ଅତିକ୍ରମ କରି ଭାରତର ପଶ୍ଚିମରେ ଥିବା ବିଦର୍ଭ ଅଞ୍ଚଳରୁ ବାଘଟି ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାର ମହେନ୍ଦ୍ରଗିରି ରେଞ୍ଜକୁ ଆସିବା ନିହାତି ଆଶ୍ଚର୍ଯ୍ୟଜନକ କଥା । ଏହା ମଧ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ଚକିତ କରିଛି । ବାଘର ଦେହରେ ଥିବା କଳାପଟି ଦାଗରୁ ଏହା ଜାଣିବାକୁ ପାଇଛି ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ । ବନ୍ୟପ୍ରାଣୀ ପିସିସିଏଫ୍ଙ୍କ ସୂଚନା ଅନୁସାରେ, ୨୦୨୧ରେ ଏହି ମହାବଳ ବାଘର ଫଟୋ ବ୍ରହ୍ମପୁରୀ ଜଙ୍ଗଲରେ କ୍ୟାମେରା ଟ୍ରାପରେ କଏଦ ହୋଇଥିଲା । ଏବେ ଏହା ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ଛତିଶଗଡ଼ ଦେଇ ଓଡ଼ିଶାରେ ପହଞ୍ଚିଛି । ସୁରକ୍ଷିତ ବାସସ୍ଥାନ ଓ ସାଥୀ ସନ୍ଧାନରେ ସେ ଆସି ଥାଇପାରେ ବୋଲି ଅନୁମାନ କରାଯାଉଛି । ତେବେ ମହାବଳ ବାଘଟି ଏତେ ଦୂରରୁ ନଦୀନାଳ, କୃଷି କ୍ଷେତ୍ର, ରାସ୍ତା ଓ ଜନବସତି ଡେଇଁ ଏତେ ବାଟ ଅତିକ୍ରମ କରିବା ଖୁବ୍ ବିରଳ କଥା ବୋଲି କୁହାଯାଉଛି । ବାଟରେ ଏହା କୌଣସି ମଣିଷକୁ ଆକ୍ରମଣ କରିବାର ମଧ୍ୟ ସୂଚନା ମିଳିନି । ଭାରତରେ ବାଘ ଅତିକ୍ରମ କରିଥିବା ଏହା ଦ୍ୱିତୀୟ ଦୀର୍ଘପଥ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । କିଛିଦିନ ତଳେ ଗଜପତି ଜିଲ୍ଲା ରାୟଗଡ଼ା ଅଞ୍ଚଳରେ ବାଘଟି ବୁଲୁଥିବା ବେଳେ ଗାଈଗୋରୁ ଶିକାର କରୁଥିବା ଜଣାପଡ଼ିଥିଲା । ପରେ ଆତଙ୍କ ଦେଖାଦେଇଥିଲା । ବନ ବିଭାଗ ପକ୍ଷରୁ ଖଞ୍ଜାଯାଇଥିବା କ୍ୟାମେରା ଟ୍ରାପରେ ଏହାର ଚିତ୍ର କଏଦ ହେବା ପରେ ବାଘର ସ୍ଥିତି ସ୍ପଷ୍ଟ ହୋଇଥିଲା । ତେବେ ମହାବଳ ବାଘ ଉପରେ ନଜର ରଖିବାକୁ ବନ ବିଭାଗ ପକ୍ଷରୁ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବା ଗଜପତି ବନ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ମହାବଳ ବାଘଟି ଆଜି ମଧ୍ୟ ରାୟଗଡ଼ ବ୍ଲକ ଅଁଳାବର ତଥା ସୀମାନ୍ତ ଗୁମ୍ମା ବ୍ଲକର କିଛି ଗ୍ରାମାଞ୍ଚଳରେ ରହିଥିବା ଏସିଏଫ ଅଶୋକ ବେହେରା ସୂଚନା ପ୍ରଦାନ କରିଛନ୍ତି ।

# ଆଖି ବୁଜିଲା ଅସୁସ୍ଥ ହାତୀ

**ନର୍ଲା,୨୫ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ବନାଞ୍ଚଳରେ ପୁଣି ଏକ ହାତୀର ମୃତ୍ୟୁ ଘଟିଛି । ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ହାତୀଟି ଶୁକ୍ରବାର ବିଳମ୍ବିତ ରାତିରେ ଆଖି ବୁଜିଛି । ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ଅଧୀନରେ ଥିବା କମର୍ଡା ସେକ୍ସନର ଗନ୍ଧରବାରୁ ଗାଁ ନିକଟରେ ଗତ କିଛି ଦିନ ହେଲା ହାତୀଟି ଅସୁସ୍ଥ ଥିବା ସ୍ଥାନୀୟ ଗନ୍ଧରବାରୁ ଲୋକେ ଦେଖିବାପରେ ବନବିଭାଗକୁ ଜଣାଇଥିଲେ । ନର୍ଲା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପାଲଙ୍କ ତତ୍ତ୍ୱାବଧାନରେ ବନ୍ୟ ପ୍ରାଣୀ ଚିକିତ୍ସକ ଓ କର୍ମଚାରୀମାନେ ଚିକିତ୍ସା କରିଥଲେ ବି ବଞ୍ଚାଇ ପାରିନଥିଲେ । ତେବେ କ'ଣ ପାଇଁ ହାତୀଟି ଅସୁସ୍ଥ ହୋଇ ମୃତ୍ୟୁବରଣ କଲା ତାହା ସ୍ପଷ୍ଟ ହୋଇ ପାରିନାହିଁ । ବ୍ୟବଚ୍ଛେଦ ପରେ ଜଣା ପଡ଼ିବ ବୋଲି ବନ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି । ବିଶ୍ୱନାଥପୁର, ଭବାନୀପାଟଣା ଓ ଭୁବନେଶ୍ୱରର କିଛି ବିଶେଷଜ୍ଞଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଉଥିବା ଜଣାପଡ଼ିଛି ।



**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
By virtue of an affidavit before the Excecutive Magistrate Dharmasala, I SK Sahazan, S/O- SK Budu, Vill-Badamangalpur, PO/PS-Dharmasala, Dist- Jajpur declare that as per my adhara my name is SK Sahazan but in my passport no L7399538 it has been mentioned as SHAIK SAHAZAN .Hence SK Sahazan and SHAIK SAHAZAN are the same and one person.

### ■ ଗ୍ରାମବାସୀଙ୍କ ଆନ୍ଦୋଳନ ପାଇଁ ପର୍ଯ୍ୟଟକ ବିମୁଖ

# ଦିନିକିଆ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ

**ବାରିପଦା,୨୫ ।୧୧(ସମିସ):** ଶିମିଳିପାଳ ଅଭୟାରଣ୍ୟକୁ ଦିନିକିଆ ପର୍ଯ୍ୟଟକଙ୍କ ଆଗମନ ସାମୟିକ ସମୟ ପାଇଁ ବନ୍ଦ କରାଯାଇଛି । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ଼ା ଶନିବାର ସନ୍ଧ୍ୟାରେ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି । ତେବେ ୱେବ୍‌ସାଇଟ୍‌ରେ ବୁକ୍ କରି ରାତ୍ରରହଣୀ ପାଇଁ ଆସିଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଲାଗୁ ହେବ ନାହିଁ । ଅଭୟାରଣ୍ୟ ଭିତରର କିଛି ସ୍ଥାନକୁ ଛାଡ଼ିଦେଲେ, ବାକି ସ୍ଥାନରେ ସେମାନେ ରାତ୍ରରହଣୀ କରିପାରିବେ । ବରେହିପାଣି, ଗୁଡ଼ଗୁଡିଆ ଓ କୁମାରୀ ତିନୋଟି ନେଚର୍ କ୍ୟାମ୍ପ ବ୍ୟତୀତ ଅନ୍ୟ ରାତ୍ରରହଣୀ ସୁବିଧା ପର୍ଯ୍ୟଟକଙ୍କ ଲାଗି ଉନ୍ମୁକ୍ତ ରହିବ ବୋଲି ଶ୍ରୀ ଗୌଡ଼ା ସୂଚନା ଦେଇଛନ୍ତି ।

ଉକ୍ତ ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି ଯେ ଅନିର୍ବାର୍ଯ୍ୟ କାରଣ ଯୋଗୁଁ ଶିମିଳିପାଳ ଅଭ୍ୟାରଣ୍ୟର ଦୁଇ ପ୍ରବେଶ ଫାଟକ ବାରିପଦା ନିକଟ ପିଠାବଟା ଓ ଯଶିପୁର ନିକଟ କାଳିଆଣିକୁ ବନ୍ଦ କରାଯାଇଛି । ଅନ୍ୟାଦେଶ ଯାଏ ଏହି ଆଦେଶ ବଳବତ୍ତର ରହିବ । ତେଣୁ ପର୍ଯ୍ୟଟକମାନେ ନିଜର ଗସ୍ତ କାର୍ଯ୍ୟକ୍ରମ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଛି । ଅଧିକ ତଥ୍ୟ ପାଇଁ ପର୍ଯ୍ୟଟକମାନେ ଅଫିସିଆଲ୍ ୱେବସାଇଟ୍ ବା ଇକୋଟୁର୍ ସାଇଟ୍‌ରେ ପ୍ରଦତ୍ତ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଅକ୍ଟୋବର ୧୪ତାରିଖରୁ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଥିଲା । ପର୍ଯ୍ୟଟକ ମଧ୍ୟ ବହୁ ସଂଖ୍ୟାରେ ଭ୍ରମଣରେ ଆସି ମଜା ନେଉଥିଲେ । ତେବେ ଶିମିଳିପାଳ ଆଭ୍ୟନ୍ତରୀଣରେ ଥିବା କେତେକ ଗ୍ରାମର ଜନସାଧାରଣ ବିଭିନ୍ନ ଦାବି ନେଇ ଅକ୍ଟୋବର ୧୪ ତାରିଖରୁ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଛନ୍ତି । ଫଳରେ ପର୍ଯ୍ୟଟକମାନେ ଭ୍ରମଣ କରି ନ ପାରି ଅଡୁଆରେ ପଡୁଛନ୍ତି । ଭ୍ରମଣ ପାଇଁ ଉଦ୍ଦିଷ୍ଟ ରାସ୍ତା ଅବରୋଧ ପାଇଁ ସେମାନେ ଯଥାସମୟରେ ସମସ୍ତ ପର୍ଯ୍ୟଟନସ୍ଥଳ ଦର୍ଶନ ବା ବୁଲିବାରୁ ବଞ୍ଚିତ ହେଉଛନ୍ତି । ଶନିବାର ଏନେଇ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହେବାରୁ ସମ୍ଭବତଃ ଏଭଳି ପଦକ୍ଷେପ ନେବାକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ବାଧ ହୋଇଛନ୍ତି ବୋଲି କୁହାଯାଉଛି । ଅପରପକ୍ଷରେ କିଛି ଦିନ ତଳେ ବରେହିପାଣି ଜଳପ୍ରପାତ ରାସ୍ତାର ଉଭୟ ପାର୍ଶ୍ୱରୁ ବ୍ୟାପକ ଗଛକଟା ବନବିଭାଗର ବିଫଳତାକୁ ପଦାରେ ପକାଇଛି । ବନବାସୀଙ୍କ ସହଭାଗିତାରେ ଜଙ୍ଗଲ ରକ୍ଷା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା କରାଯାଇଥିଲେ ହେଁ ଉପରୋକ୍ତ ଘଟଣା ପୁଣି ବନବିଭାଗ ଓ ବନବାସୀଙ୍କ ମଧ୍ୟରେ ଦୂରତା ବୃଦ୍ଧି ବର୍ତ୍ତମାନ ପ୍ରତିକୂଳ ପ୍ରଭାବ ପକାଇବ । ନଭେମ୍ବର, ଡିସେମ୍ବର ଓ ଜାନୁଆରୀ ମାସ ପ୍ରାୟତଃ ଶିମିଳିପାଳରେ ପର୍ଯ୍ୟଟକଙ୍କ ଭିଡ଼ ରହୁଥିବା ବେଳେ ଏଭଳି ଅନିଚ୍ଛାକୃତ ବନ୍ଦ ପର୍ଯ୍ୟଟନ ଶିଳ୍ପ ପାଇଁ କ୍ଷତି ପହଞ୍ଚାଇବ । ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ ସାଙ୍ଗକୁ ପୁନର୍ବାର ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ଅନୁମତି ଦେବାକୁ ସବୁ ମହଲରୁ ଦାବି ହେଉଛି ।

**ରାତ୍ରରହଣୀ ପର୍ଯ୍ୟଟକଙ୍କୁ ବରେହିପାଣି, ଗୁଡ଼ଗୁଡିଆ ଓ କୁମାରୀ ନେଚର୍ କ୍ୟାମ୍ପ ବାରଣ**

OFFICE OF THE SUPERINTENDING ENGINEER
BHADRAK (ROADS & BUILDINGS) DIVISION
AT/PO/DIST- BHADRAK
FAX NO: - 06784 250321.
CONTACT NO: - 06784-250321
E Mail ID: - bhadrakrnbdivision@gmail.com

**1st Corrigendum to Bid Identification No. SE (R&B) BDK – 20/2023-24**
**Office Order No. 6863 dt. 16.11.2023**

The bid invited vide Bid Identification No. SE (R&B) BDK - 20/2023-24 dt.16.11.2023 modified in respect of the scope of the work, estimated cost, date of bid documents to be available in Web site, received and opened as mentioned in the following table due to unavoidable circumstances.

| Sl No. | Item | Provision as per NIT | Modified as per Corrigendum |
|---|---|---|---|
| 1 | Bid to be available in Web site | From 11.00 A.M of 22.11.2023 to 5.00 P.M of 28.11.2023 | From 11.00 A.M of 29.11.2023 to 5.00 P.M of 05.12.2023. |
| 2 | Bid to be received on 'Online' | At 5.00 P.M dt.28.11.2023. | At 5.00 P.M dt.05.12.2023 |
| 3 | Bid to be opened on 'Online' | At 11.30 A.M dt. 29.11.2023 | At 11.30 A.M dt.06.12.2023. |

All other terms and conditions remain unchanged.
OIPR-34079/11/0019/2324 B-1329
Superintending Engineer
Bhadrak (R&B) Division

**AFFIDAVIT**
By virtue of an affidavit before The Executive Magistrate, Bhubaneswar. I Kishore Kumar Parichha, S/o- Udaya Chandra Parichha, residing at Flat No.-F-106, Soubhagya Enclave, Malipada, Ps- Chandaka, Bhubaneswar-751024, Dist.- Khordha, Odisha state that I ahve adoped a boy as my son by virtue of in Country adoption 009/ICA/N24P of 2022-23 before District Magistrate North 24 Praganas, West Bengal. His previous name was Deep Bera, now after adoption he may recognized and called as Aarav Parichha, by this affidavit no. 54, dated. 23.11.2023 that now onwards he shall be known as AARAV PARICHHA for all future purposes.

**AFFIDAVIT**
I, V.S.Ramkrishna Pippalla, S/o- Pippalla Veera Raghavaiah, resident of 18-125/2, Cotton Peta, Dowleswaram, 7nd Group House Colony, Vemagiri, East Godavari, Vemagiri, Pin-533125, Andhra Pradesh, declared by this affidavit No.698, dated- 02/11/2023 that now onwards I shall be known as **V.S.RAMAKRISHNA PIPPALLA** for all future purposes.

GOVERNMENT OF ODISHA
Office of the Superintending Engineer
Bhanjanagar (R&B) Division, Bhanjanagar.
(Phone / Fax: (06821) 24113/ Email: eembbngr@yahoo.in)
B-1334
Ltr. No. 12086 // Dtd. 22.11.2023
**INVITATION BIDS (IFB)**
E-Procurement Bid Identification No. S.E –BNJ-R&B- 25 / 2023-24.

| | | |
|---|---|---|
| 1. | Name of work | Building works |
| 2. | No. of works | 06 Nos. Building works |
| 3. | No. of Covers | Double Cover |
| 4. | Estimated cost | Rs. 78.90 lakhs to Rs. 97.77 Lakhs |
| 5. | Period of Completion | Four Calendar Months & Six Calendar Months. |
| 6. | Date of time of availability of bid document in the portal | From 12.00 Noon of dated 28.11.2023 to 5.00 PM. of dated 04.12.2023. |
| 7. | Last date/time for receipt of bids in the portal | Up to 5.00 PM. of dated 04.12.2023. |
| 8. | Date of opening of bid documents | At 11.00 A.M. of 05.12.2023. |
| 9. | Class of Contractor | "B" Class Contractor |
| 10. | Name and address of officer inviting Bid | Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.
OIPR-34015/11/0018/2324
Superintending Engineer
Bhanjanagar (R&B) Division

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
CAD-3042
ପତ୍ର ସଂଖ୍ୟା- ୨୨୫ ତା. ୨୦.୧୧.୨୦୨୩

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ପ୍ରଭାସେନାପତି ସ୍ୱାମୀ- ଶ୍ରୀ ମନମୋହନ ସେନାପତି ଏଲ.ସି.ଆର୍-୫୫୩ (LCR-553) ଛେଣ୍ଡ କଲୋନୀ, ଫେଜ୍-୧ ରାଉରକେଲା-୧୫, ଜିଲ୍ଲା-ସୁନ୍ଦରଗଡ | ଘରନଂ.-ଏଲ୍‌ସିଆର-୫୫୩ (LCR-553) ଛେଣ୍ଡ, ଫେଜ-୧ ରାଉରକେଲା, ଜି-ସୁନ୍ଦରଗଡ | ୧-ଶ୍ରୀମନମୋହନସେନାପତି(ସ୍ୱାମୀ) ୨-ଦିଲ୍ଲୀପକୁମାରସେନାପତି(ବି.ପୁତ୍ର) |

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0482/2324

ସକାଳ
THE SAKALA



## ଟନେଲ୍‌ରେ ଉଦ୍ଧାରକାର୍ଯ୍ୟ ବନ୍ଦ

**ଡେରାଡୁନ, ୨୫।୧୧ (ଏଜେନ୍ସି):** ଉତ୍ତରକାଶ ସିଲ୍‌କ୍ୟାରା ଟନେଲ୍‌ରେ ୧୩ ଦିନ ହେଲା ୪୧ ଶ୍ରମିକଙ୍କ ଫସି ରହିଛନ୍ତି। ଶ୍ରମିକଙ୍କୁ ବାହାର କରିବା ପାଇଁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। କିନ୍ତୁ ଏଥିରେ ପ୍ରତିଦିନ ନୂଆ ନୂଆ ସମସ୍ୟା ସୃଷ୍ଟି ହେଉଛି। ଶ୍ରମିକ ଫସିଥିବା ସ୍ଥାନରୁ ମାତ୍ର ୧୦ ମିଟର ଦୂରରେ ଆମେରିକାରୁ ଆସିଥିବା ଆଗର ମେସିନ ଭାଙ୍ଗି ଯାଇଛି। ଏଥିପାଇଁ ଶୁକ୍ରବାରଠାରୁ ଉଦ୍ଧାରକାର୍ଯ୍ୟ ବନ୍ଦ ରହିଛି। ଯଦି ଡ୍ରିଲ ମେସିନ ଠିକ୍ ହେବନି ତେବେ ଆଉ ଏକ ମେସିନ ମଗାଇବାକୁ ପଡ଼ିବ। ଉଦ୍ଧାରକାର୍ଯ୍ୟ ପାଇଁ ୪୦ ଦିନ ସମୟ ମଧ୍ୟ ଲାଗିପାରେ ବୋଲି ଅନ୍ତର୍ଜାତୀୟ ଟନେଲ୍ ବିଶେଷଜ୍ଞ ଅରନାଲ୍ଡ ଡିକ୍ସ କହିଛନ୍ତି। ଉଦ୍ଧାରକାର୍ଯ୍ୟ ପାଇଁ ଅନ୍ୟ ବିକଳ୍ପ ମଧ୍ୟ ଖୋଜା ଯାଉଛି। ଦ୍ୱିତୀୟ ଯୋଜନାରେ ସୁଡ଼ଙ୍ଗ ଉପରୁ ଡ୍ରିଲିଂ କରିବାକୁ ପ୍ରସ୍ତୁତି କରାଯାଉଛି। ସେହିପରି ଆଗର ମେସିନର ବ୍ଲେଡ କାଟିବାକୁ ହାଇଦରାବାଦରୁ ପ୍ଲାଜମା ମେସିନ ମଗାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି।

## ମଲ୍‌ରେ ଅଗ୍ନିକାଣ୍ଡ; ୧୧ ମୃତ



**କରାଚି, ୨୫।୧୧ (ଏଜେନ୍ସି):** ପାକିସ୍ତାନ କରାଚିର ରାସିଦ ମିନହାସରେ ଥିବା 'ଆରଜେ ମଲ୍'ର ଦ୍ୱିତୀୟ ମହଲାରେ ଶନିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୧୧ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ୨୨ ଜଣ ଆହତ ହୋଇଛନ୍ତି। ମଲ୍ ଭିତରେ ଫସି ରହିଥିବା ପ୍ରାୟ ୫୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏସିରୁ ନିଆଁ ଲାଗିଥିବା ନେଇ ଦମକଳ ବାହିନୀ ସନ୍ଦେହ କରୁଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଦେଖୁ ଦେଖୁ ଏହି ନିଆଁ ମଲ୍ ଷଷ୍ଠ ମହଲାକୁ ବ୍ୟାପି ଯାଇଥିଲା। ଶନିବାର ହୋଇଥିବାରୁ ମଲ୍‌ରେ ଅଧିକ ଗହଳି ଲାଗି ରହିଥିଲା। ଦମକଳ ବାହିନୀର ୮ ଟି ଟିମ୍ ନିଆଁକୁ ନିୟନ୍ତ୍ରଣାଧୀନ କରିଥିଲା। ସୂଚନାଯୋଗ୍ୟ ଯେ କରାଚିରେ ଥିବା ୯୦ ପ୍ରତିଶତ କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଏହି ଘଟଣାକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନ ଉଠାଯାଉଛି।

## ଭତ୍ତା ନେବାକୁ ମନାକଲେ ୪୦ ହଜାର ବୟସ୍କ

**ଚଣ୍ଡିଗଡ଼, ୨୫।୧୧ (ଏଜେନ୍ସି):** ହରିୟାଣାର ୪୦ ହଜାର ବୃଦ୍ଧବୃଦ୍ଧା ଭତ୍ତା ନେବାକୁ ମନା କରିଦେଇଛନ୍ତି। ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ଶନିବାର ଏହି ସୂଚନା ଦେଇଛନ୍ତି। ଏଥିପାଇଁ ସରକାରଙ୍କ ୧୦୦ କୋଟି ଟଙ୍କା ସଞ୍ଚୟ ହୋଇଛି। ଏବେ ଏହି ଅର୍ଥକୁ ସେବା ଆଶ୍ରମ ନିର୍ମାଣରେ ବିନିଯୋଗ କରାଯିବ। ମୁଖ୍ୟମନ୍ତ୍ରୀ ଏହି ଭତ୍ତା ନେବାକୁ ମନା କରିଦେଇଥିଲା କିଛି ବୟସ୍କଙ୍କ ସହ ମଧ୍ୟ କଥା ହୋଇଛନ୍ତି। ସେ କହିଛନ୍ତି ଯେ ପରିବାର ପରିଚୟ ପତ୍ର (ପିପିପି) ସହ ବୃଦ୍ଧାବସ୍ଥା ଭତ୍ତାକୁ ଯୋଡ଼ା ଯାଇଛି। ଏହା ମାଧ୍ୟମରେ ଭତ୍ତା ନେବାକୁ ଯୋଗ୍ୟ ବିବେଚିତ ହୋଇଥିବା ଲୋକଙ୍କୁ ଏହା ଦେବା ପାଇଁ ଫୋନ୍ କରାଯାଇଥାଏ। ଏହି ସମୟରେ ଅନେକ ଲୋକ ଭତ୍ତା ନେବେ ନାହିଁ ବୋଲି କହିଥିଲେ।

## ରାହୁଲଙ୍କ ବିରୋଧରେ ଇସିରେ ଫେରାଦ ହେଲା ବିଜେପି

**ଜୟପୁର, ୨୫।୧୧ (ଏଜେନ୍ସି):** କଂଗ୍ରେସର ଘୋଷଣାକୁ ଦେଖି ମତଦାନ କରିବା ପାଇଁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରାଜସ୍ଥାନ ଲୋକଙ୍କୁ ନିବେଦନ କରିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ବୋଲି ବିଜେପି ଅଭିଯୋଗ କରିଛି। ଏ ନେଇ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଫେରାଦ ହୋଇଛି। ରାହୁଲଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି। ରାହୁଲଙ୍କ ଟ୍ୱିଟର ଆକାଉଣ୍ଟ ବନ୍ଦ କରିବାକୁ କହିଛି। ସୂଚନା ଅନୁଯାୟୀ ରାହୁଲ ଶନିବାର ସକାଳେ ଟ୍ୱିଟରରେ ଏକ ପୋଷ୍ଟ କରିଥିଲେ। ଏଥିରେ କଂଗ୍ରେସ କରିଥିବା ବଡ଼ ଘୋଷଣା ବିଷୟରେ ଉଲ୍ଲେଖ କରିଥିଲେ।

## ଚୂଡ଼ାନ୍ତ ପର୍ଯ୍ୟାୟରେ 'ଆଦିତ୍ୟ ଏଲ୍୧'



**ବେଙ୍ଗାଲୁରୁ, ୨୫।୧୧ (ଏଜେନ୍ସି):** ଭାରତର ପ୍ରଥମ ସୂର୍ଯ୍ୟ ଅଭିଯାନ 'ଆଦିତ୍ୟ ଏଲ୍୧' ଚୂଡ଼ାନ୍ତ ପର୍ଯ୍ୟାୟ ଅଭିମୁଖେ ବଢୁଛି। ଏହା ଆସନ୍ତା ବର୍ଷ ଜାନୁଆରୀ ୬ ତାରିଖରେ ଲାଗରେଜ ପଏଣ୍ଟ (ଏଲ୍୧) ରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହାକୁ ସଫଳତାର ସହ କକ୍ଷ ପଥରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରହିଛି। ଭାରତର ପ୍ରଥମ ସାଉଣ୍ଡିଂ ରେକଟ ଉତ୍କ୍ଷେପଣର ୬୦ ବର୍ଷ ପୂର୍ତ୍ତି ଅବସରରେ ଶନିବାର ଥିରୁଅନନ୍ତପୁରମ ସ୍ଥିତ ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍‌ଏସ୍‌ସି) ରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇ ଇସ୍ରୋ ମୁଖ୍ୟ ଏସ ସୋମନାଥ ଏହି ସୂଚନା ଦେଇଛନ୍ତି। ମହାକାଶ କ୍ଷେତ୍ରରୁ ଅନାବଶ୍ୟକ ନିୟନ୍ତ୍ରଣ ହଟାଇବାକୁ ସେ ପ୍ରାଧାନ୍ୟ ଦେଇଛନ୍ତି। ୧୯୬୩ ମସିହା ନଭେମ୍ବର ୨୧ରେ ଥିରୁଅନନ୍ତପୁରମରୁ ପ୍ରଥମ ସାଉଣ୍ଡିଂ ରକେଟ ଉତ୍କ୍ଷେପଣ କରାଯାଇଥିଲା। ଏହାକୁ ବାୟୁମଣ୍ଡଳର ଉପର ଭାଗର ଅଧ୍ୟୟନ ପାଇଁ ପଠା ଯାଇଥିଲା। ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୨ ତାରିଖର ସକାଳ ୧୧ଟା ୫୦ରେ ପିଏସ୍‌ଏଲ୍‌ଭି-ସି୫୭ ର ଏକ୍ସଏଲ୍ ଭର୍ସନ ରକେଟ ମାଧ୍ୟମରେ ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆଦିତ୍ୟ-ଏଲ୍୧ର ଉତ୍କ୍ଷେପଣ କରାଯାଇଥିଲା।

## ମହୁଆଙ୍କ ବିରୋଧରେ ସିବିଆଇ ତଦନ୍ତ ଆରମ୍ଭ



**ନୂଆଦିଲ୍ଲୀ, ୨୫।୧୧ (ଏଜେନ୍ସି):** ଟଙ୍କା ନେଇ ସଂସଦରେ ପ୍ରଶ୍ନ ପଚାରିବା ମାମଲାରେ ଟିଏମ୍‌ସି ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ ସିବିଆଇ ଶନିବାରଠାରୁ ତଦନ୍ତ ଆରମ୍ଭ କରିଛି। ଲୋକପାଳଙ୍କ ନିର୍ଦ୍ଦେଶ ପରେ ଏଜେନ୍ସି ଏହି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ସିବିଆଇର ତଦନ୍ତ ଆଧାରରେ ମହୁଆଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ। ପ୍ରାରମ୍ଭିକ ଯାଞ୍ଚ ସମୟରେ ସିବିଆଇ ଅଭିଯୁକ୍ତଙ୍କୁ ଗିରଫ କରିପାରିବ ନାହିଁ। ତଲାସୀ ମଧ୍ୟ ନେଇପାରିବ ନାହିଁ। କିନ୍ତୁ ସୂଚନା ମାଗି ପାରିବ। ମହୁଆଙ୍କୁ ପଚରାଉଚୁରା ମଧ୍ୟ କରିପାରିବ। ବିଜେପି ସାଂସଦ ନିଶିକାନ୍ତ ଦୁବେ ମହୁଆଙ୍କ ବିରୋଧରେ ଏହି ଅଭିଯୋଗ ଲଗାଇ ଥିଲେ। ସେ ବ୍ୟବସାୟୀଙ୍କ ହିରାନନ୍ଦାନୀଙ୍କଠାରୁ ଟଙ୍କା ନେଇ ପ୍ରଶ୍ନ ପଚାରି ଥିଲେ। ସଂସଦର ଆଇଇଡି ଏବଂ ପାସୱାର୍ଡ ମଧ୍ୟ ତାଙ୍କୁ ଦେଇଥିଲେ। ଦୁବେ ଏ ନେଇ ଲୋକପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ମଧ୍ୟ ଚିଠି ଲେଖିଥିଲେ। ଏହା ପରେ ଯାଞ୍ଚ ପାଇଁ ସଦାଚାର କମିଟି ଗଠନ କରାଯାଇଥିଲା। ଏହି କମିଟି ଗତ ୧୦ ତାରିଖରେ ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିଛି। ଏଥିରେ ମହୁଆଙ୍କୁ ବରଖାସ୍ତ କରିବାକୁ ଦାବି କରାଯାଇଛି।

### ରାଜସ୍ଥାନରେ ଭୋଟିଂ ଶେଷ

# ମତଦାନ ହାର ୬୮.୨୪%

**ରାୟପୁର, ୨୫।୧୧ (ଏଜେନ୍ସି)**

ରାଜସ୍ଥାନର ୧୯୯ ବିଧାନସଭା ଆସନରେ ଶନିବାର ସନ୍ଧ୍ୟା ୬ଟାରେ ମତଦାନ ଶେଷ ହୋଇଛି। ସନ୍ଧ୍ୟା ୫ଟା ସୁଦ୍ଧା ରାଜ୍ୟରେ ୬୮.୨୪ ପ୍ରତିଶତ ମତଦାନ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜୈସାଲମେରରେ ସର୍ବାଧିକ ୭୬.୫୭%, ହନୁମାନଗଡ଼ରେ ୭୫.୭୫%, ଧୌଲପୁରରେ ୭୪.୧୧ % ମତଦାନ ହୋଇଛି। ପୋଷ୍ଟାଲ ବାଲାଟ ମାଧ୍ୟମରେ ୮.୮୨୮% ଭୋଟ୍ ପଡ଼ିଛି। ତେବେ ଗତ ନିର୍ବାଚନ (୨୦୧୮)ରେ ୭୪.୦୬ ପ୍ରତିଶତ ମତଦାନ ହୋଇଥିଲା। ଆସନ୍ତା ୩ ତାରିଖରେ ଭୋଟ ଗଣତି ହେବ। ମତଦାନ ସମୟରେ ରାଜ୍ୟର ଅନେକ ସ୍ଥାନରେ ସଂଘର୍ଷ ଏବଂ ହିଂସା ହୋଇଛି। ବୁଥ୍ ଦଖଲକୁ ନିଆଯାଇଛି। ଗୁଳିକାଣ୍ଡ ଘଟଣା ମଧ୍ୟ ସାମ୍ନାକୁ ଆସିଛି। ବିଜେପି ପ୍ରାର୍ଥୀଙ୍କ ଉପରେ ଆକ୍ରମଣ ହୋଇଛି। ସୂଚନା ଅନୁଯାୟୀ ଭରତପୁର ଜିଲ୍ଲାର କାମାଁ ଏବଂ ନଗର ବିଧାନସଭା କ୍ଷେତ୍ରର ସୁକେତ ଗ୍ରାମରେ ବିବାଦ ହୋଇଛି। ଏଠାରେ ଲତିଫ ନାମକ ବ୍ୟକ୍ତି କାନ୍ଥ ଡେଇଁ ବୁଥ୍‌ରେ ପ୍ରବେଶ କରି କଂଗ୍ରେସ କର୍ମୀଙ୍କୁ ମାରପିଟ୍ କରିଛି। ସେ ଭିଭିପାଟ ମଧ୍ୟ ଭାଙ୍ଗି ଦେଇଛି। ଲତିଫର କିଛି ସହଯୋଗୀ ପୂର୍ବରୁ ମତଦାନ କେନ୍ଦ୍ରରେ ଥିଲେ। ବିବାଦ ଏଭଳି ଭାବରେ ବୃଦ୍ଧି ପାଇଥିଲା ଯେ ଭୋଟ୍ ଦେବାକୁ ଆସିଥିବା ଲୋକେ ପଳାଇ ଥିଲେ। ସବୁ ଲୋକ ୨ଟି ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିଲେ। ପରସ୍ପର ଉପରେ ପଥରମାଡ଼ କରିଥିଲେ। ଫଳରେ ପୁଲିଂ ଦଳ ଭୟରେ ମତଦାନ କେନ୍ଦ୍ର ଛାଡ଼ି ପଳାଇ ଥିଲେ। ହଙ୍ଗାମା ଯୋଗୁଁ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ମଦାନ ବନ୍ଦ ରହିଥିଲା।







ସେହିପରି କାମାଁ ବିଧାନସଭାର ସାମ୍ବଲେର ଗ୍ରାମରେ ପୁଲିସ ଏବଂ ଜାହିଦା ଖାନଙ୍କ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଜାହିଦାଙ୍କ ପୁଅ ସାଜିଦ ଗାଁର ମତଦାନ କେନ୍ଦ୍ରରେ ପହଞ୍ଚି ଥିଲେ। ସେଠାରେ ତାଙ୍କୁ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍) ଯବାନ ଅଟକାଇ ଦେଇଥିଲେ। ଏହାକୁ ନେଇ ବିବାଦ ହୋଇଥିଲା। ଫଳରେ ବିଏସ୍‌ଏଫ୍ ଯବାନଙ୍କୁ ଫାଙ୍କା ଗୁଳିଚାଳନା କରିବାକୁ ପଡ଼ିଥିଲା। ଏହି ସମୟରେ ଅନ୍ୟ ସୁରକ୍ଷାକର୍ମୀ ସାଜିଦଙ୍କ ସମର୍ଥକଙ୍କ ଉପରେ ଲାଠି ମାଡ଼ କରିଥିଲେ। ପୁଲିସ ସାଜିଦଙ୍କ ଡ୍ରାଇଭରକୁ ଗିରଫ କରିଛି। ସୂଚନା ପାଇଁ ଏସ୍‌ପି ମୃଦୁଲ

> **ବିଭିନ୍ନ ସ୍ଥାନରେ ବୁଥ୍ ଜବରଦଖଲ**
>
> **ଜୀବନ ବଞ୍ଚାଇ ପଳାଇଲେ ପୁଲିଂ ପାର୍ଟି**
>
> **ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ**
>
> **ମାଜିଷ୍ଟ୍ରେଟ୍‌ଙ୍କ ସମେତ ଅନେକ ଆହତ**

କଚ୍ଛାୱା ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏଥିଯୋଗୁଁ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ସେହିପରି ନଗର କ୍ଷେତ୍ରର ସିକରିରେ ବିଜେପି ପ୍ରାର୍ଥୀ ଜବାହାର ସିଂହ ବେଡମଙ୍କ ଉପରେ ପଥରମାଡ଼ ହୋଇଛି। ପ୍ରାୟ ସନ୍ଧ୍ୟା ୫ଟାରେ ସିକର କସ୍‌ବେରେ ଥିବା ମତଦାନ କେନ୍ଦ୍ରରେ ପହଞ୍ଚି ଥିବାବେଳେ କଂଗ୍ରେସ କର୍ମୀ ଏହି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହା ବ୍ୟତୀତ ଧୌଲପୁର ଜିଲ୍ଲାର ବାଡ଼ି ବିଧାନସଭା କ୍ଷେତ୍ର ଅନ୍ତର୍ଗତ 'ଖୁଲେ କା ପୁରା' ଗ୍ରାମରେ ବୁଥ୍ ଦଖଲ ନେବାକୁ ପ୍ରୟାସ କରାଯାଇଛି। ଫ୍ଲାଇଂ ସ୍କ୍ୱାର୍ଡର ମାଜିଷ୍ଟ୍ରେଟ୍ ହରିଓମ ସିରୱାରଙ୍କ ସହ ଲୋକେ ମୁହାଁମୁହିଁ ହୋଇଛନ୍ତି। ଗାଡ଼ି ଭଙ୍ଗାରୁଜା କରି ଡ୍ରାଇଭରଙ୍କୁ ମାଡ଼ ମରାଯାଇଛି। ପଥର ମାଡ଼ ମଧ୍ୟ ହୋଇଛି। ଏଥିରେ ମାଜିଷ୍ଟ୍ରେଟଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ବାଡ଼ି ରଜାଇ କଲା ଗ୍ରାମରେ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି। କଞ୍ଚନପୁରର ଏକ ମତଦାନ କେନ୍ଦ୍ରରେ ବିଏସ୍‌ପି ପ୍ରାର୍ଥୀ ଯଶୋବନ୍ଧ ଗୁର୍ଜର ଏବଂ ବିଜେପି ପ୍ରାର୍ଥୀ ଗିରାର୍ଜ ମଲିଙ୍ଗାଙ୍କ ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ସେହିପରି ଅବଦୁଲପୁର ଗ୍ରାମରେ ୨ ପକ୍ଷ ମୁହାଁମୁହିଁ ହୋଇଛନ୍ତି। କିଛି ମତଦାନ କେନ୍ଦ୍ରେ ଜାଲ୍ ଭୋଟ ପଡ଼ିଥିବା ମଧ୍ୟ ଅଭିଯୋଗ ହୋଇଛି।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଯୋଧପୁରର ସରଦାରପୁରାରୁ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଝାଲୱାଡ଼ରୁ ଭୋଟ ଦେଇଥିଲେ। ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ମଧ୍ୟ ମତାଧିକାର ସାବ୍ୟସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନ ହେବା ପ୍ରଶ୍ନରେ ଭାଗ୍ୟରେ ଯାହା ଲେଖା ଅଛି ତାହା ଅବଶ୍ୟ ମିଳିବ ବୋଲି ପାଇଲଟ କହିଛନ୍ତି। ଅଲୱର, ଝାଲାୱାଡ଼ା, ଶ୍ରୀମାଧୋପୁର ସହିତ ଅନେକ ବିଧାନସଭାରେ ବରକନ୍ୟା ଭୋଟ ଦେବାକୁ ପହଞ୍ଚି ଥିଲେ। ଜୟପୁରର ଏକ ପରିବାର ୪୮ ସଦସ୍ୟ ବୃଦ୍ଧଙ୍କୁ ଖଟରେ ଧରି ମତଦାନ ଦେବାକୁ ଯାଇଥିଲେ। ଟୋଙ୍କ ନିୱାଇର ୧୧୩ ବର୍ଷୀୟ ଭୁଲି ଦେବୀ ମଧ୍ୟ ଭୋଟ୍ ଦେଇଛନ୍ତି।

### ଭାରତ ମହାସାଗରରେ ଇସ୍ରାଏଲ ଉପରେ ଆକ୍ରମଣ

**ତେଲ ଆଭିଭ, ୨୫।୧୧ (ଏଜେନ୍ସି):** ସାମୟିକ ସମୟ ପାଇଁ ଗାଜାରେ ଇସ୍ରାଏଲ-ହମାସ ଯୁଦ୍ଧ ବନ୍ଦ ରହିଛି। ଉଭୟେ ବନ୍ଦୀ ଅଦଳବଦଳ ପାଇଁ ଅସ୍ତ୍ରବିରତି ସ୍ୱାକ୍ଷର କରିଛନ୍ତି। ଏବେ ଏହି ଯୁଦ୍ଧ ଅନ୍ୟସ୍ଥାନକୁ ବ୍ୟାପି ଯାଇଛି। ଭାରତ ମହାସାଗରରେ ଥିବା ଏକ ଇସ୍ରାଏଲ ଜାହାଜ ଉପରେ ଶୁକ୍ରବାର ଡ୍ରୋନ୍ ଆକ୍ରମଣ ହୋଇଛି। ଏଥିଯୋଗୁଁ ଜାହାଜରେ ନିଆଁ ଲାଗି ଯାଇଛି। ମାତ୍ର ଏଥିରେ କେହି ମୃତାହତ ହୋଇନାହାନ୍ତି। ଏହି ଆକ୍ରମଣ ପଛରେ ଇରାନର ହାତ ଥିବା ଇସ୍ରାଏଲ ଦାବି କରିଛି। ଏହି ଜାହାଜଟି ଜଣେ ଇସ୍ରାଏଲ ଅରବପତିଙ୍କର। ଅସ୍ତ୍ରବିରତିର କିଛି ଘଣ୍ଟା ପରେ ଶୁକ୍ରବାର ସକାଳେ ଏହି ଆକ୍ରମଣ ହୋଇଥିଲା। ଇରାନର ସାହେଦ-୧୩୬ ଡ୍ରୋନ୍ ଏହି ଆକ୍ରମଣ କରିଥିଲା।

## ଦ୍ୱିତୀୟ ଦିନରେ ବନ୍ଦୀଙ୍କୁ ଛାଡ଼ିଲାନି ହମାସ୍



ଅନ୍ୟପକ୍ଷରେ ଅସ୍ତ୍ରବିରତି ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ହମାସ ୪ ଶିଶୁଙ୍କ ସହିତ ୨୫ ବନ୍ଦୀଙ୍କୁ ମୁକ୍ତ କରିଥିଲା। ଦ୍ୱିତୀୟ ଦିନରେ ହମାସ୍ କୌଣସି ବନ୍ଦୀଙ୍କୁ ମୁକ୍ତ କରିନାହିଁ। ଇସ୍ରାଏଲ ନିୟମ ଭଙ୍ଗ କରୁଥିବା ଦାବି କରିଛି। ପ୍ରଥମ ଦିନ ବନ୍ଦୀ ମୁକ୍ତ ହେବାପରେ ଗୁଳିମାଡ଼ ହୋଇଥିଲା। ସେଥିରେ ୪ଜଣ ଆହାତ ହୋଇଥିଲେ। ଅନ୍ୟପଟେ ହମାସ୍ ଆକ୍ରମଣରେ ଗତ ୧୦ ତାରିଖରେ ୨୦ ବର୍ଷୀୟ ସୈନିକ ଆଇଲେଟଙ୍କ ମୃତ୍ୟୁ ହୋଇଥିଲା। ଏବେ ସୈନିକଙ୍କ ଅଙ୍ଗଦାନ କରିବାକୁ ପରିବାର ଲୋକ ନିଷ୍ପତ୍ତି ନେଇଛନ୍ତି। ତାଙ୍କର ହୃତ୍‌ପିଣ୍ଡ, କିଡ୍‌ନୀ, ଫୁସ୍‌ଫୁସ୍ ଏବଂ ଯକୃତ ଦାନ କରାଯିବ।

### ତେଲଙ୍ଗାନାରେ ପ୍ରଚାର ଜୋରଦାର

# ମୋଦୀଙ୍କ ୨ ୟାର; ଓୱେସି-କେସିଆର: ରାହୁଲ

**ହାଇଦରାବାଦ, ୨୫।୧୧ (ଏଜେନ୍ସି)**

ରାଜସ୍ଥାନ ବିଧାନସଭା ନିର୍ବାଚନ ଶେଷ ହୋଇଛି। ଏବେ ସମସ୍ତଙ୍କର ନଜର ତେଲଙ୍ଗାନା ଉପରେ ପଡ଼ିଛି। ଏହି ରାଜ୍ୟରେ ଜୋରଦାର ପ୍ରଚାର ଚାଲିଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ତେଲଙ୍ଗାନାରେ ଜୋରଦାର ପ୍ରଚାର କରିଛନ୍ତି। ରାହୁଲ ଆଦିଲାବାଦ ଜିଲ୍ଲାରେ ଏକ ଜନସଭାକୁ ସମ୍ବୋଧନ କରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ମୋଦୀ ଜୀଙ୍କର ୨ ଜଣ ବନ୍ଧୁ (ୟାର) ଅଛନ୍ତି। ଜଣେ ଓୱେସି ଏବଂ ଅନ୍ୟ ଜଣଙ୍କ କେସିଆର। ମୋଦୀ ପ୍ରଧାନମନ୍ତ୍ରୀ ରହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କେସିଆର ଚାହୁଁଛନ୍ତି। ସେହିପରି କେସିଆର ମୁଖ୍ୟମନ୍ତ୍ରୀ ରୁହନ୍ତୁ ବୋଲି ମୋଦୀ ଚାହୁଁଛନ୍ତି। ରାଜନୀତିରେ ଆବଶ୍ୟକ ପଡ଼ିଲେ ଉଭୟେ ଉଭୟଙ୍କୁ ସହଯୋଗ କରୁଛନ୍ତି। କଂଗ୍ରେସ



ବିଜେପିର ଟାୟର ପଙ୍କଚ୍ର କରିଦେଇଛି। ଖୁବଶୀଘ୍ର ଦିଲ୍ଲୀରେ ମଧ୍ୟ ଏପରି କରାଯିବ। ଆଗାମୀ ନିର୍ବାଚନରେ ସାମନ୍ତବାଦୀ ଦଳ ଏବଂ ଜନତାଙ୍କ ଦଳ ମଧ୍ୟରେ ଲଢ଼େଇ ହେବ। ରାହୁଲ କେସିଆରଙ୍କୁ ସମାଲୋଚନା କରି କହିଛନ୍ତି ଯେ ଲୋକ ଗରିବ ଏବଂ ଚାଷୀ ସମର୍ଥକଙ୍କୁ ସରକାରରେ ବସାଇବାକୁ ଚାହୁଁଥିଲେ। କିନ୍ତୁ କେସିଆର ତାଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଛନ୍ତି। ଯେଉଁ ବିମାନବନ୍ଦରରେ କେସିଆର ବିମାନ ଉଡୁଛି, ଯେଉଁ ରାସ୍ତାରେ ଗାଡ଼ି ଚାଲୁଛି ତାହାକୁ କଂଗ୍ରେସ ବନାଇଛି। କେସିଆର ପରିବାରକୁ ପ୍ରାଧାନ୍ୟ ଦେଉଛନ୍ତି। ଟଙ୍କା କମାଉଥିବା ସବୁ ବିଭାଗକୁ ନିଜ ପରିବାର ପାଖରେ ରଖିଛନ୍ତି।

> **୫୬ ଦିନରେ ପ୍ରଧାନମନ୍ତ୍ରୀଙ୍କ ୫ମ ତେଲଙ୍ଗାନା ଗସ୍ତ**
>
> **ନାମ ବଦଳାଇଦେଲେ ଦୁର୍ନୀତିର ଇତିହାସ ବଦଳି ଯିବନି**

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ କାମାରେଡ୍ଡୀରେ ଜନତାଙ୍କୁ ସମ୍ବୋଧନ କରି ଇଣ୍ଡିଆ ମେଣ୍ଟ ଏବଂ ବିଆରଏସ୍‌କୁ ସମାଲୋଚନା କରିଛନ୍ତି। ମେଣ୍ଟ ଏବଂ ଦଳର ନାମ ବଦଳାଇ ଦେଲେ ଦୁର୍ନୀତିର ଇତିହାସ ଏବଂ କୁଶାସନ ବଦଳି ଯିବନାହିଁ ବୋଲି କହିଛନ୍ତି। ବିଆର୍‌ଏସ୍ ଏବଂ କଂଗ୍ରେସ ମଧ୍ୟରେ ସମାନତା ରହିଛି। ଲୋକଙ୍କୁ ଧୋକା ଦେବା ପାଇଁ ଉଭୟେ ସମସ୍ତ ପ୍ରକାରର ଉପାୟ ଅବଲମ୍ବନ କରୁଛନ୍ତି। ଅଚନାକ ଟିଆରଏସ୍‌କୁ ବିଆର୍‌ଏସ୍ ଏବଂ ୟୁପିଏକୁ ଇଣ୍ଡିଆ ମେଣ୍ଟ ବନାଇ ଦିଆଯାଉଛି। ଉଭୟେ ଭୋଟ୍ ବ୍ୟାଙ୍କର ରାଜନୀତିରୁ କେବେ ବି ଉପରକୁ ଉଠି ପାରିବେ ନାହିଁ। ଅନେକ ରାଜ୍ୟ କଂଗ୍ରେସକୁ କ୍ଷମତାରୁ ବେଦଖଲ କରିଦେଇଛନ୍ତି। ଆସନ୍ତା ୩୦ ତାରିଖରେ ହେବାକୁ ଥିବା ମତଦାନରେ ଲୋକେ ବିଆରଏସକୁ ମଧ୍ୟ ବେଦଖଲ କରିବେ। ଲୋକେ ବିଆରଏସ୍ ଏବଂ କଂଗ୍ରେସରୁ ମୁକ୍ତି ଚାହୁଁଛନ୍ତି।

## ତେଜସ୍‌ରେ ଉଡ଼ିଲେ ପ୍ରଧାନମନ୍ତ୍ରୀ



**ବେଙ୍ଗାଲୁରୁ, ୨୫।୧୧ (ଏଜେନ୍ସି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଏୟାରବେସରୁ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ 'ତେଜସ' ଲଢୁଆ ବିମାନରେ ଉଡ଼ାଣ ଭରିଛନ୍ତି। ଏହି ଉଡ଼ାଣ ପରେ ପ୍ରଧାନମନ୍ତ୍ରୀ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ହାଲ୍), ପ୍ରତିରକ୍ଷା ଗେବଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ଏବଂ ବାୟୁସେନାକୁ ବହୁତ ପ୍ରଶଂସା କରିଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁସ୍ଥିତ ହାଲ୍ ଉତ୍ପାଦନ କାରଖାନାର କାର୍ଯ୍ୟ ସମୀକ୍ଷା କରିବା ଲାଗି ବେଙ୍ଗାଲୁରୁ ଯାଇଥିଲେ। ଏହି ଅବସରରେ ସେ ଦୁଇ ଆସନ ବିଶିଷ୍ଟ ତେଜସର ପ୍ରଶିକ୍ଷଣ ବିମାନରେ ଉଡାଣ ଭରିଥିଲେ। ଉଡ଼ାଣ ପରେ ମୋଦୀ କହିଥିଲେ ଯେ ସ୍ୱଦେଶୀ ଜ୍ଞାନ କୌଶଳ ଓ ଏହାର ସାମର୍ଥ୍ୟ ଉପରେ ତାଙ୍କର ସମ୍ପୂର୍ଣ୍ଣ ଆସ୍ଥା ରହିଛି। ସୂଚନାଯୋଗ୍ୟ ଯେ ଏବେ ବାୟୁସେନା ଓ ନୌସେନା ତେଜସକୁ ବ୍ୟବହାର କରୁଛନ୍ତି। ଗ୍ରାଉଣ୍ଡ ଅପରେସନ ପାଇଁ ଏହାକୁ ବ୍ୟବହାର କରାଯାଉଛି। ଏହା ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସାମର ତେଜପୁର ଏୟାରଫୋର୍ସ ଷ୍ଟେସନରୁ ସୁଖୋଇ ବିମାନରେ ଉଡାଣ ଭରିଥିଲେ।

# ମଣିନାଥପୁର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ଭଣ୍ଡାରିପୋଖରୀ,୨୫।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ନରେନ୍ଦ୍ରକୁମାର ପରିଡ଼ା ଉଚ୍ଚବିଦ୍ୟାପୀଠରେ ଚଳିତ ବର୍ଷର ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ୬ଷ୍ଠରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ୨୫ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନଶିକ୍ଷକ ବାସୁଦେବ ସୋରେନଙ୍କ ତତ୍ତ୍ୱାବଧନରେ ପ୍ରକଳ୍ପଗୁଡିକ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ବିଚାରକ ଭାବେ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଶ୍ରେଷ୍ଠ ବିବେଚିତ ୨ଟି ପ୍ରକଳ୍ପକୁ ବ୍ଲକସ୍ତରରେ ପ୍ରଦର୍ଶନ ପାଇଁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ନନ୍ଦ, ବିଦ୍ୟାଳୟ ସଭାପତି ମନୋଜ ଦାସ, ମୋ ସ୍କୁଲ ଅଭିଯାନ ସଭାପତି ଗଜେନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ ଓ ଶରତ ଥାଟୋଇ ଧନ୍ୟବାଦ ଦେଇଥିଲେ। ଦିପ୍ତୀରଞ୍ଜନ ଶେଣ୍ଠ, ମାମିନା ଜେନା, ରଶ୍ମିରେଖା ରାଉତ, ରିତାଞ୍ଜଳୀ ମହାନ୍ତି, ପ୍ରଭାତ ମଞ୍ଜରୀ ଜେନା, ଅରୁଣୀ ବେହେରା, ରମେଶ ଚନ୍ଦ୍ର ରାଉତ, ଏସକେ ଆଫ୍ରୋଜୁଦ୍ଦିନ ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉତ୍ସବ ପରିଚାଳନା କରିଥିଲେ।



# ଭୋଟର ତାଲିକା ସଂଶୋଧନ ବୁଥରେ ଜିଲ୍ଲାପାଳଙ୍କ ପରିଦର୍ଶନ

**ଦୋବଲ, ୨୫।୧୧(ସମିସ):** ଧାମନଗର ବ୍ଲକରେ ବିଭିନ୍ନ ବୁଥରେ ଭଦ୍ରକ ଜିଲ୍ଲାପାଳ ଅଚାନକ ଗସ୍ତ କରି ସମୀକ୍ଷା କରିଥିଲେ। ପ୍ରକାଶ ଥାଉକି ସାଧାରଣ ନିର୍ବାଚନ ୨୦୨୪ ପୂର୍ବରୁ ଶେଷଥର ପାଇଁ ଭୋଟର ତାଲିକା ସଂଶୋଧନ କର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୂଚନା ଥାଉକି ଭୋଟର ମାନେ ବୁଥରେ ଭୋଟର ତାଲିକା ରେ ନିଜର ନାମ ଯାଞ୍ଚ କରିବାପାଇଁ ଏବଂ ନୂତନ ନାମ ଯାଞ୍ଚ, ସଂଶୋଧନ, ବାଦ ପାଇଁ ଆବେଦନ ପାଇଁ ସ୍ୱତନ୍ତ୍ର ଅଭିଯାନ ଦିବସ ୫, ୧୧, ୧୯ ଓ ୨୫ ତାରିଖ ରେ ବିଭିନ୍ନ ବୁଥରେ ସ୍ୱତନ୍ତ୍ର ଅଭିଯାନ ଦିବସ ମାଧ୍ୟମରେ ଭୋଟର ତାଲିକା ସଂଶୋଧନ କରାଯାଉଛି। ଏହି ଅବସରରେ ଆଜି ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ଦୋବଲ, ଖଡ଼ିପଦା ଓ ଆନନ୍ଦପୁର ବୁଥକୁ ଯାଇ ଭୋଟର ଯାଞ୍ଚ ସମ୍ପର୍କ ରେ ସମୀକ୍ଷା କରିଥିଲେ। ଏହି ଅବସରରେ ବିଡିଓ ବନବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିଷ୍ଠାକୁ ୮୦ବର୍ଷ ପୂରିବ

# ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠପଢ଼ା ବ୍ୟାହତ

**ଆଗରପଡ଼ା, ୨୫।୧୧(ସମିସ)**






ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତ ଅନ୍ତର୍ଗତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ୧୯୪୪ ମସିହାରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟ ୮୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିଲେ ସୁଦ୍ଧା ଏହାର ଶିକ୍ଷାଦାନର ଭିତ୍ତିଭୂମିରେ ପରିବର୍ତ୍ତନ ହୋଇ ନ ପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ଏହି ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୩୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ୨୩୩ ଜଣଙ୍କୁ ଶିକ୍ଷାଦାନ କରୁଛନ୍ତି ୪ଜଣ ଶିକ୍ଷୟିତ୍ରୀ। ଯଦ୍ୱାରା ଶିକ୍ଷାଦାନରେ ଘୋର ସମସ୍ୟା ସୃଷ୍ଟି ହେଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଖେଳ ଶିକ୍ଷୟିତ୍ରୀଙ୍କୁ କୌଣସି କାରଣବଶତଃ ୨ବର୍ଷ ହେବ ଅନ୍ୟତ୍ର ଡେପୁଟେସନରେ ପଠାଯାଇଥିବା ବେଳେ ଗତ ୧୮ ତାରିଖରେ ବିଭାଗୀୟ ନିର୍ଦ୍ଦେଶାନୁସାରେ ଉଭୟ ଇତି ମଧ୍ୟରେ ଏଠାରେ ଯୋଗଦାନ କରିଛନ୍ତି। କିନ୍ତୁ ଉଭୟଙ୍କ ଯୋଗଦାନକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ କରିଥିବା ବେଳେ ଟିଆଇ, ଟିଏମ, ହିନ୍ଦୀ, ସଂସ୍କୃତ ଶିକ୍ଷକ ଓ ବିଜ୍ଞାନ ସହାୟକ ପଦ ଫାଙ୍କା ପଡ଼ିଛି। ଫଳରେ ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷାଲାଭରୁ ବଞ୍ଚିତ ହେଉଛନ୍ତି। ଏଥିସହ ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ମଧ୍ୟ ନାନା ବ୍ୟାଘାତ ସୃଷ୍ଟି ହେଉଛି। ଶିକ୍ଷାଦାନ ନିମନ୍ତେ ଅବସର ପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିଲେ ସୁଦ୍ଧା ଏହାର ସୁଫଳ ମିଳୁନଥିବା ଜଣାପଡ଼ିଛି। ତେଣୁ ସ୍ୱାଧୀନତା ପୂର୍ବର ବିଦ୍ୟାଳୟରେ ଏହିପରି ଶିକ୍ଷାବ୍ୟବସ୍ଥାକୁ ସାଧାରଣରେ ନିନ୍ଦା କରାଯିବା ସହ ଶିକ୍ଷା ବିଭାଗର ଉକ୍ତ ବିଦ୍ୟାଳୟ ପ୍ରତି ଅଣ ଦେଖାକୁ ନେଇ ଶିକ୍ଷା କମିଟି, ଅଭିଭାବକ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କିଛି ସୁଫଳ ଆଜି ସୁଦ୍ଧା ମିଳିପାରୁନଥିବା ଜଣାପଡ଼ିଛି।

**● ୨୩୩ ଛାତ୍ରଛାତ୍ରୀଙ୍କୁ ୪ଶିକ୍ଷୟିତ୍ରୀ**

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ରକ୍ତଦାନ ଶିବିର

**ବନ୍ତ, ୨୫।୧୧(ସମିସ):** ବନ୍ତ ବ୍ଲକ ପଳାଶଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଡିଓ ପ୍ରଦୀପ କୁମାର ସେଠୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥସୁନ୍ଦର ମହାକୁଡ଼ ନିଜେ ରକ୍ତଦାନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଭଦ୍ରକ ରକ୍ତ ଭଣ୍ଡାରର ଡ.ବାସନ୍ତୀଲତା ରାଉତ, ରବୀନ୍ଦ୍ର କୁମାର ଜେନା, ରତିକାନ୍ତ ବଳ, ରଘୁନାଥ ପଣ୍ଡା ରକ୍ତ ସଂଗ୍ରହ କରିଥିଲେ। ବିଦ୍ୟାଳୟର ଶିକ୍ଷକ ରତିକାନ୍ତ ପଣ୍ଡା, ନରେନ୍ଦ୍ର ଦାସ, ସିଦ୍ଧାନ୍ତ ବେହେରା, ମାନସ ମାଝୀ, ଶିକ୍ଷୟିତ୍ରୀ ଅମ୍ବିକା ଜେନା, ଅନନ୍ୟା ବିଶ୍ୱାଳ, କର୍ମଚାରୀ ଗୌରହରି ମୁଖୀ ରକ୍ତଦାନ କରିବା ସହ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ

**ଆଗରପଡ଼ା/ତିହିଡ଼ି, ୨୫।୧୧(ସମିସ):** ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ଶ୍ରୀଅରବିନ୍ଦ ସାଧନାପୀଠରେ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସାଧନାପୀଠ ସଭା ଗୃହରେ ଏକ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଦ୍ଧି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସାଧାରଣ ସଭାରେ ଏକ ଆଲୋଚନା ଚକ୍ର ଉପସ୍ଥିତ ମାତୃପ୍ରେମୀ ମାନଙ୍କ ଦ୍ୱାରା ସଂପାଦିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଅରୁଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହୋଇଥିଲା।

ସେହିପରି ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ପାଳିତ ହୋଇଯାଇଛି। କୋହ୍ଲ ସ୍ଥିତ ଦିବ୍ୟଭୂମି ପରିସରରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ସିଦ୍ଧି ଦିବସ ପାଳନ କରିଥିଲେ। ସକାଳେ ମାତୃ ପତାକା ଉତ୍ତୋଳନ କରାଯାଇ ମାର୍ଚ୍ଚପାଷ୍ଟ କରାଯାଇଥିଲା। ଭଣ୍ଡାରିପୋଖରୀ ବିଡିଓ ଦେବଦତ ଦାସ ଅତିଥି ଭାବେ ଯୋଗଦେଇ ମାତୃପତାକା ଉତ୍ତୋଳନ କରିଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ବିଡିଓ, ଜିଲ୍ଲା ପାଠଚକ୍ର ସଂଗଠନ ଆବାହକ ପ୍ରଦୀପ କୁମାର ଜେନା, 'ଦିବ୍ୟଭୂମି'ର ଟ୍ରଷ୍ଟି ହରିହର ସେନାପତି ପ୍ରମୁଖ ଯୋଗଦେଇ 'ସିଦ୍ଧି ଦିବସ'ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସହିପରି ତିହିଡ଼ିର ତିହିଡ଼ି ପାଠଚକ୍ର ସଂଗଠନ ସମେତ ଅନ୍ୟ କେତେକ ସଂଗଠନ ପକ୍ଷରୁ ମଧ୍ୟ ସିଦ୍ଧି ଦିବସ ପାଳିତ ହୋଇଛି।

# ମଞ୍ଜୁରୀରୋଡ଼ରେ ଶ୍ରୀ ସତ୍ୟସାଇଙ୍କ ଜୟନ୍ତୀ

**ମଞ୍ଜୁରୀରୋଡ, ୨୫।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ସ୍ଥିତ ସାଇମନ୍ଦିର ଠାରେ ଶ୍ରୀ ସତ୍ୟସାଇଙ୍କ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃ ସକାଳୁ ଓଁକାର, ସୁପ୍ରଭାତମ, ନଗର ସଂକୀର୍ତ୍ତନମ, ମଙ୍ଗଳବାଦ୍ୟ, ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା ପରେ ଭଜନ, ଜ୍ୟୋତି ଆବାହନ, ବେଦପାଠ, ଦେଶ ବନ୍ଦନା ଗାନ କରାଯାଇଥିଲା ରାଜ୍ୟ ଆଇଟି ନିର୍ବାହକ ରବୀନ୍ଦ୍ର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ରାଜ୍ୟ ନିର୍ବାହକ ପ୍ରତାପ ଚନ୍ଦ୍ର ସ୍ୱାଇଁ ଓ କେନ୍ଦୁଝର-୨ ସାଇ ଜିଲ୍ଲା ସଭାପତି ବିଷ୍ଣୁ ପ୍ରସାଦ ଜେନା ଯୋଗଦେଇ ସ୍ୱୟସାଇ ବାବାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଏହି ଅବସରରେ ୧୬୦ଜଣ ନାରାୟଣଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା ମଞ୍ଜୁରୀରୋଡ଼ ଭଜନ ମଣ୍ଡଳୀର ଆବାହକ ଗଣେଶ ପ୍ରସାଦ ଗୁଡି ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ଦ୍ୱିତୀୟ ପର୍ଯ୍ୟାୟରେ ବେଦପାଠ, ୯୮ଗୋଟି ପ୍ରଦୀପ ପଜ୍ୱଳନ, ଭଜନ, ଦିବ୍ୟ ସମ୍ଭାଷଣ, ଜନ୍ମଦିନ କେକ ସମର୍ପଣ କରାଯାଇଥିଲା। ବାଳ ବିକାଶ ପିଲାମାନେ ତାଙ୍କର ଅନୁଭୂତି ପ୍ରକାଶ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ ହୋଇଥିଲା। ଏଥିରେ ୫ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିବା ବେଳେ ଦିବସ ଭରି କାର୍ଯ୍ୟକ୍ରମକୁ ସତ୍ୟସାଇ ଭଜନ ମଣ୍ଡଳୀର ସମସ୍ତ ସଦସ୍ୟସଦସ୍ୟା ମାନେ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଡିଗି ପୋଖରୀ ଓ ଆମ ହସ୍ପିଟାଲ ପରିଦର୍ଶନ

**ଧାମନଗର, ୨୫।୧୧(ସମିସ):** ଶନିବାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଚାନକ ଧାମନଗର ପରିଦର୍ଶନ କରି ପ୍ରଥମେ ଭଗବାନପୁର ପଞ୍ଚାୟତ ଡିଗି ଠାରେ ଚାଲିଥିବା ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ବୁଲି ଦେବା ସହ ସମୀକ୍ଷା କରିଥିଲେଫ ଡିଗି ପୋଖରୀ ଉନ୍ନତିକରଣ ଓ ପାର୍କ ନୂଆ ରୂପରେଖା ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସମ୍ପର୍କରେ ଆଲୋଚନା କରିବା ସହିତ କାର୍ଯ୍ୟର ମନ୍ଥରତା ପାଇଁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରାୟ ୨କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ଆମ ହସ୍ପିଟାଲ କାର୍ଯ୍ୟ ଚାଲିଥିବା ବେଳେ ଜିଲ୍ଲାପାଳଙ୍କ ଅଚାନକ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଆମ ହସ୍ପିଟାଲ କାର୍ଯ୍ୟ ନିମ୍ନମାନ ଓ ବିଳମ୍ବ ହେଉଥିବାରୁ ଠିକାଦାର ଉପରେ ଅସନ୍ତୋଷ ପ୍ରକାଶ କରିବା ସହିତ ଯଥାଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ବେଳେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର, ବିଡିଓ ବନବିହାରୀ ଦିନ୍ଦା, ସହକାରୀ ଦୀପକ ଦାସ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପତି, ଦିଲ୍ଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




# ବାସୁଦେବପୁର ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ବାସୁଦେବପୁର, ୨୫।୧୧(ସମିସ):** ବାସୁଦେବପୁର ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ନରସିଂହପୁର ବାସନ୍ତି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଏହି ବିଜ୍ଞାନ ମେଳାର ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ କରା ଯାଇଥିବା ପ୍ରକଳ୍ପର ମୁଖ୍ୟ ପ୍ରସଙ୍ଗ ସମାଜ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା। ଏହି ଅବସରରେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ବିଧାୟକ ଶ୍ରୀ ରାଉତରାୟଙ୍କ ସମେତ ମୁଖ୍ୟବକ୍ତା ଭାବେ ଆଇଜି ଡ୍ରୋନ୍ସ ପ୍ରତିଷ୍ଠାତା ବୋଧିସତ୍ତ୍ୱ ସଂଘମିତ୍ର, ସମ୍ମାନୀତ ଅତିଥି ସାଂସଦ ପ୍ରତିନିଧି ଶୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକ, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତି ବାରିକ, ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ପଣ୍ଡା, ବ୍ଲକ ବିଜ୍ଞାନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେ ଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଡିଓ ସଞ୍ଜୀବ କୁମାର ସାହୁ, ଅଧ୍ୟାପକ ମନୀନ୍ଦ୍ର ଦୀକ୍ଷିତ, କେକେ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ କରୁଣାକର ନାୟକ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଉର୍ମିଳା କର, ମୀନା କୁମାରୀ ମଲ୍ଲିକ, ତପନ କୁମାର ଦ୍ୱବେଦୀ, ବେତଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୌତମ ବେହେରା ପ୍ରମୁଖ ଯୋଗଦେଇ ସଫଳ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ। ଆଜି ଏହି ମେଳାରେ ସମଗ୍ର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୦୮ ଟି ପ୍ରକଳ୍ପ ପ୍ରର୍ଦିତ କରା ଯାଇଥିବା ବେଳେ ୧୦ ପ୍ରକଳ୍ପକୁ ନିରୀକ୍ଷକ ମାନେ ଜିଲ୍ଲାସ୍ତରକୁ ମନୋନୀତ କରିଥିବା ବିଭାଗ ସୂଚନାରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତିଲତା ପଣ୍ଡାଙ୍କ ସମେତ ବରିଷ୍ଠ ଶିକ୍ଷକ ଦୈତାରୀ ବେହେରା, ଅମୀୟ ପାଣିଗ୍ରାହୀ, ପ୍ରଣୟ ମହାପାତ୍ର, ପ୍ରଦୀପ ସେଠୀ, ଅମୀୟ ମହାଲିକ, ରାଜେନ୍ଦ୍ର ମାହୁନ୍ତ ଓ ସମସ୍ତ ସିଆରସିସି ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଧାମନଗର ମହାବିଦ୍ୟାଳୟରେ ସାଂପ୍ରଦାୟିକ ସଂହତି ସଚେତନତା କାର୍ଯ୍ୟକ୍ରମ




**ଦୋବଲ, ୨୫।୧୧(ସମିସ):** ଧାମନଗର ମହାବିଦ୍ୟାଳୟ ରେ ସାଂପ୍ରଦାୟିକ ସଙ୍ଘତି ସପ୍ତାହ ସଚେତନତା କାର୍ଯ୍ୟକ୍ରମ ପାଳନ କରାଯାଇଛି। ସାଧାରଣ ଜୀବନରେ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ଭିତ୍ତିରେ ରହିଥିବା ତାରତମ୍ୟକୁ ଦୂରକରି ସମାଜରେ ସମତା ଓ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ସଚେତନତା ସପ୍ତାହ ପାଳନ ଧାମନଗର ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ତରଫରୁ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବନମାଳୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ଧର୍ମୀ କାର୍ଯ୍ୟକ୍ରମରେ ସଚେତନତା କରାଯିବା ସହିତ ଶପଥ ପାଠ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ଡ. ପ୍ରଶାନ୍ତ କୁମାର ପରିଡ଼ା, ଚିନ୍ମୟ ଜେନା, ଆଶୀର୍ବାଦ ମହାନ୍ତି, ସଜଳ ମହାନ୍ତି, ଶ୍ରୁଶ୍ରୀ ସଂଗୀତା ନାୟକ, ବାସ୍ତବିକା ଦାସ, ସାଜିଆ ତମକୀନ ଓ କଲ୍ୟାଣୀ ଦାଶ ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଶେଷରେ ଡ. ମନୋଜ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ଓଷାରେ ବାବାମଣିଙ୍କ ବଡସିଂହାର ବେଶ



**ଆରଡ଼ି, ୨୫।୧୧(ସମିସ):** ପବିତ୍ର କାର୍ତ୍ତିକ ମାସ ପଞ୍ଚୁକ ଓ ବଡ଼ଓଷା ତିଥିରେ ଆରଡ଼ିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବିଶେଷକରି ପଞ୍ଚୁକ ପାଇଁ ବ୍ରତରେ ଥିବା ହବିଷାଳି ଭୋରରୁ ମଣିବାବାଙ୍କୁ ଦର୍ଶନ କରିବା ପରେ ତୁଳସୀ ଚଉଁରାମୂଳରେ ମୁରୁଜ ପକାଇବା ସହ ତୁଳସୀ ମହାତ୍ମ୍ୟ ଓ କାର୍ତ୍ତିକ ମହାତ୍ମ୍ୟ ପାଠ କରିଥିଲେ। ପରେ ବାବା ଆଖଣ୍ଡଳମଣିଙ୍କ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତୀ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଏପରିକି ଭକ୍ତ ନାମ ସଂକିର୍ତ୍ତନରେ ଉତ୍ସବମୁଖର ହୋଇ ଉଠିଥିଲା ସମଗ୍ର ପୀଠ। ମଧ୍ୟାହ୍ନ ୧ଟା ସୁଧା ସମସ୍ତ ସକାଳ ନୀତି ସରିବା ପରେ ବାବାଙ୍କୁ ପଞ୍ଚାନନ ବେଶରେ ସଜ୍ଜିତ କରାଯାଇ ବଡ ଅନ୍ନନୀତି ଭୋଗ ଲାଗି କରାଯାଇଥିଲା। ଅପରାହ୍ଣ ୪ଟାରେ ବଡ଼ଓଷା ଅବସରରେ ବଡସିଂହାର ବେଶରେ ବାବାମଣି ସଜ୍ଜିତ ହେବା ପରେ ଭକ୍ତଙ୍କ ଦର୍ଶନ ନିମନ୍ତେ ସାହଣମେଲା କରାଯାଇଥିଲା। ସନ୍ଧ୍ୟାରେ ଷୋଡଶ ଉପଚାର ପୂଜା ସହ ସନ୍ଧ୍ୟା ଆଳତି ଓ ରାତିରେ ବାଟୁଳା ଦହିପଖାଳ ଭୋଗ ଲାଗି କରାଯାଇଥିଲା। ଆସନ୍ତା ସୋମବାର ପବିତ୍ର ରାହାସପୂର୍ଣ୍ଣିମା ଅବସରରେ ଭୋର ଶିବଗଙ୍ଗା ପୁଷ୍କରିଣୀରେ ଭକ୍ତଙ୍କ ଦ୍ୱାରା ବୋଇତ ଭଷାଣ କରାଯିବା ସହ ବାବାମଣି ଦୂର୍ଲଭ ହରଗୌରୀ ବେଶରେ ଦର୍ଶନ ଦେବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# ଯୁବ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ତିହିଡ଼ି, ୨୫।୧୧(ସମିସ):** ଓଡ଼ିଶା ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅକ୍ଷୟ କୁମାର ଗିରିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ବେଦମନ୍ତ୍ର ପାଠ କରିଥିବା ବେଳେ ଅଧ୍ୟାପିକା ସଂଯୁକ୍ତା ଭାରତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୋଡାଲ ଅଫିସର ସୁବ୍ରତ କୁମାର ପରିଡ଼ା ଓ କ୍ରୀଡ଼ା ସମ୍ପାଦକ ଲଳିତ ମୋହନ ଜେନା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଦ୍ୱିତୀୟ ପର୍ଯ୍ୟାୟରେ ସାମାଜିକ ସଚେତନତା ଓ ଶେଷ ପର୍ଯ୍ୟାୟରେ କ୍ରୀଡ଼ା କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଯାଇଛି। ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସ ଓ ଅଧ୍ୟାପକ ମୁକ୍ତିକାନ୍ତ ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ରାଜକିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷାକର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭୁକୃପା ଲାଭ କଲେ ହଜାରେ ସଂଖ୍ୟାର ଶ୍ରଦ୍ଧାଳୁ

**ବନ୍ତ, ୨୫।୧୧(ସମିସ) :** ବନ୍ତସ୍ଥିତ ସାଇ ଭବନ ପରିସରରେ ସତ୍ୟସାଇ ବାବାଙ୍କ ୯୮ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସୁଧାଂଶୁ ନାୟକ ଓ ରେବତୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିମନ୍ୟୁ ସେଠୀ, ବଦ୍ରି ନାରାୟଣ ଧଳ, କୃପାସିନ୍ଧୁ ସେଠୀ, ରବୀନ୍ଦ୍ର କୁମାର ପଣ୍ଡା, କମଳାକାନ୍ତ ସାହୁ, ଆନନ୍ଦ ଚନ୍ଦ୍ର ଓଝା, ଭାଗିରଥୀ ସେଠୀ, କିଶୋର କିଙ୍କର ପଡ଼ିଆରୀ, ଅଜୟ ବେହେରା, ଶଙ୍କର୍ଷଣ ଜେନା, ସୁଧିର ନାୟକ, ଭଗବାନ ପଣ୍ଡା, ପଞ୍ଚାନନ ରାଉତ, ସରପଞ୍ଚ ମାନସ ପହି, ଇଂ ପ୍ରମୋଦ ଜେନା, ଶିକ୍ଷାବିତ୍ ରମାକାନ୍ତ ରାଉତ, ଗୌରାଙ୍ଗ ଧଳ, କେଦାର ମହାନ୍ତିଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଇ ଭଜନ, ସର୍ବଧର୍ମ ପ୍ରାର୍ଥନା ସଭାପରେ ଆୟୋଜିତ ଆଧ୍ୟାତ୍ମିକ ପ୍ରବଚନରେ ଗାୟକ ହରିହର ପାଣିଗ୍ରାହୀ ଯୋଗ ଦେଇ ସମର୍ପିତ ଚେତନା ହିଁ ପ୍ରକୃତ ଉପାସନା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ସେଠୀ, ପ୍ରଶାନ୍ତ ସାହୁ, ହେମନ୍ତ ମଲ୍ଲିକ, ବିଳାସ ଦାସ, ସନ୍ତୋଷ ସେଠୀ, କୌଶିକ୍ ଜେନା, ସଞ୍ଜୟ ଚଣ୍ଡ, ବଙ୍କୁ ବାରିକ ସହଯୋଗ କରିଥିଲେ।

# ୨୩ ଦିନ ହେବ 'ଆଇ ଲଭ୍ ଭଦ୍ରକ' ସେଲ୍‌ଫି ପଏଣ୍ଟ ଅନ୍ଧାରରେ





**ଭଦ୍ରକ, ୨୫।୧୧(ସମିସ)**

ଭଦ୍ରକ ସହର ପ୍ରବେଶ ପଥ ମହତାବ ଛକ ନିକଟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ହୋଇଥିବା 'ଆଇ ଲଭ୍ ଭଦ୍ରକ' ସେଲ୍‌ଫି ପଏଣ୍ଟଟି ଗତ ୨୩ଦିନ ହେବ ଅନ୍ଧାରରେ ରହିଛି। ଫଳରେ ସେଲ୍‌ଫି ନେବାକୁ ଆସୁଥିବା ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଉକ୍ତ ସେଲ୍‌ଫି ପଏଣ୍ଟରେ କୌଣସି ଆଲୋକ ୨୩ଦିନ ହେବ ଜଳୁନାହିଁ। କେବଳ ଏତିକି ନୁହେଁ ଉକ୍ତ ସେଲ୍‌ଫି ପଏଣ୍ଟରେ ଥିବା ଘାସ ପାର୍କଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇ ଏହାର ଆକର୍ଷଣକୁ ହ୍ରାସ କରିଛି। ଭଦ୍ରକ ପୌରପାଳିକା ହେପାଜତରେ ଥିବା ଏହି ସେଲ୍‌ଫି ପଏଣ୍ଟରେ କାହିଁକି ୨୩ଦିନ ଆଲୋକ ଜଳୁନାହିଁ ବୋଲି ଖୋଳତାଡ଼ କରିବାରୁ ପୌର କର୍ତ୍ତୃପକ୍ଷ ଏଥିରେ କିଛି ଯାନ୍ତ୍ରିକ ତ୍ରୁଟି ଥିବାରୁ ଏହାର ମରାମତି କରାଯିବାକୁ ନିଷ୍ପତି ହୋଇଥିବା କହିଛନ୍ତି। ତେବେ 'ଆଇ ଲଭ୍ ଭଦ୍ରକ' ସେଲ୍‌ଫି ପଏଣ୍ଟ ଦୀର୍ଘ ଦିନ ହେବ ଅନ୍ଧାରରେ ରହିଥିଲେ ବି ପ୍ରଶାସନିକ ଅଧିକାରୀଙ୍କ ଆଖିରେ ଏହା ନପଡ଼ିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବାରିକପୁର କଲେଜରେ ଯୁବ ବିକାଶ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଭଣ୍ଡାରିପୋଖରୀ, ୨୫।୧୧(ସମିସ):** ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଯୋଜନା ଅନ୍ତର୍ଗତ କ୍ରୀଡା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେହୁରିଆଙ୍କ ପୌରୋହିତ୍ୟରେ ତଥା ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟପାର ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡ଼ାକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ମଦନ ମୋହନ ପଣ୍ଡା ଉଦଘାଟନ କରିଥିଲେ। କ୍ରୀଡା ଉତ୍ସବ ନୋଡାଲ ଅଧିକାରିଣୀ ରିତାଞ୍ଜଳୀ ପାରମାଣିକ, କ୍ରୀଡା ବିଭାଗ ଅଧ୍ୟାପିକା ଅନୁପମା ତ୍ରିପାଠୀ, ନାରାୟଣ ଚନ୍ଦ୍ର ସେଠୀ, ସୁଧିର ମହାପାତ୍ର ଓ କ୍ରୀଡା ଶିକ୍ଷକ ବିଶ୍ୱରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବିଭିନ୍ନ ପର୍ଯ୍ୟାୟର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ ଥ୍ରୋ, ଜାଭଲିନ ଥ୍ରୋ ସହ ଛାତ୍ରୀଙ୍କ ମ୍ୟିଜିକ ଚେୟାର ଆଦି ବିଭାଗରେ ମୋଟ ୧୧୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ ଗୌରବ ନାୟକ ଓ ଛାତ୍ରୀମାନଙ୍କ ମଧ୍ୟରେ ପୂଜାରିଣୀ ଜେନା ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀକ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଜଗଜ୍ଜୀବନ ବାରିକ, ହେମନ୍ତ ଜେନା, ରାଜେଶ ବାରିକ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷା କର୍ମଚାରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ସକାଳ THE SAKALA



www.sakalaepaper.com

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମରଣ ଉତ୍ସବ ପ୍ରସ୍ତୁତି

**ଡେରାବିଶ, ୨୫।୧୧(ସମିସ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁରସ୍ଥିତ ବଟମହାପୁରୁଷ ଉପ୍ରା ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ମହାନ୍ତିଙ୍କ ସପ୍ତମ ସ୍ମରଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କିଶୋର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଦ୍ୱାରା ଆସନ୍ତା ଡିସେମ୍ବର ୧୮ ତାରିଖରେ ଅନୁଷ୍ଠିତ ହେବାକୁଥିବା ସ୍ମରଣ ଉତ୍ସବର ପ୍ରସ୍ତୁତି ବୈଠକରେ ସଂସଦର ସମ୍ପାଦକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୌଧୁରୀ ସରୋଜକାନ୍ତ ପ୍ରହରାଜ ଅଧ୍ୟକ୍ଷତା କରିଥିଲେ । ବୈଠକରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ନାୟକ ସଭାପତିତ୍ୱ କରିଥିଲେ । ସମ୍ପାଦକ ଶ୍ରୀ ପ୍ରହରାଜ ସଂସଦର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ସ୍ମାରକ ମହାନ୍ତି ଆଲୋଚନା ପାଇଁ ବିଭିନ୍ନ ପ୍ରସ୍ତାବ ବାଢ଼ିଥିଲେ । ସ୍ୱର୍ଗତ ମହାନ୍ତିଙ୍କ ସ୍ମରଣ ଦିବସରେ ଜଣେ ଶିକ୍ଷାବିତ୍, ସମାଜସେବୀ, ସାମ୍ବାଦିକ, ଧର୍ମପରାୟଣ ବ୍ୟକ୍ତିଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଶିକ୍ଷକ ଭାବଗ୍ରାହୀ କର ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ପ୍ରାକ୍ତନ ଶିକ୍ଷକ ମନୋରଞ୍ଜନ ନାୟକ, ସରୋଜିନୀ ଦେଈ, ପ୍ରତିଭା ଦାସ, ପ୍ରଜ୍ଞାପାରମିତା ନାୟକଙ୍କ ସମେତ ସ୍ମୃତି କମିଟିର ସଦସ୍ୟ ଦେବେନ୍ଦ୍ରନାଥ ଦାସ, ରଘୁନାଥ ଦାସ, ସୁଧିର ରଞ୍ଜନ ମହାନ୍ତି, ଅନାମ ଚରଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡ଼ା, ୨୫।୧୧(ସମିସ) :** ଜନସାଧାରଣଙ୍କୁ ବିନାମୂଲ୍ୟରେ ଆଇନ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଡିସେମ୍ବର ୯ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲ୍ଲା କୋର୍ଟ ସମେତ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ ସମସ୍ତ ପ୍ରକାରର ସାଲିସ ଯୋଗ୍ୟ ଦେୱାନୀ ଓ ଫୌଜଦାରୀ, ଚେକ୍ ବାଉନ୍ସ, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା ଓ ରକ୍ଷଣାବେକ୍ଷଣା ମାମଲା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚାକିରି ସମ୍ବନ୍ଧୀୟ ଅବସର କାଳୀନ ପ୍ରାପ୍ୟଜନିତ ମାମଲା, ଖାଉଟି ବିବାଦ ଇତ୍ୟାଦି ମାମଲାର ଅପୋଷ ବୁଝାମଣା ମାମଲାରେ ସମାଧାନ କରାଯାଇପାରିବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଆଇନ ସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁ ସୂଚନା ଦେଇଛନ୍ତି ।

## ଶିଶୁ ପ୍ରତିଭା ବିଭୂସ୍ମିତା ସମ୍ବର୍ଦ୍ଧିତ



**ଜଗତସିଂହପୁର, ୨୫।୧୧(ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁନଙ୍ଗ ଚାରିପୋଲିଆରେ ଜତୀୟକବି ବୀରକିଶୋର ଦାସଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ତର୍ତ୍ତଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ବିଭୂସ୍ମିତା ପାଇକରାୟ ପ୍ରଥମ ସ୍ଥାନ ଅଧିକାର କରି ସମ୍ବର୍ଦ୍ଧିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ସ୍ମୃତି ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ସାରସ୍ୱତ ସାଧକ ଶଶାଙ୍କ ଚୂଡାମଣି, ରମେଶ ଚନ୍ଦ୍ର ମଲିକ, ସଞ୍ଜୟ ଛୁଆଳସିଂହ ଓ ପୁନଙ୍ଗ ସରପଞ୍ଚ ଶକୁନ୍ତଳା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

## ବିଦ୍ୟାଳୟକୁ ୱାଟର କୁଲର ପ୍ରଦାନ

**ତିର୍ତ୍ତୋଲ, ୨୫।୧୧(ସମିସ):** ଆଇଓସିଏଲ ପାରାଦ୍ୱୀପ ରିଫାଇନାରୀ ପକ୍ଷରୁ କେତେକ ବିଦ୍ୟାଳୟ ୱାଟର କୁଲର ପ୍ରଦାନ କରାଯାଇଛି । ତିର୍ତ୍ତୋଲ ଆଦିକବି ସାରଳାଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ ମଣିଚରଣ ଶାରଳା ଏକାଡେମୀ, ତିର୍ତ୍ତୋଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସଲମପୁର ନୋଡାଲ ବିଦ୍ୟାଳୟ, ଗନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନାଳିବର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏଡି ୱାଟର କୁଲର ମିଳିଛି । ଜିଲା ଖାଉଟି ପରିଷଦର ସଭ୍ୟ ତଥା ତିର୍ତ୍ତୋଲ ବ୍ଲକ ଆମ୍ବ ଅଧ୍ୟକ୍ଷ ଦେବେନ୍ଦ୍ର ମଲ୍ଲିକ ଆଇଓସିଏଲରୁ ୱାଟର କୁଲର ଗ୍ରହଣ କରି ଏହିସବୁ ବିଦ୍ୟାଳୟକୁ ପ୍ରଦାନ କରଛନ୍ତି । ଯଶୋବନ୍ତ ରାଉତ ସହଯୋଗ କରିଥିଲେ ।

# ପାଦେ ପାଦେ କୁମ୍ଭୀର ଭୟ

**ପଟ୍ଟାମୁଣ୍ଡାଇ, ୨୫।୧୧(ସମିସ)**



**ଏପର୍ଯ୍ୟନ୍ତ ୩୫ଜଣଙ୍କ ଜୀବନ ଗଲାଣି, ଉଜୁଡି ଯାଉଛି ପରିବାର**

ଜୀବନ-ମରଣର ଦୋଛକିରେ ଭୀତତ୍ରସ୍ତ ମଣିଷ । ପ୍ରତି ମୁହୂର୍ତ୍ତରେ କୁମ୍ଭୀର ଆକ୍ରମଣର ଭୟ । କୁମ୍ଭୀର ମୁହଁରେ ଜୀବନ ଯାଉଛି । ଉଜୁଡି ଯାଉଛି ପରିବାର । କୁମ୍ଭୀର ଆକ୍ରମଣର ଶିକାର ହେଉଥିବା ମଣିଷର ଯନ୍ତ୍ରଣାଦାୟକ ମୃତ୍ୟୁର ଦୃଶ୍ୟ ବେଳେ ବେଳେ ସର୍ବ ସାଧାରଣ ଉପସ୍ଥିତିରେ ଘଟୁଛି । ଉପାୟଶୂନ୍ୟ ମଣିଷ ଏହି ସମୟରେ କେବଳ ହତବାକ ହେବା ଛଡା ଅନ୍ୟ ଉପାୟ ନାହିଁ ।

ଭିତରକନିକା କୁମ୍ଭୀର ଅଭୟାରଣ୍ୟକୁ ନେଇ ବିଶ୍ୱ ଦରବାରରେ କେନ୍ଦ୍ରାପଡ଼ା ଗର୍ବ ଅନୁଭବ କରୁଛି । ଭିତରକନିକା ଅଭୟାରଣ୍ୟ ସଂଲଗ୍ନ ପଟ୍ଟାମୁଣ୍ଡାଇ ଓ ରାଜନଗରର ବିଭିନ୍ନ ନଦୀ ନାଳରେ କୁମ୍ଭୀରର ଉପସ୍ଥିତି ଓ ଉପଦ୍ରବକୁ ନେଇ ଭୀତତ୍ରସ୍ତ ଅବସ୍ଥାରେ ଥିବା ମଣିଷ ସୁରକ୍ଷା ପାଇଁ ସର୍ବଦା ଚିନ୍ତିତ । କୁମ୍ଭୀର ମୁହଁରେ ଏହା ଭିତରେ ୩୫ ଜଣଙ୍କଜୀବନ ଗଲାଣି । କୁମ୍ଭୀର ମୁହଁରେ ବହୁ ଗୃହପାଳିତ ପଶୁଙ୍କ ଜୀବନ ମଧ୍ୟ ଯାଇଛି । ଏ ନେଇ ଜନ ଆକ୍ରୋଶ ବୃଦ୍ଧି ପାଇବାରେ ଲାଗିଛି । ୨୦୨୨-୨୩ ବର୍ଷର ଗଣନା ଅନୁଯାୟୀ ଭିତରକନିକା ଅଭୟାରଣ୍ୟ ଓ ଏହା ସଂଲଗ୍ନ ନଦୀନାଳରେ ୧୭ ୯୩ ବଉଳା କୁମ୍ଭୀର ଥିବା ରିପୋର୍ଟରେ କୁହାଯାଇଛି । ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ଅବବାହିକାରେ ଥିବା ଗ୍ରାମଗୁଡିକ ଅଞ୍ଚଳରେ କୁମ୍ଭୀର ଉପଦ୍ରବ ମାତ୍ରାଧିକ ଭାବେ ବୃଦ୍ଧି ପାଇଛି ।

ଘାଗରାଡିଆରେ ଶୌଚ ହେବାକୁ ଯାଇଥିବା ଗଙ୍ଗାଧର ତରାଇଙ୍କୁ କୁମ୍ଭୀର ମାରି ଖାଇଥିଲା । କୂଳସାହିରେ ଟିକିଲି ବାବା ଓରଫ ଅମୂଲ୍ୟ ଦାସଙ୍କୁ କୁମ୍ଭୀର ଟାଣି ନେଇ କେବଳ ମୁଣ୍ଡକୁ ଛାଡି ପୂରା ଶରୀରକୁ ଖାଇଯାଇଥିଲା । ଜଗନ୍ନାଥପୁରରେ ପୁରୁଷୋତ୍ତମ ଧଳଙ୍କୁ କୁମ୍ଭୀର ମାରି ଦେଇଥିଲା । ଶାସନ ନିକଟରେ ମା' ସହିତ ବ୍ରାହ୍ମଣୀକୁ ଗାଧୋଇବାକୁ ଯାଇଥିବା ୧୦ ବର୍ଷର ସ୍କୁଲ ଛାତ୍ର ଆଶୁତୋଷ ଆଚାର୍ଯ୍ୟଙ୍କୁ ମା' କୋଳରୁ ଟାଣି ନେଇ କୁମ୍ଭୀର ମାରି ଦେଇଥିଲା । ମଣ୍ଡପଡ଼ାରେ ସଞ୍ଜୟ ପ୍ରଧାନଙ୍କୁ କୁମ୍ଭୀର ମାରି ଦେଇଥିଲା । ଶ୍ରୀରାମପୁର ଗ୍ରାମର ବସନ୍ତ ପରିଡ଼ା ଓ ମଠସାହି ଗ୍ରାମର ଶରତ ମଲ୍ଲିକଙ୍କୁ ମଧ୍ୟ କୁମ୍ଭୀର ମାରି ଦେଇଥିଲା । ରାଜନଗର ହାତିଆଗଡ଼ିରେ ପୋଖରୀରେ ବାସନ ମାଜୁଥିବା ସୀତାରାଣୀ ଦାସଙ୍କୁ କୁମ୍ଭୀର ଟାଣି ନେଇ ମାରିଦେଇଥିଲା । ରାଜପୁରରେ ମଇଁଷୀ ଚରାଉଥିବା ଅଜୟ ରାଉତଙ୍କୁ କୁମ୍ଭୀର ମାରିଥିଲା । ରାଜନଗର ଖଣ୍ଡମରା ରାସ୍ତାରେ ବିରାଟକାୟ ବଉଳା କୁମ୍ଭୀର ବୁଲିବା ଘଟଣାରେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ପୁନଃଶ୍ଚ ପଟ୍ଟାମୁଣ୍ଡାଇ ଅରାଜି ନିକଟରେ ଛାତ୍ର ଓମ୍‌ପ୍ରକାଶ ସାହୁଙ୍କୁ କୁମ୍ଭୀର ନଦୀ ମଧ୍ୟକୁ ଟାଣି ନେଇଥିଲା । ସେ କିନ୍ତୁ ବର୍ତ୍ତି ଯାଇଥିଲେ । ପଟ୍ଟାମୁଣ୍ଡାଇ ରାଉଳିଆ ନିକଟରେ ମଞ୍ଜୁଲତା ସାମଲଙ୍କୁ କୁମ୍ଭୀର ଟାଣି ନେଇ କ୍ଷତାକ୍ତ କରିଥିଲେ ମଧ୍ୟ ସେ ବର୍ତ୍ତି ଯାଇଥିଲେ । ନିକଟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସିଦ୍ଧପାଟଣା-ବଳଦେବନଗରର ପାଳନ୍ଦା ପାଟନାଳୀରେ ଥିବା ଏକ ବଉଳା କୁମ୍ଭୀର ଫସଲ ଦେଖିବାକୁ ଯାଇଥିବା ରାମକୃଷ୍ଣ ଭୂୟାଁଙ୍କୁ ଟାଣିନେବାକୁ ଝାମ୍ପ ମାରିଥିଲା । ରାମକୃଷ୍ଣ କିନ୍ତୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ରାଜନଗର ବନଖଣ୍ଡ ପକ୍ଷରୁ ୨ ଦିନ ଧରି କୁମ୍ଭୀରର ସନ୍ଧାନ କରାଯିବା ପରେ ପାଟନାଳୀରେ କୁମ୍ଭୀର ଥିବା ଜଣାପଡ଼ିଥିଲା; କିନ୍ତୁ କୁମ୍ଭୀରଟିକୁ ଧରାଯାଇ ଭିତରକନିକା ଅଭ୍ୟୟାରଣ୍ୟକୁ ନିଆଯାଇପାରି ନ ଥିଲା । ଏବେ ମଧ୍ୟ କୁମ୍ଭୀରକୁ ନେଇ ପାଳଜମିରେ ଚାଷ କରୁଥିବା ଲୋକଙ୍କ ମଧ୍ୟରେ ଭୟ ରହଛି । ଦଶନ୍ଧି ଦଶନ୍ଧି ଧରି ଭିତରକନିକା ଅଭୟାରଣ୍ୟ ସହିତ ସଂଯୁକ୍ତ ନଦୀନାଳ ବ୍ରାହ୍ମଣୀ, ବୈତରଣୀ, କାଣୀ, ହଂସୁଆ ଆଦି ନଦୀ ଏବଂ ଏହି ସବୁ ନଦୀର ଶାଖା ନଦୀନାଳରେ ବଉଳା କୁମ୍ଭୀରଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗଛି । ପ୍ରତି ମୁହୂର୍ତ୍ତରେ ଜୀବନ-ମୃତ୍ୟୁର ଦୋଛକିରେ ଛିଡା ହୋଇଥିବା ମଣିଷ ଭୟରେ ଦିନ କାଟୁଛି ।

## ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ମେଳା ଉଦ୍‌ଯାପିତ

**ବିରିଡି, ୨୫ ।୧୧(ସମିସ)**

**୧୧ଜଣ ଜିଲ୍ଲାସ୍ତରକୁ ଉନ୍ନିତ**

ବିରିଡି ବ୍ଲକ ଦିବ୍ୟମଧୁ ଜୟନ୍ତୀଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବାର୍ଷିକ ମଣ୍ଡଳସ୍ତରୀୟ ବାଲ



ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରିୟ ଆବିଷ୍କାର ଅଭିଯାନ ବିଜ୍ଞାନ ମେଳା ୨୦୨୩ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନ ମେଳାର ପ୍ରଥମାର୍ଦ୍ଧରେ ମୁଖ୍ୟଅତିଥି ଭାବେ ବିଡିଓ ଡ. ବେବିତା ମଞ୍ଜରୀ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁବାସ ଚନ୍ଦ୍ର ରାଉତ, ସମ୍ମାନନୀୟ ଅତିଥି ଭାବେ ରାମଚନ୍ଦ୍ର ସ୍ୱାଇଁ, ହରେକୃଷ୍ଣ ସାହୁ, ସତ୍ୟଜିତ ରାୟ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ମଣ୍ଡଳ ବିଜ୍ଞାନ ମେଳା କମିଟି ସମ୍ପାଦକ ଅଶୋକ ଦାସ ସମ୍ପାଦକିୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ସହ ସମ୍ପାଦକ ବିଜୟ ମହାନ୍ତି ସଂଯୋଜନା କରିଥିଲେ । ଏହି ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ୧୦୮ଟି ପ୍ରକଳ୍ପ କୁନିକୁନି ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଏଥିରୁ ସିନିୟର ବିଭାଗର ଶ୍ରେଷ୍ଠ ବିବେଚିତ ଦିବ୍ୟବର୍ଷିକା ଦାସ, ଅପର୍ଣ୍ଣା ବେହେରା, ଅର୍ଣ୍ଣବ ଦାସ, ସାଇ ପ୍ରକାଶ ସାହୁ, କେହେକାଶୀ ପରଉଇନ୍, ସୌଭାଗ୍ୟ ରଞ୍ଜନ ଭୋଇ, ଦୀପ୍ତିମୟୀ ଓଝା, ସାଇ ଶଙ୍କର ହୋତା, ଲକ୍ଷେଶ୍ୱର ପରିଡ଼ା, ସ୍ୱୟନ ଜେନା, ମୋହନ ପ୍ରଧାନ ପ୍ରମୁଖଙ୍କ ୧୧ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ସୌଦାମିନୀ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟକ ବିଜୟ ଶଙ୍କର ଦାସ, ପ୍ରଧାନ ଅତିଥି ଭାବେ ଅଧ୍ୟକ୍ଷା ମମତା ପାତ୍ର, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ସମିତି ସଭ୍ୟ ସେହ୍ନାସିଶ ଜେନା ଯୋଗ ଦେଇଥିଲେ । ପରିଶେଷରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରଥିଲେ । କେଦାରେଶ୍ୱର ରାଉତ ମଞ୍ଚ ପରିଚାଳନ କରିଥିବା ବେଳେ ଦେବଯାନୀ ପରିଡ଼ା, ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଦାନନ୍ଦ ଜେନା, ମନୋଜ ବିଶ୍ୱାଳ, ଭାଗ୍ୟଧର ମୁଦୁଲି, ମାଧବାନନ୍ଦ ବେହେରା, ପ୍ରଫୁଲ୍ଲ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମାଳିକା ପ୍ରସିଦ୍ଧ ସୁଦାମ ବାଇଙ୍କ ମହାପ୍ରୟାଣ ଦିବସ ପାଳିତ



**ଓଳାଭର, ୨୫।୧୧(ସମିସ):** ରାଜକନିକା ବ୍ଲକ ଦେଉଳସାହିସ୍ଥିତ ମାଳିକା ପ୍ରସିଦ୍ଧ ସିଦ୍ଧ ସାଧୁ ସୁଦାମ ବାଇଙ୍କ ୧୮୭ତମ ମହାପ୍ରୟାଣ ଦିବସ ପାଳିତ ହୋଇଛି । ବିଭିନ୍ନ ଅଞ୍ଚଳରୁ ଅନୁଗାମୀମାନେ ସାଧୁଙ୍କ ନିର୍ବିକଳ୍ପ ସମାଧିପୀଠରେ ପୂଜାଅର୍ଚ୍ଚନା କରି ଭୋଗ ଅର୍ପଣ କରିଥିଲେ । ସିଦ୍ଧ ସାଧୁଙ୍କ ଏହି ମହାପ୍ରୟାଣ ଉତ୍ସବରେ ସ୍ୱତନ୍ତ୍ରଭାବେ ପୀଠକୁ ସାଜସଜା କରାଯାଇଥିଲା । ସକାଳୁ ଭଜନକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁ ସୁଦାମବାଇ ପୀଠର କର୍ମକର୍ତ୍ତା ଏବଂ ଦେଉଳସାହି ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ସିଦ୍ଧ ସାଧୁଙ୍କ ସାଧନା ଏବଂ ମହିମାକୁ ଆଲୋକପାତ୍ କରିଥିଲେ । ଏହା ସହିତ ମାଳିକା ବର୍ଣ୍ଣିତ କଥାକୁ ପାଠ କରିଥିଲେ । ଆଳି, ଓଳାଭର, ଚାନ୍ଦବାଲି ଅଞ୍ଚଳର ଶହଶହ ଭକ୍ତ ଯୋଗଦେଇ ସାଧୁଙ୍କ ପୀଠରେ ପୂଜା ଅର୍ଚ୍ଚନା କରିଥିଲେ ।

# ମୁଣ୍ଡ ଉପରେ ମୃତ୍ୟୁର ଫାସ

**ଜଗତସିଂହପୁର, ୨୫।୧୧(ସମିସ)**

ଜଗତସିଂହପୁର ସହରର ସବୁଠୁ ଜନଗହଳି ପୂର୍ଣ୍ଣ ରାସ୍ତା ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଡାକବଙ୍ଗଳା ଛକ ଉପରେ ଥିବା ଏକ ବହୁ ପୁରାତନ ତଥା ବିଶାଳ ଗଛର ଶୁଖିଲା ଡାଳ ବିପଦ ସୃଷ୍ଟି କରିଛି । ଏହି ବିଶାଳ ସୁଖିଲା ଡାଳଟି କୌଣସି ସମୟରେ ଭାଙ୍ଗି ପଡ଼ିବାର ଆଶଙ୍କା ରହିଛି । ଏଥିପାଇଁ ଜଙ୍ଗଲ ବିଭାଗ, ପୌରପରିଦେ କିମ୍ବା ଜିଲ୍ଲା ପ୍ରଶାସନର ଚିନ୍ତା ନାହିଁ । ଜଗତସିଂହପୁର ସହରରେ

- **ରାସ୍ତାରେ ବିପଦସଂକୁଳ ବିଶାଳ ଗଛର ଶୁଖିଲା ଡାଳ**
- **କୌଣସି ସମୟରେ ଦୁର୍ଘଟଣା ଘଟିପାରେ**
- **ପ୍ରଶାସନର ନିଦ ଭାଙ୍ଗୁନି**

ଥିବା ବହୁ ପୁରାତନ ଗଛକୁ ଲାଗି ପ୍ରଶାସନ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କରାଯାଇଛି । ଜିଲ୍ଲାର ମୁଖ୍ୟ ଦପ୍ତର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସବିଆଇ ବ୍ୟାଙ୍କ, ରାସ୍ତା ଓ କୋଠାବାଡ଼ି ବିଭାଗ, ସାରଳା ଦାସ ସଂସ୍କୃତି ଭବନକୁ ସଂଯୋଗ କରୁଥିବା ଡାକ ବଙ୍ଗଳା ଛକ ଉପରେ ଶତାଧିକ ବର୍ଷର ଏକ ବିଶାଳ ଚାକୁଣ୍ଡା ଗଛ ରହିଛି । ଏହି ଗଛର ଏକ ବୃହତ୍ତ ଡାଳ ଶୁଖିଯି ଜନଗହଳିପୂର୍ଣ୍ଣର୍ ରାସ୍ତା ଉପରରେ ଝୁଲି ରହିଛି । ଏହି ଛକ ଦେଇ ଜିଲ୍ଲା ହସ୍ପିଟାଲ, ସବ୍ ରେଜିଷ୍ଟ୍ରି ଅଫିସ, ଥାନା, ଏସ୍‌ପି ଅଫିସ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ କଟକ-ପାରାଦୀପ ତଥା ବିଭିନ୍ନ ବ୍ଲକ ମୁଖ୍ୟାଳୟକୁ ଲୋକ ଯାତାୟାତ କରନ୍ତି । ଏହି ରାସ୍ତା ଦେଇ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପ୍ରତିଦିନ ଯିବା ଆସିବା କରୁଛନ୍ତି; ହେଲେ ସେମାନଙ୍କ ଦୃଷ୍ଟି ନ ପଡ଼ିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି ।



## ଜମ୍ବୁରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା କର୍ମଶାଳା



**ମହାକାଳପଡ଼ା, ୨୫।୧୧(ସମିସ)**

ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ସୁରକ୍ଷା ପାଇଁ ସଚେତନତା କର୍ମଶାଳା ଜମ୍ବୁ ମାଛଧରା ଜେଠୀ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏସିଏଫ୍ ପୂର୍ଣ୍ଣିମାହିରା ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ । କଇଁଛଙ୍କ ସୁରକ୍ଷା ପାଇଁ ମତ୍ସ୍ୟଜୀବୀ ଏବଂ ସ୍ଥାନୀୟ ଜନସାଧାରଣ ସଚେତନ ରହି ବନ ବିଭାଗକୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜମ୍ବୁ ରେଞ୍ଜ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇ, ଇକୋ କ୍ଲବ୍ ସଂଯୋଜକ ପ୍ରଫୁଲ ମହାପାତ୍ର, କଇଁଛ ସୁରକ୍ଷା ସମିତି ସମ୍ପାଦକ ହେମନ୍ତ ରାଉତ, ଶ୍ରୀଧର ଭୋଳ, ପରିବେଶ ପ୍ରେମୀ ସମରେନ୍ଦ୍ର ମାହାଳି, ଅଶୋକ ସ୍ୱାଇଁ, ମତ୍ସ୍ୟଜୀବୀ ପ୍ରତିନିଧି ଭକ୍ତରଞ୍ଜନ ମାହାଳି, ବିରଞ୍ଚି ନାରାୟଣ ଦାଶ, କଳ୍ପତରୁ ସାମଲ, ତୁଷାର ସର୍ଦ୍ଦାର, ଅରକ୍ଷିତ ନାଥ, ରାଜନଗର ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜମ୍ବୁ ଫରେଷ୍ଟର ମହନ୍ତ ମଲିକ, ବତୀଘର ଫରେଷ୍ଟର ରଞ୍ଜନ ପାଣି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମୃତ ଡ୍ରାଇଭରଙ୍କ ପାଇଁ ମହମବତି ଶୋଭାଯାତ୍ରା




**ଏରସମା, ୨୫ ।୧୧(ସମିସ):** ଏରସମା ବ୍ଲକ ଗୋଡା ପଞ୍ଚାୟତର ରାଜପୁର ଗ୍ରାମର ଜଗନ୍ନାଥ ବେହେରାଙ୍କ କଟକ-ପାରାଦୀପ ରାସ୍ତାରେ ଦୁର୍ଘଟଣା ଯୋଗୁ ମୃତ୍ୟୁ ଘଟିଛି । ସେ ପେଷାରେ ଜଣେ ଡ୍ରାଇଭର ଥିଲେ । ତାଙ୍କ ଏକାଦଶାରେ ଡ୍ରାଇଭରବନ୍ଧୁମାନେ ଏକ ମହମବତି ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରକୁ ସମବେଦନା ଜଣାଇଥିଲେ ।

## ୧୪ତମ ରାଜ୍ୟସ୍ତରୀୟ ବୁଦ୍ଧ ମହୋତ୍ସବ

# 'ଆଜି ବୌଦ୍ଧ ପୀଠର ଐତିହ୍ୟ ଓ ସଂସ୍କୃତି ବିଶ୍ୱ ମାନଚିତ୍ରରେ ସ୍ଥାନିତ'

**ବାଲିଚନ୍ଦ୍ରପୁର, ୨୫।୧୧(ସମିସ):**

ସାରା ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ସଂହତି ପ୍ରତିଷ୍ଠା ପାଇଁ ଏବେବି ବୁଦ୍ଧଙ୍କ ବାଣୀର ପ୍ରାସଙ୍ଗିକତା ରହିଛି। ଅଢ଼େଇ ହଜାରରୁ ଅଧିକ ବର୍ଷ ତଳେ ଆଧ୍ୟାତ୍ମିକତାର ଭୂମି ଭାରତବର୍ଷରେ ତଥାଗତ ଗୌତମ ବୁଦ୍ଧ ମାନବ ଜୀବନର ଉତ୍ତରଣ ପାଇଁ ଯେଉଁ ମାର୍ଗଦର୍ଶନ କରିଥିଲେ, ତାହା ବିଶ୍ୱଶାନ୍ତି ପାଇଁ ମାର୍ଗଦର୍ଶନ କରୁଛି ବୋଲି କହିଛନ୍ତି ବିଶିଷ୍ଟ ବୌଦ୍ଧ ସନ୍ୟାସୀ ଧମ୍ମଗୋଭେସୁ। ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ବୁଦ୍ଧ ବିହାର ପାଦଦେଶ ପର୍ଯ୍ୟଟନ ଭବନ ପରିସରରେ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ୧୪ତମ ବୁଦ୍ଧ ମହୋତ୍ସବର ଦ୍ୱିତୀୟ ଦିବସରେ ଉଦ୍‌ଘାଟକ ଭାବେ ଯୋଗଦେଇ ବୌଦ୍ଧଭିକ୍ଷୁ ଧମ୍ମଗୋଭେସୁ କହିଥିଲେ, ଭାରତୀୟ ଧର୍ମ, ଦର୍ଶନ ଓ ସଂସ୍କୃତିର ଜାଗରଣ କରି ଦେଶ ବିଦେଶରେ ପ୍ରଚାର ପ୍ରସାର ହେବା ଉଚିତ ବୋଲି କହିଥିଲେ। ଏ ଅବସରରେ ବୌଦ୍ଧଭିକ୍ଷୁ ଓ ଗବେଷକଙ୍କୁ ଉଦୟଗିରି ବୁଦ୍ଧ ସମ୍ମାନ ପ୍ରଦାନ କରାଯାଇଛି।

ଶନିବାର ପୂର୍ବାହ୍ନରେ ଆୟୋଜିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ ଯୋଗଦେଇ କହିଲେ, ରାଜ୍ୟରେ ଥିବା ପୁରାତନ କୀର୍ତ୍ତିରାଜିର ସଂରକ୍ଷଣ ଓ ଏହାର ପୁନରୁଦ୍ଧାର ପାଇଁ ନୂତନ ଭାବେ ଗଠିତ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ବିବିଧ କାର୍ଯ୍ୟପନ୍ଥା ଗ୍ରହଣ କରୁଛି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବୌଦ୍ଧ ଗବେଷକ ଡଃ ହରିଶ ଚନ୍ଦ୍ର ପୃଷ୍ଟି ଯୋଗଦେଇ କହିଥିଲେ, ହୀରକ ତ୍ରିଭୂଜ ବୌଦ୍ଧ ସର୍କିଟ୍ ଅନ୍ତର୍ଗତ ଉଦୟଗିରି, ରତ୍ନଗିରି ଓ ଲଳିତଗିରି ବୌଦ୍ଧ ସଭ୍ୟତା ଓ ସଂସ୍କୃତି ଏକ ସମୃଦ୍ଧ ଓ ବିକଶିତ। ତାହା ଅଚିରେ ବିଶ୍ୱ ଐତିହ୍ୟ ସୂଚୀରେ ସ୍ଥାନ ପାଇବା ପାଇଁ ଯୋଗ୍ୟ। ଉଦୟଗିରି ବୌଦ୍ଧ ପୀଠର ପାରିପାର୍ଶ୍ୱିକ ପରିବେଶ, ପର୍ଯ୍ୟାବରଣ ଓ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଛି। ବୌଦ୍ଧ ଧର୍ମର ମହାଯାନ ସଂସ୍କୃତି ଦ୍ୱାରା ବିକଶିତ ଉଦୟଗିରି ଏକଦା ଉଡ୍ଡିୟାନ ପୀଠ ଭାବେ ସାରା ବିଶ୍ୱରେ ପରିଚୟ ଲାଭ କରିଥିଲା। ଏଠାରୁ ଆବିଷ୍କୃତ ଦୁଇଟି ବିରଳ ବୌଦ୍ଧ ମହାବିହାର କୀର୍ତ୍ତିରାଜିର ବିଶ୍ଳେଷଣ ଦ୍ୱାରା ଏହା ବୌଦ୍ଧ ସଂସ୍କୃତିର ନୂତନ ଦିଗ ଉନ୍ମୋଚନ କରିବାରେ ସହାୟକ ହେବ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ର କହିଥିଲେ, ଉଦୟଗିରିର ବିଶ୍ୱ ବିରଳ କୀର୍ତ୍ତିରାଜି ସାରା ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି।

ବୁଦ୍ଧ ମହୋତ୍ସବ ସମିତି ସଭାପତି ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହ ପ୍ରାରମ୍ଭରେ ଆବାହକ ସାମ୍ବାଦିକ ମହେଶ୍ୱର ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଉଦୟଗିରି ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ କିଶୋର ଚନ୍ଦ୍ର ଦାଶ, ଗଗନ ବିହାରୀ ଜେନା, ନାରାୟଣ ଚନ୍ଦ୍ର ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମ ଛାତ୍ରୀ ବୁଦ୍ଧ ବନ୍ଦନା ଗାନ କରିଥିଲେ। ଶେଷରେ ଶିକ୍ଷାବିତ ଉମାକାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ।



● ବୌଦ୍ଧଭିକ୍ଷୁ ଓ ଗବେଷକଙ୍କୁ ଉଦୟଗିରି ବୁଦ୍ଧ ସମ୍ମାନ

## ଢିଅସାହିରେ ରାହାସ ଉତ୍ସବ

**ବ୍ରହ୍ମବରଦା, ୨୫।୧୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଢିଅସାହି ଗ୍ରାମରେ ଉତ୍କଳ ଗୌରବ ସେବା ସଂସଦର ୨୪ତମ ବାର୍ଷିକ ଉତ୍ସବ ଉପଲକ୍ଷେ ପବିତ୍ର ରାହାସ ପୂଜା ଗତ ଶନିବାରଠାରୁ ଧୁମ୍‌ଧାମରେ ପାଳନ କରାଯାଉଛି। କର୍ତ୍ତା ଓ ଉପକର୍ତ୍ତା ଆଜି ଅପରାହ୍ନରେ ବ୍ରାହ୍ମଣୀ ନଦୀ ଗର୍ଭରୁ ପାଣି ଆଣି କଳସ ସ୍ଥାପନ କରି ରାହାସ ପୂଜା ଉତ୍ସବ ପାଳନ ଆରମ୍ଭ କରିଛନ୍ତି। ଉକ୍ତ ପୂଜାକୁ ପୁରୋହିତ ବିଜୟ କୁମାର ପତି ଓ ଦେବେନ୍ଦ୍ର ପତି ସମ୍ପାଦନ କରୁଥିବାବେଳେ ପୂଜା କମିଟିର ସମ୍ପାଦକ ନିରାକାର ବେହେରା ମୁଖ୍ୟକର୍ତ୍ତା ହିସାବରେ କଳସାଧିବାସ କରିଛନ୍ତି। ଏହି ରାହସ ପୂଜା ଆଗାମୀ ନଭେମ୍ବର ୨୭ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁ ରହି ଉକ୍ତ ଦିନ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଡିସେମ୍ବର ୫ରେ ଭସାଣି ଉତ୍ସବ ହେବ ବୋଲି ପୂଜା କମିଟି ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି।

## ବରୁହାଁ ବାବା ଧବଳେଶ୍ୱର ମନ୍ଦିରରେ ବଡ଼ଓଷା

**ଯାଜପୁର, ୨୫।୧୧ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ବରୁହାଁଠାରେ ଥିବା ବାବା ଧବଳେଶ୍ୱର ମନ୍ଦିରରେ ବଡ଼ଓଷା ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଠାକୁର ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ବଡ଼ଓଷା ଉପଲକ୍ଷେ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଆଖ ଅଞ୍ଚଳର ବହୁ ବଡ଼ଓଷା ବ୍ରତଧାରୀ ପ୍ରଭୁ ଧବଳେଶ୍ୱରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଠାକୁରଙ୍କ ନିକଟରେ ବର୍ଷକରେ ଥରେ ମାତ୍ର ଗଜ ଭୋଗ ଲାଗି ହେବା ବିଧି ଥିବାରୁ ଗଜ ଭୋଗ ବସାଇବା ପାଇଁ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ଯୁବକ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଏହି ମନ୍ଦିରରେ କାର୍ତ୍ତିକ ମାସର ପଞ୍ଚୁକ ଆରମ୍ଭରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦ୍ୱାରା ଫିଟାଠାରୁ ପହୁଡ଼ ପଡ଼ିବାଯାଏ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**କୁନ୍ଦଳ, ୨୫।୧୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗୌରହରି ତ୍ରିପାଠୀଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ସମବେଦନା ଜଣାଇଥିଲେ। ବିରାଟ ଶୋଭାଯାତ୍ରାରେ ସ୍ୱର୍ଗତ ତ୍ରିପାଠୀଙ୍କ ମରଶରୀରକୁ ପଞ୍ଚାୟତ ପରିକ୍ରମା କରାଯାଇ ନିଜସ୍ୱ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୁରେଶ କୁମାର ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

## ଗ୍ରୀଲ୍ ଭାଙ୍ଗି ବାଇକ୍ ଚୋରି ଅଭିଯୋଗ

**କୁନ୍ଦଳ, ୨୫।୧୧(ସମିସ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତସ୍ଥ ଗହରନଗର ଗ୍ରାମର ଜଇନୁଲ ଆବେଦିନ ଖାଁଙ୍କ ଘରୁ ଗୁରୁବାର ରାତିରେ ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଏକ ବାଇକ୍ ଚୋରି କରିନେଇଛନ୍ତି। ଏ ନେଇ ଜଇନୁଲ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଜଇନୁଲ ତାଙ୍କ ବାଇକ୍‌କୁ ଘର ଭିତରେ ରଖିଥିଲେ। ସେଦିନ ଘରେ ପୁରୁଷ ଲୋକ ନ ଥିବା ସୁଯୋଗ ଦେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ ତାଲା ଭାଙ୍ଗି ବାଇକ୍‌କୁ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ବାଲିଚନ୍ଦ୍ରପୁର ପୁଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ୩୯ ୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଗଜ ଭୋଗ ପ୍ରସ୍ତୁତି

**ଧର୍ମଶାଳା, ୨୫।୧୧(ସମିସ):** କାର୍ତ୍ତିକ ମାସର ପବିତ୍ର ବଡ଼ଓଷା ପାଇଁ ଆଜି ଧର୍ମଶାଳା ବ୍ଲକ ପ୍ରସିଦ୍ଧ ଶୈବ ପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର ସମେତ ବିଭିନ୍ନ ମନ୍ଦିର ବେଶ୍ ଚଳଚଞ୍ଚଳ ରହିଥିଲା। ଭୋରୁ ବାବାଙ୍କ ଦର୍ଶନ ନିମନ୍ତେ ଶହ ଶହ ଭକ୍ତଙ୍କ ଧାଡ଼ି ଛୁଟିଥିଲା। ଏ ଅବସରରେ ଆଜି ରାତ୍ରିରେ ବାବାଙ୍କ ପ୍ରିୟ ଗଜ ଭୋଗ ଲାଗି କରାଯିବ। ଆସନ୍ତାକାଲି ସକାଳେ ଭକ୍ତମାନେ ଏହି ଭୋଗ ପାଇବେ। ମନ୍ଦିର ପୂଜକ ସୋମନାଥ ପାଢ଼ୀ ଏହି ଗଜ ଭୋଗକୁ ପ୍ରସ୍ତୁତି କରୁଛନ୍ତି।

## ଲାଲବାଗ ଛକରେ ଲକ୍ଷ୍ମୀନାରାୟଣ ପୂଜା

**କୟାଁଗୋଲା, ୨୫।୧୧(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ ଖାନନଗର ପଞ୍ଚାୟତ ଅନ୍ତର୍ଗତ ଲାଲବାଗ ଛକରେ ଲକ୍ଷ୍ମୀନାରାୟଣ ପୂଜା ଚଳିତ ବର୍ଷ ୪୩ତମ ବର୍ଷରେ ପଦାର୍ପଣ କରିଛି। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ଉତ୍ସବ କାର୍ତ୍ତିକ ପୂର୍ଣ୍ଣମୀ ଦିନ ସମାପ୍ତ ହେବ। କର୍ତ୍ତା ଦାୟିତ୍ୱ ଘନଶ୍ୟାମ ଦାସ ଓ ମାଳତୀ ଦାସ ସମ୍ପାଦନ କରୁଥିବାବେଳେ ପୂଜକ ଭାବେ ଆଚାର୍ଯ୍ୟ ଧୀରେନ୍ଦ୍ର ପଣ୍ଡା, ଆଚାର୍ଯ୍ୟ ଭୀମସେନ ପଣ୍ଡା କାର୍ଯ୍ୟ ତୁଲାଉଛନ୍ତି। ଏହି ପୂଜା କାର୍ଯ୍ୟରେ ଲାଲବାଗ ଛକ କମିଟି, ଲାଲବାଗ ଗ୍ରାମ, ନୂଆପାଟଣା, କୂଳସାହି, ଖାନନଗର ଆଦି ଗ୍ରାମବାସୀ ସହଯୋଗ କରୁଛନ୍ତି। ଏ ଅବସରରେ ୩ ଦିନ ଧରି ପାଲା ଅନୁଷ୍ଠିତ ହେଉଛି।

## ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ

**ଧର୍ମଶାଳା, ୨୫।୧୧(ସମିସ):** ଧର୍ମଶାଳା ବ୍ଲକ ଆରୁହା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଗୟାଧର ନାୟକଙ୍କ ଆଜି ଦିନ ଗୋଟାଏବେଳେ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ସେ କର୍କଟ ରୋଗରେ ଦୀର୍ଘଦିନ ଧରି ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ପୁତୁରା, ଭଣଜା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମବାସୀ ଓ ଆରୁହା ସରପଞ୍ଚଙ୍କ ପ୍ରତିନିଧି ଦୁଷ୍ମନ୍ତ କୁମାର ବଳ, ପୂର୍ବତନ ସରପଞ୍ଚ ତ୍ରିନାଥ ଜେନା, ଯତିନ୍ଦ୍ର ପ୍ରଧାନ, ବାବୁଲି ଜେନା, ଛବିନ୍ଦ୍ର ପାତ୍ର, ଅଶୋକ ଦାସ, ସୁଶାନ୍ତ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ବିଞ୍ଝାରପୁର, ୨୫।୧୧(ସମିସ):** ବିଞ୍ଝାରପୁର ବ୍ଲକ ଓଳେଇ ଗ୍ରାମର ଧର୍ମପରାୟଣା ମହିଳା ରାଧାରାଣୀ ସାମଲଙ୍କ ଭୁବନେଶ୍ୱରସ୍ଥ ଏକ ଘରୋଇ ଚିକିତ୍ସାଳୟରେ ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସମସ୍ତ ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ଅଣାଯାଇ ଓଳେଇସ୍ଥ ବାସଭବନରେ ସର୍ବସାଧାରଣ ଦର୍ଶନାର୍ଥେ ରଖାଯାଇଥିଲା। ଏହାପରେ ଗ୍ରାମବାସୀ ଓ ଆତ୍ମୀୟସ୍ୱଜନଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା। ସାନପୁଅ ସତ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ସେ ଅଞ୍ଚଳର ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ବଡ଼ଚଣା, ୨୫।୧୧(ସମିସ):** ରାଜ୍ୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆଜି ଚଣ୍ଡିଖୋଲସ୍ଥ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାବା ଭୈରବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ଚଣା ଥାନା ଅଧିକାରୀ ଶତର ଚନ୍ଦ୍ର ପାତ୍ର ଉଦଘାଟକ ଭାବେ ଯୋଗ ଦେଇଥିବାବେଳେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ବିଜୟ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସଚେତନତା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ପ୍ରୋତ୍ସାହିତ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି, ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ପ୍ରସନ୍ନ ମହାପାତ୍ର ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମର ସଂଯୋଜକ ବିମଳ ଚନ୍ଦ୍ର ମଲ୍ଲିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର ଦିଲ୍ଲୀପ କୁମାର ନାୟକ, ଡ. ସୁଜାତା ସେନାପତି, ନିଶିକାନ୍ତ ଦାସ, ସଂଘମିତ୍ରା ସାହୁ, ନିବାଦିତା ସ୍ୱାଇଁ, ତପନ କୁମାର ଜେନା, ବିରଞ୍ଚି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଆଜିର ଉଦ୍‌ଘାଟନୀ ଦିବସ ଅବସରରେ +୨ ସ୍ତରୀୟ କବାଡି, ଚେସ୍ ଓ କ୍ୟାରମ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବକୁ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ସଂଯୋଜନା କରିଥିଲେ।

## ଆଇଆଇଏଚ୍ଏମ୍ ପକ୍ଷରୁ ଶିକ୍ଷା ପରିଭ୍ରମଣ

**ଯାଜପୁର, ୨୫।୧୧(ସମିସ):** ଯାଜପୁର ଟାଉନର ଯୋଡ଼ିକୂଅଠାରେ ଥିବା ଇନ୍ଦିରା ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଆଇଏଚ୍ଏମ୍)ର ୨୦୨୩-୨୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିଭ୍ରମଣ (ଷ୍ଟଡ଼ି ଟୁର୍) ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ବ୍ୟାସନଗରର ହୋଟେଲ ବ୍ରାହ୍ମଣୀକୁ ଯାଇଥିଲେ। ସେଠାରେ ପାଠ୍ୟକ୍ରମ ଅନୁଯାୟୀ ସମସ୍ତ ବିଭାଗ ବୁଲି ଦେଖିବା ସହ ନିଜର ଅଭିଜ୍ଞତା ହାସଲ କରିଥିଲେ। ଏଥିସହିତ ହୋଟେଲର ବିଭିନ୍ନ କର୍ମଚାରୀ, ମ୍ୟାନେଜରଙ୍କ ସହିତ ଛାତ୍ରଛାତ୍ରୀ ଆଲୋଚନା କରି ନିଜ ମନ ଭିତରେ ଥିବା ଅନେକ ପ୍ରଶ୍ନ ପଚାରି ବୁଝିଥିଲେ। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ନୂଆ ନୂଆ ଖାଦ୍ୟର ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ଆଇଆଇଏଚ୍ଏମ୍‌ର ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ସେଠୀ, ଅଧ୍ୟକ୍ଷ ସୌମ୍ୟରଞ୍ଜନ ପତି, ଅଜୟ ପାଣି, ନିରୂପମା ସେଠୀ, ଚେୟାରପର୍ସନ ଜ୍ୟୋତ୍ସ୍ନା ଯେନା ପ୍ରମୁଖ ସାମିଲ ଥିଲେ।




## ସାହିତ୍ୟ, ସଂସ୍କୃତି ବିଭାଗ ନୂତନ ସଚିବଙ୍କୁ ସ୍ୱାଗତ

**ବିଞ୍ଝାରପୁର, ୨୫।୧୧(ସମିସ):** ମିଶନ ଶକ୍ତି ବିଭାଗ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର କମିଶନର ତଥା ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ଦାୟିତ୍ୱ ନେବା ପରେ ଅଖିଳଚକ୍ର ଓଡ଼ିଶା ସାରସ୍ୱତ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଏ ଅବସରରେ ଯାଜପୁର ଜିଲ୍ଲା ଓ ଓଡ଼ିଶାରେ ସାରସ୍ୱତ ସଂଗଠନ ଅବହେଳିତ ହୋଇ ରହିଥିବାରୁ ଏହାର ନିରାକରଣ ନିମନ୍ତେ ସମ୍ପାଦକ ହରେକୃଷ୍ଣ ପଣ୍ଡା ଦୃଷ୍ଟି ଆକର୍ଷଣ କରିଛନ୍ତି। ସାରସ୍ୱତ ସଂଗଠନ ପ୍ରତି ନୂତନ ସଚିବ ଦୃଷ୍ଟି ଦେବାକୁ ଶ୍ରୀ ପଣ୍ଡା ନିବେଦନ କରିଛନ୍ତି।

## ଠାକୁରେଶ୍ୱର ମନ୍ଦିରରେ ବଡ଼ଓଷା



**ଶଙ୍ଖଚିଲା, ୨୫।୧୧(ସମିସ):** କଥାରେ ଅଛି ବଡ଼ଓଷାଠାରୁ ଓଷା ନାହିଁ କି ରଥଯାତ୍ରାଠାରୁ ଯାତ୍ରା ନାହିଁ। ଶୈବ ସଂସ୍କୃତିରେ ଏହି ବଡ଼ଓଷା ହେଉଛି ଶ୍ରେଷ୍ଠ ଓଷା। କାର୍ତ୍ତିକ ମାସର ଶେଷ ପର୍ଯ୍ୟାୟରେ ପଡୁଥିବା ବଡ଼ଓଷାକୁ ଓଡ଼ିଶାବାସୀ ନିଷ୍ଠା ଓ ଭକ୍ତିର ସହ ପାଳନ କରିଥା'ନ୍ତି। କଟକର ପ୍ରଭୁ ଧବଳେଶ୍ୱରଙ୍କ ଏହି ବଡ଼ଓଷା ହେଉଛି ସବୁଠାରୁ ବଡ଼ପର୍ବ ହୋଇଥିବାବେଳେ ଓଡ଼ିଶାର ବିଭିନ୍ନ ଶୈବ ପୀଠରେ ମଧ୍ୟ ଏହାକୁ ଧୂମଧାମରେ ପାଳନ କରାଯାଏ। ସେହିପରି କୋରେଇ ବ୍ଲକ ଖମଣ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖଚିଲା ଅଞ୍ଚଳର ବହୁ ପୁରାତନ ଠାକୁରେଶ୍ୱର ଶୈବ ପୀଠରେ ବଡ଼ଓଷା ପାଳନ କରାଯାଇଛି। ପଞ୍ଚୁକ ଆରମ୍ଭ ପବିତ୍ର ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହୋଇଥାଏ। ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବାବେଳେ ବଡ଼ଓଷା ନିମନ୍ତେ ପ୍ରାତଃ କାଳରୁ ଠାକୁରଙ୍କ ସ୍ନାନ ସହ ପୂଜା କାର୍ଯ୍ୟ କରାଯାଇ, ଦୀପଧୂପ ସହ ସକାଳ ଭୋଗ ପରେ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ଶତାଧିକ ଭକ୍ତ ହାତରେ ଭୋଗ ପସରା ଧରି ଶୃଙ୍ଖଳିତ ଭାବେ ଧାଡ଼ିରେ ଆସି ଭୋଗ କରିବା ସହିତ ମନ୍ଦିର ପ୍ରାଙ୍ଗଣରେ ଦୀପ ଜାଳି ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳ ଓ ଅଞ୍ଚଳ ବାହାରୁ ଭକ୍ତଙ୍କ ସମାଗମକୁ ନଜରରେ ରଖି ଠାକୁରେଶ୍ୱର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନାମ ସଂକୀର୍ତ୍ତନ କରାଯିବା ସହିତ ବସିଥିବା ଭଣ୍ଡାର ଭୋଗକୁ ଭକ୍ତଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ବଡ଼ ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ, ଶତ୍ରୁଘନ ପାଢ଼ୀ, ସନ୍ତୋଷ ପାଢ଼ୀ, ଶେଷଦେବା ପାଢ଼ୀ, ଲକ୍ଷ୍ମୀଧର ପାଢ଼ୀ, ପ୍ରହ୍ଲାଦ ପାଢ଼ୀ, ବଳରାମ ପାଢ଼ୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଥିବାବେଳେ ସ୍ଥାନୀୟ ଫାଣ୍ଡି କର୍ମଚାରୀଙ୍କ ସମେତ ହିଙ୍ଗୁଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। କମିଟି ପକ୍ଷରୁ ସଭାପତି ଦେବ ପ୍ରସାଦ ସାହୁ, ଅଶୋକ କୁମାର ବେହେରା, ନୀଳମଣି ସାହୁ, ଗଦାଧର ମଲ୍ଲିକ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ବ୍ରହ୍ମାନନ୍ଦ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକୋତ୍ସବ

# 'ସାହିତ୍ୟର ଅନ୍ତୁଡ଼ିଶାଳ ହେଉଛି ଗାଁ'

**ବିଞ୍ଝାରପୁର, ୨୫।୧୧(ସମିସ):**

ସିଂହପୁର ନିକଟସ୍ଥ ପଣସଗଣ୍ଡ ଗ୍ରାମରେ ବ୍ରହ୍ମାନନ୍ଦ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏ ଅବସରରେ ସ୍ମୃତିସଭା, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫେସର ଡଃ ବୈଷ୍ଣବ ସାମଲ ଯୋଗଦେଇ କହିଲେ, ସାହିତ୍ୟର ଅନ୍ତୁଡ଼ିଶାଳ ହେଉଛି ଗାଁ। ଗାଁରେ ପ୍ରକୃତ ହୃଦୟ ଥିବାବେଳେ ସହରରେ ଛଳନା ଓ ଅହଂକାରିତା ଭରପୂର ହୋଇରହିଛି। ପ୍ରଫେସର ବାବାଜୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାମ୍ୟ ଜୀବନରେ ପ୍ରକୃତ ମାଧୁର୍ଯ୍ୟ ରହିଥିବା ପ୍ରକାଶ କରିଥିଲେ। ଏହାର ମୂଲ୍ୟବୋଧକୁ ଫେରାଇ ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ସଂସଦର ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ଶିବରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ସାମଲ, ମୁଖ୍ୟବକ୍ତା ଶ୍ରୀ ପଟ୍ଟନାୟକ, ସାହିତ୍ୟିକ ବିକାଶ ଚନ୍ଦ୍ର ବେହେରା, କବି ଅକ୍ରୂରଚରଣ ବଳ, ସାମ୍ବାଦିକ ସଂଗ୍ରାମ କେଶରୀ ସିଂହ, ସନ୍ତୋଷ କୁମାର ପତିଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ଅକ୍ରୂର ଚରଣ ବଳ, ଡଃ ଚିତ୍ତରଞ୍ଜନ ବେହେରାଙ୍କ ଦୁଇଟି ପୁସ୍ତକକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ।

ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବକୁ ଅଖିଳଚକ୍ର ଓଡ଼ିଶାର ସମ୍ପାଦକ ହରେକୃଷ୍ଣ ପଣ୍ଡା ଉଦ୍‌ଘାଟନ କରିଥିଲେ। କବି ଜିତେନ୍ଦ୍ର କୁମାର ବେହେରା ଓ କବି ପ୍ରଦୀପ୍ତ କୁମାର ଦାସ ଏହାକୁ ସଂଯୋଜନା କରିଥିଲେ। କବି ଶିଶିର କୁମାର ପଣ୍ଡା, ଚନ୍ଦ୍ରଶେଖର ସାହୁ, ଖଗେଶ୍ୱର ସାହୁ, ଖଗେଶ୍ୱର ନାୟକ, ଜୟନ୍ତ କୁମାର ମଲ୍ଲିକ, ରତିକାନ୍ତ ସାମଲ, ଲୋକନାଥ ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ଡଃ ଚିତ୍ତରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।



## ଲିଙ୍ଗେଶ୍ୱର ପୀଠରେ ରାମଚରିତ ମାନସ



**ଷଠିପୁର, ୨୫।୧୧(ସମିସ):** ସ୍ଥାନୀୟ ଲିଙ୍ଗେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ପଞ୍ଚୁକ ଅବସରରେ ରାମଚରିତ ମାନସ ଓ ପାରାୟଣ ଅନୁଷ୍ଠିତ ହେଉଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ବହୁ ବିଦ୍ୱାନ ପ୍ରବଚନ ଦେବା ପାଇଁ ଏଠାକୁ ଆସୁଛନ୍ତି। ଢେଙ୍କାନାଳ ଜୋରନ୍ଦା ପୀଠର ପଣ୍ଡିତ ଅକ୍ଷୟ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ଏହାକୁ ଶୁଣିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତିଦିନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ହୋଇଛି।

# ବିଶ୍ୱକପ୍‌ର ୪୫% ମ୍ୟାଚ୍ ଏକତରଫା

## ୨୨ଟି ମ୍ୟାଚ୍ ୧୦୦ ରନ୍‌ରେ କିମ୍ବା ୪ରୁ ଊର୍ଦ୍ଧ୍ୱ ୱିକେଟରେ ଜିତାଯାଇଛି

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ସଦ୍ୟ ସମାପ୍ତ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ୬ ୱିକେଟରେ ଆୟୋଜକ ଭାରତକୁ ହରାଇ ରେକର୍ଡ ଷଷ୍ଠଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ଭିନ୍ନ ଭିନ୍ନ କାରଣରୁ ଦର୍ଶକ ଏହି ବିଶ୍ୱକପ୍‌କୁ ମନେ ରଖିବେ । ଫାଇନାଲରେ ହାରିବା ପୂର୍ବରୁ ଭାରତ ସବୁ ୧୦ଟି ଯାକ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରିଥିଲା । ପ୍ରାୟ ସବୁ ମ୍ୟାଚ୍‌ରେ ଭରାତ ଏକତରଫା ବିଜୟ ହାସଲ କରିଥିଲା । ମୋଟଉପରେ ଦେଖିବାକୁ ଗଲେ ଏଥର ବିଶ୍ୱକପ୍‌ର ୪୮ଟି ମ୍ୟାଚ୍‌ରୁ ୨୨ଟି ମ୍ୟାଚ୍ ଏକତରଫା ରହିଛି । ଏହି ମ୍ୟାଚ୍‌ଗୁଡିକରେ ବିଜୟୀ ଦଳଗୁଡିକ ୧୦୦ରୁ ଊର୍ଦ୍ଧ୍ୱ ରନରେ କିମ୍ବା ୧୦ ଓଭର ବାକି ଥାଇ ୪ ୱିକେଟରୁ ଅଧିକ ବ୍ୟବଧାନରେ ଜିତିବାରେ ସମର୍ଥ ହୋଇଛନ୍ତି । ଯଦି ଏହି ଷ୍ଟାଣ୍ଡାର୍ଡକୁ ଲାଗୁ କରାଯାଏ ତେବେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୧୫ ବିଶ୍ୱକପ୍‌ରେ ଏଭଳି ବିଜୟ ଅଧିକ ଦେଖିବାକୁ ମିଳିଥିଲା ।




### ୧୯୭୫ ବିଶ୍ୱକପ୍‌ରେ ସର୍ବାଧିକ ମ୍ୟାଚ୍ ଏକତରଫା ଥିଲା

ଏହି ବିଶ୍ୱକପ୍‌ରେ ମୋଟ୍ ୪୫.୮୩ ମୁକାବିଲା ଏକତରଫା ରହିଥିଲା । କିନ୍ତୁ ବିଶ୍ୱକପ୍ ଇତିହାସକୁ ଦେଖିବାକୁ ଗଲେ ଇଂଲଣ୍ଡରେ ଅନୁଷ୍ଠିତ ୧୯୭୫ ବିଶ୍ୱକପ୍‌ରେ ସବୁଠାରୁ ଅଧିକ ୫୩.୩୩% ମ୍ୟାଚ୍ ଏକତରଫା ଥିଲା । ଏହି ବିଶ୍ୱକପ୍‌ର ୧୫ଟି ମ୍ୟାଚ୍‌ରୁ ୮ଟି ମ୍ୟାଚ୍‌ରେ ଦଳଗୁଡିକ ୧୦୦ ରନରୁ ଊର୍ଦ୍ଧ୍ୱ କିମ୍ବା ୧୦ ଓଭର ବାକିଥାଇ ୪ ୱିକେଟରେ ବିଜୟ ହାସଲ କରିଥିଲେ ।

### ପ୍ରଥମେ ବ୍ୟାଟିଂ କରି ବିଜୟୀ ହେବାର ବ୍ୟବଧାନ ସର୍ବାଧିକ

ଏଥର ବିଶ୍ୱକପ୍‌ରେ ୪୮ଟି ମ୍ୟାଚ୍‌ରୁ ୨୩ଟିରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ବିଜୟୀ ହୋଇଛି । ଏଥିରେ ବିଜୟ ହାସଲ କରିଥିବା ଦଳଗୁଡିକ ହାରାହାରି ୧୩୪ ରନରେ ବାଜି ମାରିଛନ୍ତି । ବିଶ୍ୱକପ ଇତିହାସକୁ ଦେଖିଲେ ଏଥର ହାରାହାରି ରନ ବିଜୟର ବ୍ୟବଧାନ ସର୍ବାଧିକ ରହିଛି । ପୂର୍ବରୁ ୧୯୭୫ ବିଶ୍ୱକପ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ଅଧିକ ସଂଖ୍ୟାରେ ମ୍ୟାଚ୍ ଜିତିଥିଲେ ଓ ହାରାହାରି ୧୨୪ ରନ ବ୍ୟବଧାନରେ ବିଜୟୀ ହୋଇଥିଲେ ।

### ୧୯୯୨ ବିଶ୍ୱକପ୍‌ରେ ସବୁଠାରୁ କମ୍ ଏକତରଫା ମ୍ୟାଚ୍ ଥିଲା

ବିଶ୍ୱକପ୍ ଇତିହାସରେ ୧୯୯୨ ସଂସ୍କରଣରେ ଅଧିକ ସଂଖ୍ୟାରେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଥିଲା ଓ କମ୍ ସଂଖ୍ୟାରେ ମ୍ୟାଚ୍ ଏକତରଫା ଥିଲା । ଏହି ବିଶ୍ୱକପ୍‌ରେ ୩୭ଟି ମ୍ୟାଚ୍‌ରୁ ୪ଟିରେ ବିଜୟୀ ଦଳଗୁଡିକ ୧୦୦ରୁ ଊର୍ଦ୍ଧ୍ୱ ରନ୍‌ରେ କିମ୍ବା ୧୦ ଓଭର ବାକିଥାଇ ୪ ୱିକେଟରେ ବିଜୟ ହାସଲ କରିଥିଲେ । ଅର୍ଥାତ ମାତ୍ର ୧୦.୮୧ ମ୍ୟାଚ୍ ଏକତରଫା ଥିଲା । ଭାରତ ଓ ପାକିସ୍ତାନରେ ୧୯୮୭ ବିଶ୍ୱକପ୍‌ର ମୋଟ୍ ୨୭ରୁ ୫ଟି ଅର୍ଥାତ ୧୮.୫୨% ମ୍ୟାଚ୍ ଏକତରଫା ଥିଲା ।

### ଏଥର ଟସ୍ ଜିତିବା ଲାଭଜନକ ନ ଥିଲା

ଏଥର ବିଶ୍ୱକପ୍‌ରେ ଟସ୍ ନିର୍ଣ୍ଣାୟକ ଭୂମିକା ନେଇ ନଥିଲା । ଅର୍ଥାତ ଟସ୍ ଜିତିଥିବା ଦଳ ଫାଇଦା ହାସଲ କରିନଥିଲା । ୪୮ଟିରୁ ୨୯ଟି ମ୍ୟାଚ୍‌ରେ ଟସ୍ ହାରିଥିବା ଦଳ ବିଜୟ ହାସଲ କରିଥିଲା । ଟସ୍ ହାରିଥିବା ଦଳ ୬୦.୪% ମ୍ୟାଚ୍‌ରେ ବିଜୟୀ ହୋଇଥିଲେ । ୧୯୭୫ ବିଶ୍ୱକପ୍‌ରେ ଟସ୍ ହାରିଥିବା ଦଳ ସର୍ବାଧିକ ୬୪% ମ୍ୟାଚ୍‌ରେ ବିଜୟୀ ହୋଇଥିଲେ । ଏହି ବିଶ୍ୱକପ୍‌ରେ ୧୪ଟିରୁ ୯ଟି ମ୍ୟାଚ୍‌ରେ ଟସ୍ ହାରିଥିବା ଦଳ ବିଜୟୀ ହୋଇଥିଲେ ।

### ରନ ବ୍ୟବଧାନରେ ଅଷ୍ଟ୍ରେଲିଆର ସର୍ବବୃହତ୍ ବିଜୟ

ଏଥର ବିଶ୍ୱକପ୍‌ରେ ରନ୍ ବ୍ୟବଧାନରେ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ସର୍ବବୃହତ୍ ବିଜୟ ହାସଲ କରିଛି । ଦିଲ୍ଲୀରେ ଅକ୍ଟୋବର ୨୫ରେ ଅଷ୍ଟ୍ରେଲିଆ ୩୦୯ ରନରେ ନେଦରଲାଣ୍ଡସକୁ ହରାଇଥିଲା । ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୮ ୱିକେଟ ହରାଇ ୩୯୯ ରନ ସଂଗ୍ରହ କରିଥିଲା । ଜବାବରେ ନେଦରଲାଣ୍ଡସ ୨୧ ଓଭରରେ ୯୦ ରନକରି ଅଲଆଉଟ ହୋଇଥିଲା । ସେହିପରି ୱିକେଟ ଦୃଷ୍ଟିକୋଣରୁ ନ୍ୟୁଜିଲାଣ୍ଡ ସର୍ବବୃହତ ବିଜୟ ହାସଲ କରିଥିଲା । ନ୍ୟୁଜିଲାଣ୍ଡ ଅକ୍ଟୋବର ୫ରେ ଅହମ୍ମଦାବାଦରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡକୁ ୯ ୱିକେଟ ହରାଇଥିଲା । ସେହିପରି ନ୍ୟୁଜିଲାଣ୍ଡ ସବୁଠାରୁ ଅଧିକ ବଲ୍ ବାକି ରଖି ବିଜୟ ହାସଲ କରିଛି । ନଭେମ୍ବର ୯ରେ ନ୍ୟୁଜିଲାଣ୍ଡ ୧୬୦ ବଲ ବାକି ରଖି ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।

### କୌଣସି ମ୍ୟାଚ୍‌ରେ ୧୦୦ ଓଭର ମ୍ୟାଚ୍ ଖେଳାଯାଇନାହିଁ

ଏଥର ବିଶ୍ୱକପ୍‌ରେ କୌଣସି ମ୍ୟାଚ୍‌ରେ ମୋଟ ୧୦୦ ଓଭର ଖେଳାଯାଇନାହିଁ । ଧର୍ମାଶାଳା ଅକ୍ଟୋବର ୨୮ରେ ଅନୁଷ୍ଠିତ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ରେ ସର୍ବାଧିକ ୯୯.୨ ଓଭର ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୪୯.୨ ଓଭରରେ ୩୮୮ ରନ କରି ଅଲଆଉଟ ହୋଇଥିଲା । ଜବାବରେ ନୁଜିଲାଣ୍ଡ ୫୦ ଓଭରରେ ୯ ୱିକେଟ ହରାଇ ୩୮୩ ରନରେ ସମୀତ ରହି ୫ ରନ ପାଇଁ ବିଜୟରୁ ବଞ୍ଚିତ ରହିଥିଲା ।

### କୌଣସି ମ୍ୟାଚ୍‌ରେ ୨୦ ୱିକେଟର ପତନ ହୋଇନି

ଏଥର ବିଶ୍ୱକପ୍‌ରେ କୌଣସି ମ୍ୟାଚ୍‌ରେ ସବୁ ୨୦ଟି ୱିକେଟର ପତନ ହୋଇନି । ଅର୍ଥାତ ଦୁଇଟି ଦଳ ଅଲଆଉଟ ହୋଇନାହାନ୍ତି । ସେହିପରି ଏଥର ପାୱାର ପ୍ଲେ'ରେ ସର୍ବାଧିକ ୫.୫୨ ହାରରେ ରନ ସଂଗ୍ରହ ହୋଇଛି ।




---

**● ଡିସେମ୍ବର ୮ରୁ ୧୯ ବର୍ଷରୁ କମ୍ ଏସିଆ କପ୍**

## ଉଦୟଙ୍କୁ ଭାରତର ନେତୃତ୍ୱ



ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଡିସେମ୍ବର ୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ଲାଗି ଏକ ୧୫ ଜଣିଆ ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି । ୩ଜଣ ଷ୍ଟାଣ୍ଡବାଇ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି । କନିଷ୍ଠ କ୍ରିକେଟ ଚୟନ ସମିତି ଶନିବାର ଏହି ଦଳ ଘୋଷଣା କରିଛି । ସେହିପରି ୪ଜଣ ଅତିରିକ୍ତ ରିଜର୍ଭ ଖେଳାଳିଙ୍କୁ ମଧ୍ୟ ନାମିତ କରାଯାଇଛି । ଏସିଆ କପ୍‌ରେ ଏଥର ୮ଟି ଦଳ ଅଂଶଗ୍ରହଣ କରିବେ ଓ ୫୦ ଓଭର ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ ।

ପଞ୍ଜାବର ଉଦୟ ସହାରନ୍‌ଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି । ସେହିପରି ମଧ୍ୟପ୍ରଦେଶର ସୌମି ପାଣ୍ଡେ ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଦଳରେ ମହାରାଷ୍ଟ୍ର ଓ ହାଇଦରାବାଦରୁ ଦୁଇଜଣ ଖେଳାଳି ସାମିଲ ହୋଇଛନ୍ତି । ଡିସେମ୍ବର ୧୭ ତାରିଖରୁ ଭାରତ ଆଫଗାନିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ । ଡିସେମ୍ବର ୧୦ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ଓ ୧୨ରେ ନେପାଳକୁ ଭେଟିବ । ୨୦୨୧ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିଲା । ଗତ ସଂସ୍କରଣରେ ମଧ୍ୟ ୮ଟି ଦଳ ଭାଗ ନେଇଥିଲେ । ଏଥର କୁଏତ୍ ସ୍ଥାନରେ ଜାପାନ ଭାଗ ନେବାକୁ ଯୋଗ୍ୟତା ହାସଲ କରିଛି । ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଦୁଇ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିକୁ ଉଠିବେ ।

**ଭାରତୀୟ ଦଳ:** ଅର୍ଶିନୀ କୁଲକର୍ଣ୍ଣୀ, ଆଦର୍ଶ ସିଂ, ରୁଦ୍ର ମୟୂର ପଟେଲ, ସଚିନ ଧାସ୍, ପ୍ରିୟଂସୁ ମୋଲିୟା, ମୁସ୍ତର ଖାନ, ଉଦୟ ସାହାରନ (ଅଧିନାୟକ), ଅରାଭେଲି ଅବିନାଶ ରାଓ (ୱିକେଟକିପର), ସୌମି କୁମାର ପାଣ୍ଡେ (ଉପ- ଅଧିନାୟକ), ମୁରୁଗାନ ଅଭିଷେକ, ଇନ୍ନେଶ ମହାଜନ (ୱିକେଟକିପର), ଧନୁଷ ଗୌଡ଼ା, ଆରାଧ୍ୟା ଶୁକ୍ଳା, ରାଜ ଲିମ୍ବାନୀ, ନମନ ତିୱାରୀ । **ଷ୍ଟାଣ୍ଡବାଇ:** ପ୍ରେମ ଦେବକର, ଅଂଶ ଗୋସାଇ, ମହମ୍ମଦ ଅମନ । **ରିଜର୍ଭ ଖେଳାଳି:** ଦିଗବିଜୟ ପାଟିଲ, ଜୟନ୍ତ ଗୋୟାତ୍, ପି ବିଘ୍ନେଶ ଓ କିରନ ଚୋର୍ମେଲ ।

---

**କୁଚ୍ ବିହାର ଟ୍ରଫି: ଆଶୀର୍ବାଦଙ୍କ ଲଢୁଆ ଶତକ**

## ବରୋଦାକୁ ଓଡ଼ିଶାର ଦୃଢ଼ ଜବାବ

ଭୁବନେଶ୍ୱର, ୨୫ ।୧୧ (ସମିସ): ଭଦୋଦରାର ମୋତିବଗ୍ କ୍ରିକେଟ୍ ଗ୍ରାଉଣ୍ଡରେ ବରୋଦା ବିପକ୍ଷରେ ଚାଲିଥିବା ଚାରିଦିବସୀୟ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଓଡ଼ିଶା ଦୃଢ଼ ଜବାବ ଦେଇଛି । ବରୋଦାର ପ୍ରଥମ ପାଳି ସ୍କୋର ୩୦୭ ରନ ଜବାବରେ ଶନିବାର ୨ୟ ଦିବସ ଷ୍ଟମ୍ପ ସୁଦ୍ଧା ଓଡ଼ିଶା ୭ ୱିକେଟ୍‌ରେ ୨୭୩ ରନ ସଂଗ୍ରହ କରିଛି । ଓଡ଼ିଶା ପକ୍ଷରୁ ଆଶୀର୍ବାଦ ସ୍ୱାଇଁ ଚମତ୍କାର ବ୍ୟାଟିଂ କରି ୧୪୨ ରନ କରି ଅପରାଜିତ ରହିଛନ୍ତି । ୨୩୬ ବଲର୍‌ର ଏହି ପାଳିରେ ସେ ୧୭ ଚୌକା ଓ ୨ ଛକା ମାରିଛନ୍ତି । ଶ୍ରେୟାଂଶୁ ପଟ୍ଟନାୟକ ୬୮ ରନ କରି ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଛନ୍ତି । ୩ ୱିକେଟ୍ ବଳକା ଥାଇ ଓଡ଼ିଶା ଏବେ ୩୪ ରନ ପଛରେ ରହିଛି । ପୂର୍ବରୁ ପ୍ରଥମ ଦିବସରେ ୯ ୱିକେଟ୍‌ରେ ୩୦୬ ରନ କରିଥିବା ବରୋଦା ଶନିବାର ଆଉ ଏକ ରନ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା । ଓଡ଼ିଶାର ସମ୍ବିତ ବେଜ୍ ୫ ଓ ଶୁଭମ ପ୍ରିୟଦର୍ଶୀ ୩ଟି ୱିକେଟ୍ ସଫଳତା ପାଇଥିଲେ ।



---

## ଫାଓ ୟୁଥ୍ ଲିଗ୍: ରାଇଜିଂ ଷ୍ଟାର୍ ବିଜୟୀ



ଭୁବନେଶ୍ୱର, ୨୫ ।୧୧ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ୟୁଥ୍ ଲିଗ୍ (୧୫ ବର୍ଷରୁ କମ୍)ରେ ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଛି । ଦିବସର ପ୍ରଥମ ମ୍ୟାଚରେ ରାଇଜିଂ ଷ୍ଟାର୍ କ୍ଲବ ୨-୦ ଗୋଲରେ ବିଡ଼ାନାସୀ କ୍ଲବକୁ ପରାସ୍ତ କରିଛି । ବିଜୟୀ ଦଳର ଶୁଭମ ସାମଲ ୨ଟି ଯାକ ଗୋଲ୍ ଦେଇଥିଲେ । ସେହିଭଳି ଫାଓ ଏକାଡେମୀ ଓ ଚାନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର' ରହିଥିଲା ।

---

**୧୫ ବର୍ଷରୁ କମ୍ ଜାତୀୟ ବାଳିକା ଦିନିକିଆ କ୍ରିକେଟ୍**

## ଆନ୍ଧ୍ରପ୍ରଦେଶ ୧୦ ୱିକେଟରେ ବିଜୟୀ

ଭୁବନେଶ୍ୱର, ୨୫ ।୧୧ (ସମିସ): ଭଦୋଦରା କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଶନିବାର ଆନ୍ଧ୍ରପ୍ରଦେଶ ବିପକ୍ଷରେ ଖେଳାଯାଇଥିବା ୧୫ ବର୍ଷରୁ କମ୍ ଜାତୀୟ ବାଳିକା ଦିନିକିଆ କ୍ରିକେଟ୍‌ରେ ଓଡ଼ିଶା ୧୦ ୱିକେଟ୍‌ରେ ପରାଜୟବରଣ କରିଛି । ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୩୫ ଓଭରରେ ୮ ୱିକେଟ୍ ହରାଇ ୭୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭଲକ୍ଷ୍ମୀ ସିଂ ୨୬ ଓ ଇପ୍‌ସିତା ପରିଡ଼ା ୧୨ ରନ କରିଥିଲେ । ଜବାବରେ ଆନ୍ଧ୍ର ପ୍ରଦେଶ ୧୭.୪ ଓଭରରେ କୌଣସି ୱିକେଟ୍ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ଭି ସେଥୁ ସାଇ ୪୨ ଓ ବିଦ୍ୟାଶ୍ରୀ ୨୫ ରନ କରି ଅପରାଜିତ ରହି ଦଳକୁ ବଡ଼ ବିଜୟ ଦେଇଥିଲେ ।

---

## କ୍ରୀଡ଼ା ପ୍ରଶିକ୍ଷକଙ୍କ କର୍ମଶାଳା

କଟକ, ୨୫।୧୧ (ସମିସ): କ୍ରୀଡ଼ା ଭାରତୀ ଆନୁକୂଲ୍ୟରେ ପୂର୍ବଭାରତ କ୍ରୀଡ଼ା କେନ୍ଦ୍ର ପ୍ରଶିକ୍ଷକଙ୍କର ଏକ କର୍ମଶାଳା ଗତିରାଉତପାଟଣାସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏହି କର୍ମଶାଳା ୩ ଦିନ ଧରି ଅନୁଷ୍ଠିତ ହେବ । ଏଥିରେ ପୂର୍ବଭାରତ ଏବଂ ବିହାର କ୍ଷେତ୍ରରୁ ୬୨ ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶା ପ୍ରଦେଶ କ୍ରୀଡ଼ା ଭାରତୀ ସଂଗଠନର ସଭାପତି ଦାମୋଦର ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ପ୍ରସାଦ ମହାନଙ୍କର, ଯୁଗ୍ମ ସମ୍ପାଦକ ମଧୁମୟନାଥ, ଓଡ଼ିଶା ପ୍ରଦେଶ ସମ୍ପାଦକ ରଘୁନାଥ ସାହୁ, ଉପାଧ୍ୟକ୍ଷ ଡଃ. ଅଶୋକ କୁମାର ନାୟକ, ମହାନଦୀ ବିହାର ଶିଶୁମନ୍ଦିର ସମ୍ପାଦକ ବିଷ୍ଣୁଚରଣ ନାୟକ, ଗତିରାଉତପାଟଣା ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା ଓ ପଶ୍ଚିମବଙ୍ଗ ରାମକୃଷ୍ଣ ମିଶନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ. ଦେବବ୍ରତ ସାହୁ ଅତିଥିଭାବେ ଯୋଗ ଦେଇଥିଲେ । ଓଡ଼ିଶା କ୍ରୀଡ଼ା ଭାରତୀ ସଂଯୋଜକ ମହାଦେବ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଡଃ. ଅଳକା ମିଶ୍ର ଓ କ୍ରୀଡ଼ା ଭାରତୀ ଓଡ଼ିଶା ପୂର୍ବପ୍ରାନ୍ତ ସମ୍ପାଦକ ଅମ୍ବିକା ପ୍ରସାଦ ରାୟ ଉଦ୍‌ଘାଟନୀ ଉତ୍ସବ ପରିଚାଳନା କରିଥିଲେ । ଏହି କର୍ମଶାଳାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ନିୟମ, କ୍ରୀଡ଼ା ଶୈଳୀ, ଶାରୀରିକ ଦକ୍ଷତା ବୃଦ୍ଧି ଓ ବିଭିନ୍ନ କେନ୍ଦ୍ରର ପରିଚାଳନାଗତ ବ୍ୟବସ୍ଥା ସମ୍ପର୍କରେ ଶିକ୍ଷାଦାନ କରାଯିବ ।




---

**ବିଜୟ ହଜାରେ ଟ୍ରଫି**

## 'ଭିଜେଡି' ପଦ୍ଧତିରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୨୫ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ୨୧ତମ ସଂସ୍କରଣର ୨ୟ ରାଉଣ୍ଡ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳକୁ ପ୍ରଥମ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ବେଙ୍ଗାଲୁରୁର କେଏସ୍‌ସିଏ କ୍ରିକେଟ୍ ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଗ୍ରୁପ୍-ଏ ମ୍ୟାଚରେ ଓଡ଼ିଶା ଭିଜେଡି (ଭି ଜୟଦେବ) ପଦ୍ଧତିରେ ୨୪ ରନରେ ରେଲବାଇ ନିକଟରୁ ପରାସ୍ତ ହୋଇଛି । ଫଳରେ ଓଡ଼ିଶା ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ୨ ପଏଣ୍ଟ ପାଇ ଗ୍ରୁପ୍-ଏ'ରେ ମୁମ୍ବାଇ (୪) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି । ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ସୋମବାର କେରଳକୁ ଭେଟିବ ।

ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ରେଲବାଇ ଅଧିନାୟକ ଉପେନ୍ଦ୍ର ଯାଦବ ବୋଲିଂ ନିଷ୍ପତ୍ତି ନେଇଥିଲେ । ତେବେ କୋହଲା ପାଗରୁ ଫାଇଦା ଉଠାଇ ଓଡ଼ିଶା ଦ୍ରୁତ ବୋଲରମାନେ ରେଲବାଇର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ସଫଳ ହୋଇଥିଲେ । ୫୪ ରନରେ ୫ ଓ ୭୩ ରନରେ ୬ ୱିକେଟ୍ ହରାଇବା ପରେ ରେଲବାଇ ୧୦୦ ରନ ଅତିକ୍ରମ କରିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା । ତେବେ ଭେଟେରାନ କର୍ନ ଶର୍ମା ଓ ପ୍ରଥମ ସିଂ ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ରେଲବାଇ ୪୦ ଓଭରରେ ୧୯୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । କର୍ନ ୬୭ ବଲରେ ୭୨ ଓ ପ୍ରଥମ ୬୫ ବଲରେ ୫୦ ରନ କରିଥିଲେ । ଓଡ଼ିଶା ପକ୍ଷରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୪, ରାଜେଶ ମହାନ୍ତି ୩, ପ୍ରୟାସ ସିଂ ୨ ଓ ହର୍ଷିତ ରାଠୋଡ ଗୋଟିଏ ୱିକେଟ୍ ପାଇଥିଲେ ।




ଦେବବ୍ରତ ପ୍ରଧାନ

ଜବାବରେ ଓଡ଼ିଶା ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ୧୭ ରନରେ ଶାନ୍ତନୁ ମିଶ୍ର (୨ ରନ), ଶୁଭ୍ରାଂଶୁ ସେନାପତି (୪) ଓ ଅନୁରାଗ ଷଡ଼ଙ୍ଗୀ (୯)ଙ୍କ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା । କିନ୍ତୁ ଅଧିନାୟକ ବିପ୍ଳବ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କରି ପାଳି ସମ୍ଭାଳି ଆସୁଥିବାବେଳେ ବର୍ଷା ବାଧକ ସାଜିଥିଲା । ସେତେବେଳକୁ ଓଡ଼ିଶା ୨୦.୨ ଓଭରରେ ୪ ୱିକେଟ୍ ହରାଇ ୬୭ ରନ କରିଥିଲା । ବିପ୍ଳବ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୪୯ ବଲରୁ ୪୧ ଓ ଅଭିଷେକ ଯାଦବ ୨ ରନ କରି ବ୍ୟାଟିଂ କରୁଥିଲେ । ଏହାପରେ ଖେଳ ଆଉ ସମ୍ଭବପର ନ ହେବାରୁ ଭିଜେଡି ପଦ୍ଧତିର ସହାୟତା ନିଆଯାଇଥିଲା । ଏଥିରେ ଓଡ଼ିଶା ୨୪ ରନ ପଛରେ ରହି ପରାଜୟବରଣ କରିଥିଲା ।

### ସଂକ୍ଷିପ୍ତ ସ୍କୋର

**ରେଲବାଇ:** ୧୯୩/୧୦, ୪୦ ଓଭର (କର୍ନ ଶର୍ମା- ୭୨, ପ୍ରଥମ- ୫୦, ଯୁବରାଜ- ୧୬, ଦେବବ୍ରତ- ୪/୩୫, ରାଜେଶ- ୩/୩୪) ।

**ଓଡ଼ିଶା:** ୬୭/୪, ୨୦.୨ ଓଭର (ବିପ୍ଳବ- ୪୧*, ଅନୁରାଗ- ୯, କାର୍ତ୍ତିକ ବିଶ୍ୱାଳ- ୬, ଶୁଭ୍ରାଂଶୁ- ୪, ରାହୁଲ ଶର୍ମା- ୨/୧୧) ।

---

**ଜାତୀୟ ବରିଷ୍ଠ ପୁରୁଷ ହକି**

## କ୍ୱାର୍ଟରରେ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୫।୧୧ (ସମିସ): ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠିତ ଖେଳାଳି ଅମିତ ରୋହିଦାସ, ଦୀପସାନ ତିର୍କୀ, ନୀଲମ ସଞ୍ଜୀପ ଖେସ୍, ଶିଳାନନ୍ଦ ଲାକ୍ରା ଓ ପୂର୍ବତନ ଅନ୍ତର୍ଜାତୀୟ ଫରୱାର୍ଡ ଖେଳାଳି ରୋଶନ ମିଞ୍ଜଙ୍କ ପରି ଖେଳାଳି ଥିଲେ ମଧ୍ୟ ଚେନ୍ନଇରେ ଚାଲିଥିବା ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଓଡ଼ିଶା ବାଦ୍ ପଡ଼ିଛି । ଶନିବାର ଖେଳାଯାଇଥିବା ପ୍ରତିଦ୍ୱନ୍ଦ୍ୱିତାମୂଳକ ମୁକାବିଲାରେ ଉଭୟ ଓଡ଼ିଶା ଓ ହରିୟାଣା ଦଳ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ସମାନସ୍ତରରେ ରହିଥିଲେ । ଓଡ଼ିଶା ପକ୍ଷରୁ ଅଧିନାୟକ ଅମିତ ରୋହିଦାସ ୨୨ତମ ମିନିଟ୍‌ରେ ଓ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ୪୩ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ । ପ୍ରଥମ କ୍ୱାର୍ଟରରେ ହରିୟାଣା ପକ୍ଷରୁ ସଞ୍ଜୟ ୨ଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର କରିଥିଲେ । ୨-୨ ଗୋଲରେ ଖେଳ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟଆଉଟର ସହାୟତା ନିଆଯାଇଥିଲା । ଏଥିରେ ହରିୟାଣା ୩ଟି ଏବଂ ଓଡ଼ିଶା ୨ଟି ଗୋଲ ଦେବାରେ ସମର୍ଥ ହୋଇଥିଲା । ଓଡ଼ିଶା ପକ୍ଷରୁ ଆଶିଷ ଟପ୍ପୋ ଓ କେରୋବିନ ଲାକ୍ରା ଗୋଲ ଦେବାରେ ସମର୍ଥ ହୋଇଥିଲେ । ଶିଳାନନ୍ଦ, ଦୀପସାନ, ନୀଲମ ସଞ୍ଜୀପ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଶିଷ ଗୋଲ ଦେବାରେ ଅସମର୍ଥ ହୋଇଥିଲେ । ହରିୟାଣା ପକ୍ଷରୁ ଅଭିଷେକ ଗୋଲ ଦେଇ ଦଳକୁ ଜିତାଇଥିଲେ । ବିଜୟୀ ଦଳର ରକ୍ଷଣଭାଗ ଶକ୍ତିଶାଳୀ ଥିବାରୁ ଭାରତୀୟ ଫରୱାର୍ଡ ଖେଳାଳି ଆଗେଇ ପାରି ନ ଥିଲେ ।

ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ହକି କର୍ଣ୍ଣାଟକ ୪-୧ ଗୋଲରେ ହକି ଝାଡଖଣ୍ଡକୁ ପରାସ୍ତ କରିଥିଲା । ସେହିପରି ହକି ତାମିଲନାଡୁ ୩-୨ ଗୋଲରେ ହକି ଉତ୍ତରପ୍ରଦେଶକୁ ଓ ହକି ପଞ୍ଜାବ ୪-୨ ଗୋଲରେ ହକି ମଣିପୁରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି । ସୋମବାର ହରିୟାଣା ଓ ତାମିଲନାଡୁ ମଧ୍ୟରେ ପ୍ରଥମ ସେମିଫାଇନାଲ, କର୍ଣ୍ଣାଟକ ଓ ପଞ୍ଜାବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ ।






# ସ୍ମରଣୀୟ ବିଶ୍ୱକପ୍ ୨୦୨୩

**ଭାରତରେ ଅକ୍ଟୋବର ୫ରୁ ଆରମ୍ଭ ହୋଇ ନଭେମ୍ବର ୧୯ରେ ଶେଷ ହୋଇଛି ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୩ତମ ସଂସ୍କରଣ। ଏହା ମଧ୍ୟରେ ୪୬ ଦିନର ଖେଳରେ ୪୮ଟି ଦମ୍‌ଦାର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଆଶ୍ଚର୍ଯ୍ୟକଲା ଭଳି ଅନେକ ଘଟଣା ଘଟିଯାଇଛି। ଅନେକ ଦଳ ଜିତିବା ମ୍ୟାଚ୍‌କୁ ହାରିଯାଇଛନ୍ତି ତ ଆଉ କେତେକ ଦଳ ସେମାନଙ୍କଠାରୁ ଶ୍ରେଷ୍ଠ ଦଳକୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଫାଇନାଲରେ ଭାରତର ପରାଜୟ କୋଟି କୋଟି ସମର୍ଥକଙ୍କ ହୃଦୟ ଭାଙ୍ଗିଦେଇଛି। ଏପରି ଅନେକ ଘଟଣା ଘଟିଥିଲେ ମଧ୍ୟ ଦିନିକିଆ କ୍ରିକେଟରେ ବିରାଟ କୋହଲିଙ୍କ ୫୦ତମ ଶତକ ହାସଲ ଓ ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସଙ୍କ ଟାଇମ୍‌ଡ ଆଉଟ ଚଳିତ ବିଶ୍ୱକପ୍‌ର ସବୁଠାରୁ ସ୍ମରଣୀୟ ଘଟଣା ମଧ୍ୟରେ ଅନ୍ୟତମ।**

## ସଚିନଙ୍କୁ ଟପିଲେ ବିରାଟ

ଦିନିକିଆ କ୍ରିକେଟରେ ସଚିନ ତେନ୍ଦୁଲକରଙ୍କ ସର୍ବାଧିକ ୪୯ଟି ଶତକର ରେକର୍ଡ କେବେ ଭାଙ୍ଗିବ ତାହାକୁ ନେଇ ବିଶ୍ୱରେ ଅନେକ ଚର୍ଚ୍ଚା ହୋଇଥିଲା। ଶେଷରେ ଏହି ସମୟ ଉପନୀତ ହେଲା ଚଳିତ ବିଶ୍ୱକପ୍‌ରେ। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଭାରତର ବିରାଟ କୋହଲି ୫୦ତମ ଶତକ ହାସଲ କରି ସଚିନଙ୍କ ରେକର୍ଡ ଅତିକ୍ରମ କରିବାରେ ସମର୍ଥ ହୋଇଥିଲେ। କେବଳ ଏତିକି ନୁହେଁ, ଗୋଟିଏ ବିଶ୍ୱକପ୍‌ରେ କୋହଲି ୭୬୫ ରନ୍ କରି ତେନ୍ଦୁଲକରଙ୍କ ୬୭୩ ରନ୍‌ର ରେକର୍ଡକୁ ମଧ୍ୟ ଅତିକ୍ରମ କରିଥିଲେ।

## ମ୍ୟାକ୍ସୱେଲଙ୍କ ପାଗଳାମି

ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୨୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଅଷ୍ଟ୍ରେଲିଆ ୯୧ ରନ୍‌ରେ ୭ଟି ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଅଷ୍ଟ୍ରେଲିଆର ସୁପରଷ୍ଟାର ଗ୍ଲେନ୍ ମ୍ୟାକ୍ସୱେଲ ଏଥିରେ ହସ୍ତକ୍ଷେପ କରିଥିଲେ। ପରାଜୟର ସାମ୍ନା କରିବାର ପ୍ରବଳ ଚାପ ତାଙ୍କୁ ସାମାନ୍ୟତମ ପ୍ରଭାବିତ କରିପାରି ନ ଥିଲା। ସେ ଏପରି ଖେଳିଥିଲେ ଯେ ବଲ ତାଙ୍କ ବ୍ୟାଟରେ ବାଜିଲେ ବାଉଣ୍ଡରୀ ହୋଇଯାଉଥିଲା। ଅଧିନାୟକ ପ୍ୟାଟ କମିନ୍ସ ୬୮ ବଲ୍‌ରେ ୧୨ ରନ୍ କରି ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ଶାରୀରିକ ଦୁର୍ବଳତା, ମାଂସପେଶୀରେ ଯନ୍ତ୍ରଣା ଏହି ୩୫ ବର୍ଷୀୟ ବ୍ୟାଟରଙ୍କୁ ଦ୍ୱିଶତକ ହାସଲ କରିବାରୁ ଅଟକାଇ ପାରି ନଥିଲା। ବିଶ୍ୱର ପ୍ରଥମ ବ୍ୟାଟର ଭାବେ ସେ ୨୧ଟି ଚୌକା ଓ ୧୦ଟି ଛକା ମାରି ବିଶ୍ୱକପରେ ପ୍ରଥମ ଦ୍ୱିଶତକ ହାସଲ କରି ଅଷ୍ଟ୍ରେଲିଆକୁ ୩ ୱିକେଟରେ ମ୍ୟାଚ୍ ଜିତାଇଥିଲେ। ଏହି ବିଜୟରୁ ଅଷ୍ଟ୍ରେଲିଆ ଯେଉଁ ଆତ୍ମବିଶ୍ୱାସ ପାଇଥିଲା, ତାହାକୁ ଟାଇଟଲ ମୁକାବିଲାରେ କାମରେ ଲଗାଇ ଷଷ୍ଠଥର ଚାମ୍ପିଅନ ହୋଇଥିଲା।

## ଭାରତୀୟ ବୋଲରଙ୍କ କମାଲ

ଚଳିତ ବିଶ୍ୱକପ୍‌ରେ ଭାରତୀୟ ବୋଲର ଯେଉଁ କାରନାମା କରିଛନ୍ତି, ତାହା କେହି ଆଶା କରି ନ ଥିଲେ। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ବୋଲରଙ୍କ ଯାଦୁ ଦେଖିବାକୁ ମିଳିଥିଲା। ଯାହା ଫଳରେ ପ୍ରତିପକ୍ଷ ଶ୍ରୀଲଙ୍କା ମାତ୍ର ୫୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫାଷ୍ଟ ବୋଲର ବୁମ୍‌ରା, ସାମି ଓ ସିରାଜଙ୍କ ପ୍ରଚେଷ୍ଟାରେ ଶ୍ରୀଲଙ୍କାର ପ୍ରଥମ ୫ଜଣ ବ୍ୟାଟର ମିଳିତଭାବେ ୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ଭାରତ ଏହି ମ୍ୟାଚ୍‌କୁ ୩୦୨ ରନ୍‌ରେ ଜିତିଥିଲା। ସେହିପରି ଦକ୍ଷିଣ ଆଫ୍ରିକାକୁ ମାତ୍ର ୮୩ ରନ୍‌ରେ ଆଉଟ କରିବା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସାମି ୭ଟି ୱିକେଟ ନେବା ବୋଲରଙ୍କ ଚମତ୍କାରିତା ଯୋଗୁ ସମ୍ଭବ ହୋଇଥିଲା।

## ଆଞ୍ଜେଲୋ ମାଥ୍ୟୁସ୍‌ଙ୍କ ଟାଇମ୍‌ଡ ଆଉଟ

୧୪୬ ବର୍ଷର ଅନ୍ତର୍ଜାତୀୟ କ୍ରିକେଟରେ ଯାହା ଦେଖିବାକୁ ମିଳି ନ ଥିଲା, ତାହା ଚଳିତ ବିଶ୍ୱକପ୍‌ରେ ସମ୍ଭବ ହୋଇଛି। ଶ୍ରୀଲଙ୍କାର ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ବିଶ୍ୱର ପ୍ରଥମ ବ୍ୟାଟର ଭାବେ ଟାଇମ୍‌ଡ ଆଉଟ ହୋଇଛନ୍ତି। ବାଂଲାଦେଶ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ମାଥ୍ୟୁସ ନିର୍ଦ୍ଧାରିତ ୨ ମିନିଟ୍ ବ୍ୟବଧାନରେ ବ୍ୟାଟିଂ ଲାଗି ପ୍ରସ୍ତୁତ ହୋଇ ନପାରିବାରୁ ତାଙ୍କୁ ଟାଇମ୍‌ଡ ଆଉଟ ଘୋଷଣା କରାଯାଇଥିଲା। ବାଂଲାଦେଶର ଅଧିନାୟକ ସାକିବ ଅଲ୍ ହସନଙ୍କ ଆବେଦନ ଉପରେ ଦୁଇ ଅମ୍ପାୟାର ଏହି ନିଷ୍ପତ୍ତି ନେଇଥିଲେ, ଯାହାକି ବିଶ୍ୱକପ୍ ଓ ସମସ୍ତ ଦିନିକିଆ କ୍ରିକେଟ ଇତିହାସରେ ପ୍ରଥମ ଘଟଣା। ବାଂଲାଦେଶ ଅଧିନାୟକ ସାକିବଙ୍କୁ ଏହି ଆବେଦନରୁ ଓହରିବା ଲାଗି ମାଥ୍ୟୁସଙ୍କ ନିବେଦନ କିମ୍ବା ଅମ୍ପାୟାରଙ୍କ ସହ ଯୁକ୍ତିତର୍କ ତାଙ୍କୁ ଏହି ନକାରାତ୍ମକ ରେକର୍ଡରୁ ବଞ୍ଚିତ କରାଇ ପାରି ନ ଥିଲା।



## ଆଫଗାନିସ୍ତାନ ଓ ନେଦରଲାଣ୍ଡସର ପ୍ରଭାବୀ ପ୍ରଦର୍ଶନ

ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ଭଳି ଦଳକୁ ପଛରେ ପକାଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ନେଦରଲାଣ୍ଡସ ଓ ଶକ୍ତିସାମର୍ଥ୍ୟ ଗୋଟାଇଥିବା ଆଫଗାନିସ୍ତାନ ଚଳିତ ବିଶ୍ୱକପ୍‌ରେ ସେମାନଙ୍କ କ୍ରିକେଟ ଖେଳର ଛାପ ଛାଡ଼ିବାରେ ସମର୍ଥ ହୋଇଥିଲେ। ବିଶ୍ୱ ଚାମ୍ପିଅନ୍ ଇଂଲଣ୍ଡ, ପୂର୍ବ ଚାମ୍ପିଅନ ପାକିସ୍ତାନ ଓ ଶ୍ରୀଲଙ୍କାକୁ ହରାଇ ଆଫଗାନିସ୍ତାନ ଏକଦା ସେମିଫାଇନାଲ ଖେଳିବାକୁ ଦୌଡ଼ରେ ରହିଥିଲା। ସେହିପରି ଟେଷ୍ଟ ଖେଳୁ ନ ଥିବା ଦେଶ ମଧ୍ୟରେ ନେଦରଲାଣ୍ଡସ ମଧ୍ୟ ଦମ୍ ଦେଖାଇଥିଲା। ଏହି ଦଳ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ୩୮ ରନ୍‌ରେ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ପୂର୍ବରୁ ଏଭଳି ପ୍ରଦର୍ଶନ କ୍ରିକେଟ ଖେଳୁଥିବା ଦୁର୍ବଳ ଦେଶଗୁଡିକ ଠାରୁ ଦେଖିବାକୁ ମିଳି ନଥିଲା। ଉଭୟ ଦଳ ଏହି ବିଶ୍ୱକପ୍‌ରେ କିଛି ସ୍ମରଣୀୟ ପ୍ରଦର୍ଶନ କରିଥିଲେ।

## କପିଳଙ୍କ ପ୍ରଦର୍ଶନ ଦୋହରାଇଲେ ହେଡ୍

୧୯୮୩ ବିଶ୍ୱକପ୍ ଫାଇନାଲରେ ୱେଷ୍ଟଇଣ୍ଡିଜ୍‌ର ଦୁର୍ଦ୍ଧର୍ଷ ବ୍ୟାଟର ଭିଭିଆନ ରିଚାର୍ଡ୍‌ସଙ୍କୁ ଆଉଟ କରିବା ଲାଗି ୩୦ ମିଟର ଦୌଡ଼ି ଦୌଡ଼ି କ୍ୟାଚ୍ ନେଇଥିଲେ କପିଳ ଦେବ। ଏହି ୱିକେଟ ସହ ଭାରତ ଜିତିଥିଲା ପ୍ରଥମ ବିଶ୍ୱକପ୍। ସେହିପରି ଚଳିତ ବିଶ୍ୱକପ୍‌ରେ ଭାରତର ବିସ୍ଫୋରକ ବ୍ୟାଟର ରୋହିତ ଶର୍ମାଙ୍କ କ୍ୟାଚ୍ ନେବା ଲାଗି ଅଷ୍ଟ୍ରେଲୀୟ ଓପନର ଟ୍ରାଭିସ୍ ହେଡ ୨୦ ମିଟର ଦୂରତାକୁ ଦୌଡ଼ି ଥିଲେ। ଏହି କ୍ୟାଚ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା ଓ ରୋହିତଙ୍କ ଆଉଟ ପରେ ଭାରତୀୟ ବ୍ୟାଟର ମନ୍ଥର ହୋଇଯାଇଥିଲେ। ପରେ ହେଡ୍ ୧୩୭ ରନ୍‌ର ପାଳି ଖେଳି ଭାରତକୁ ପରାଜିତ କରିଥିଲେ। ଜିତି ଜିତି ଭାରତ ଫାଇନାଲ ମ୍ୟାଚ୍ ହାରିଯାଇଥିଲା। ଭାରତର ପରାଜୟ ସହ କୋଟି କୋଟି ସମର୍ଥକଙ୍କ ହୃଦୟ ଭାଙ୍ଗିଯାଇଥିଲା। ଅଷ୍ଟ୍ରେଲିଆ ଷଷ୍ଠଥର ଚାମ୍ପିଅନ ହୋଇ ରେକର୍ଡ ସୃଷ୍ଟି କରିଥିଲା।




# ସୂର୍ଯ୍ୟଙ୍କୁ ଅଟକାଇବାର ସୂତ୍ର ହେଡେନଙ୍କ ପାଖରେ




ସୂର୍ଯ୍ୟକୁମାର ଯାଦବ ଟି-୨୦ ଫର୍ମାଟ୍‌ରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟାଟର ଏକଥା ସମସ୍ତେ ଜାଣନ୍ତି। ସେ ଦୀର୍ଘଦିନ ହେବ ଟି-୨୦ ମାନ୍ୟତାର ବ୍ୟାଟିଂ ତାଲିକାର ନଂ-୧ ସ୍ଥାନ ଅକ୍ତିଆର କରି ରଖିଛନ୍ତି। ଟି-୨୦ ମ୍ୟାଚ୍‌ରେ ତାଙ୍କୁ ନିୟନ୍ତ୍ରଣ କରିବା ନିହାତି କଷ୍ଟକର। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସେ ୪୨ଟି ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୪ ଛକା ସହ ୮୦ ରନର ବିସ୍ଫୋରକ ପାଳି ଖେଳି ଭାରତକୁ ବିଜୟୀ କରାଇବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତେବେ ଟି-୨୦ ଫର୍ମାଟରେ ତାଙ୍କୁ ଆଉଟ କରିବାର ଫର୍ମୁଲା ପୂର୍ବତନ ଅଷ୍ଟ୍ରେଲୀୟ ଓପନର ମାଥ୍ୟୁ ହେଡେନଙ୍କ ପାଖରେ ରହିଛି। ପ୍ରଥମ ଟି-୨୦ରେ ବ୍ୟାଟିଂ କରୁଥିବା ବେଳେ ସୂର୍ଯ୍ୟଙ୍କୁ କିପରି ଅଟକାଇ ହେବ ବୋଲି ପୂର୍ବତନ ଭାରତୀୟ କୋଚ୍ ରବିଶାସ୍ତ୍ରୀ ସାଥି ଭାଷ୍ୟକାର ହେଡେନଙ୍କୁ ପଚାରିଥିଲେ। ଜବାବରେ ହେଡେନ ଏକ ମଜାକିଆ ଉତ୍ତର ଦେଇଥିଲେ। ଏହା ଏକ ଦିନିକିଆ ମ୍ୟାଚ୍ ବୋଲି ତାଙ୍କୁ କିଏ କୁହନ୍ତୁ ବୋଲି ହେଡେନ କହିଥିଲେ। ଏହା ହେଲେ ସୂର୍ଯ୍ୟ ଆପେ ଆଉଟ ହୋଇଯିବା ବା ନିୟନ୍ତ୍ରଣକୁ ଆସିବେ ବୋଲି ହେଡେନ ପରୋକ୍ଷରେ ଉତ୍ତର ଦେଇଥିଲେ। ହେଡେନ ଓ ଶାସ୍ତ୍ରୀଙ୍କ ବାର୍ତ୍ତାଳପକୁ ପାକିସ୍ତାନ ଦ୍ରୁତ ବୋଲର ସୋଏବ ଅଖତାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ହସିବାର ଇମୋଜି ସହ ସେୟାର କରିଛନ୍ତି। ଦିନିକିଆ ଫର୍ମାଟରେ ସୂର୍ଯ୍ୟଙ୍କ ପ୍ରଦର୍ଶନ ଟି-୨୦ ଭଳି ହୋଇ ନଥିବାରୁ ହେଡେନ ତାଙ୍କୁ ଟ୍ରୋଲ କରି ଏଭଳି କହିଛନ୍ତି। ନିକଟରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ସେ ୭ଟି ମ୍ୟାଚ୍ ଖେଳି ୧୭.୬୬ ରନ ହାରରେ ମାତ୍ର ୧୦୬ ରନ ସଂଗ୍ରହ କରିଛନ୍ତି। ଅଭିଜ୍ଞ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ସେ ପ୍ରଥମଥର ପାଇଁ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତର ନେତୃତ୍ୱ ନେଉଛନ୍ତି।






# ପତ୍ନୀଙ୍କୁ 'ସୋର୍ଡ ସେଲିବ୍ରେସନ' ଶିଖାଇଲେ ଜାଡେଜା

ଅଭିଜ୍ଞ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଯେତେବେଳେ ଶତକ କିମ୍ବା ଅର୍ଦ୍ଧଶତକ ହାସଲ କରିନ୍ତି ସେତେବେଳେ ସେ ଖଣ୍ଡା ଭଳି ବ୍ୟାଟକୁ ବୁଲାଇ ଖୁସି ମନାଇଥାନ୍ତି। ଏହାକୁ 'ସୋର୍ଡ ସେଲିବ୍ରେସନ' କୁହାଯାଇଥାଏ। ଜାଡେଜା ରାଜପୁତ ହୋଇଥିବାରୁ ଖଣ୍ଡା ବୁଲାଇବା ତାଙ୍କ ପାଇଁ ଏକ ସାଧାରଣ କଥା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଜାଜେଡା ପତ୍ନୀ ରିଭାବାଙ୍କୁ 'ସୋର୍ଡ ସେଲିବ୍ରେସନ' ଶିଖାଇଛନ୍ତି। ରିଭାବା ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଏହାକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। 'ମୁକୁଟ ଅପେକ୍ଷା ସବୁବେଳେ ଖଣ୍ଡାକୁ ପସନ୍ଦ କରିଥାଉ' ବୋଲି ଫଟୋ କ୍ୟାପସନରେ ସେ ଉଲ୍ଲେଖ କରିଛନ୍ତି। କିନ୍ତୁ ରିଭାବା ଏହି କଳା କେତେ ଶିକ୍ଷା କରିଛନ୍ତି ସେ ନେଇ କିଛି ଉଲ୍ଲେଖ କରିନାହାନ୍ତି। ରିଭାବା ଗୁଜରାଟର ଜାମନଗର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟିକା ଅଛନ୍ତି। ଗତବର୍ଷ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସକୁ ହରାଇ ଚେନ୍ନାଇ ସୁପର କିଙ୍ଗ୍‌ସ ଟାଇଟଲ ଜିତିବା ପରେ ରିଭାବା ପଡ଼ିଆରେ ଜାଡେଜାଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ ଓ ବହୁତ ପ୍ରଶଂସା ସାଉଁଟି ଥିଲେ। ଏବେ ରିଭାବାଙ୍କ 'ସୋର୍ଡ ସେଲିବ୍ରେସନ' ଶିକ୍ଷାକୁ ପ୍ରଶଂସକ ପସନ୍ଦ କରିଛନ୍ତି।

### ଆଜି ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟି-୨୦

# ବୋଲିଂ ବାହିନୀକୁ ନେଇ ଚିନ୍ତିତ ଭାରତ

ଥିରୁଅନନ୍ତପୁରମ, ୨୫।୧୧(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମୁକାବିଲା ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବ। ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଯେପରି ପିଚ୍ ଫ୍ଲାଟ ଥିଲା, ଏଠାରେ ମଧ୍ୟ



ସମାନ ଅବସ୍ଥା। କେବଳ ଏଠାରେ ସ୍ପିନ ବୋଲରଙ୍କ କିଛିଟା ଭଲ ପ୍ରଦର୍ଶନ ରହିଛି। ମ୍ୟାଚ୍ ପୂର୍ବରୁ ଅର୍ଥାତ୍ ଶନିବାର ଏଠାରେ ଭଲଧରଣର ବର୍ଷା ହେବାରୁ ପଡ଼ିଆରେ କିଛି ସ୍ଥାନରେ ପାଣି ଜମି ରହିଛି। ରବିବାର ସନ୍ଧ୍ୟାରେ ମଧ୍ୟ ବର୍ଷା ହେବାର ଆଶଙ୍କା ରହିଛି। ଏଣୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ଆଶଙ୍କାକୁ ଏଡ଼ାଇଦେଇ ହେବ ନାହିଁ।

ପ୍ରଥମ ଟି-୨୦ରେ ଭାରତ ଅଳ୍ପକେ ବିଜୟୀ ହୋଇଥିଲା। ବିଜୟ ବ୍ୟବଧାନ ଥିଲା ୨ ୱିକେଟ। କିନ୍ତୁ ଅଷ୍ଟ୍ରେଲିଆ ଏତେ ବଡ଼ ସ୍କୋର କରିବାରେ ଭାରତୀୟ ବୋଲରଙ୍କ ପ୍ରଭାବହୀନ ପ୍ରଦର୍ଶନକୁ ଦାୟୀ କରାଯାଉଛି। ଦଳରେ ସ୍ଥାନ ପାଇଥିବା ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା ଓ ଲେଗ୍ ସ୍ପିନର ରବି ବିଷ୍ଣୋଇ ସଂଘର୍ଷ କରିଥିଲେ। ୩ଜଣ ଯାକ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଏମାନେ ମିଳିତ ଭାବେ ୧୨

**ମ୍ୟାଚ୍ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ସ୍ପୋର୍ଟ୍ସ ୧୮ ଓ ଜିଓ ସିନେମା**

ଓଭର ବୋଲିଂ କରି ୧୪୫ ରନ୍ ବ୍ୟୟ କରିଥିଲେ। ଏହାର ଅର୍ଥ ଏମାନେ ଓଭର ପ୍ରତି ୧୨ ରନ୍ ଲେଖାଏଁ ଦେଇଥିଲେ। ଏଭଳି ବୋଲିଂ କଲେ ଭାରତକୁ ମ୍ୟାଚ ଜିତିବା କଷ୍ଟକର। କେବଳ ପେସର ମୁକେଶ କୁମାର ଓ ବାମହାତୀ ସ୍ପିନର ଅକ୍ଷର ପଟେଲ କିଛିଟା ମିତବ୍ୟୟୀ ଓ ନିୟନ୍ତ୍ରିତ ବୋଲିଂ କରିବା ଫଳରେ ଦଳ ମ୍ୟାଚ୍‌ରେ ନିୟନ୍ତ୍ରଣ ରଖିବାରେ ସମର୍ଥ ହୋଇଥିଲା। ବିଷ୍ଣୋଇଙ୍କ ସ୍ଥାନରେ ଅଫ୍ ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସୁଯୋଗ ମିଳିବାର ସୁଯୋଗ ରହିଛି। କିନ୍ତୁ ଅନ୍ୟ କୌଣସି ବୋଲରଙ୍କୁ ପରିବର୍ତ୍ତନ କରିବାର ସମ୍ଭାବନା କମ୍। ଏଣୁ ଏମାନଙ୍କୁ ମ୍ୟାଚ୍ ଜିତିବାକୁ ହେଲେ ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରିବାକୁ ହେବ।

ଦଳରେ ବ୍ୟାଟିଂ ସୁଦୃଢ଼ ରହିଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଦମ୍‌ଦାର ପ୍ରଦର୍ଶନ କରିଛି। ଟପ୍ ଅର୍ଡର ବ୍ୟାଟର ଇଶାନ କିଶାନ ଅଧିକ ଡଟ୍ ବଲ ଖେଳିଛନ୍ତି। ଏଥିରୁ ତାଙ୍କୁ ନିବୃତ ରହିବାକୁ ହେବ। କୌଣସି ବଲ ଖେଳିବା ପୂର୍ବରୁ ଋତୁରାଜ ଗାଏକ୍ୱାଡ୍ ରନ୍‌ଆଉଟ ହୋଇଯାଇଥିଲେ। ତାଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ଏଭଳି ଅଭାବନୀୟ ପରିସ୍ଥିତିକୁ ଏଡ଼ାଇବାକୁ ହେବ। ଯଶସ୍ୱୀ ଜୟସ୍ୱାଲ ଓ ତିଳକ ବର୍ମାଙ୍କୁ ବଡ଼ ସ୍କୋର କରିବାକୁ ହେବ। ରିଙ୍କୁ ସିଂ ମ୍ୟାଚ୍ ଫିନିସର ଭୂମିକା ନେଇଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଶ୍ୱସ୍ତ।



ଅନ୍ୟପକ୍ଷରେ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ଦଳର ୩ ପ୍ରମୁଖ ସଦସ୍ୟ ଟ୍ରାଭିସ ହେଡ୍, ଗ୍ଲେନ୍ ମ୍ୟାକ୍ସୱେଲ ଓ ଆଦାମ ଜାମ୍ପା ପ୍ରଥମ ମ୍ୟାଚ୍‌ରେ ଖେଳିନାହାନ୍ତି। ଯାହା ଫଳରେ ଜୋଶ ଇଂଲିଶ ଓ ଷ୍ଟିଭେନ ସ୍ମିଥଙ୍କୁ ପାଳି ଆରମ୍ଭ କରିବାକୁ ପଡ଼ିଥିଲା। ଏହି ୩ଜଣ ଦଳରେ ସାମିଲ ହେଲେ ଶକ୍ତିବୃଦ୍ଧି ହେବ। ଅଷ୍ଟ୍ରେଲିଆର ଶକ୍ତିଶାଳୀ ବ୍ୟାଟିଂ ବାହିନୀକୁ ଅଟକାଇବାକୁ ହେଲେ ଭାରତର ଅନଭିଜ୍ଞ ବୋଲରଙ୍କୁ କିଛିଟା ଚମତ୍କାରିତା ଦେଖାଇବାକୁ ପଡ଼ିବ। ଅଷ୍ଟ୍ରେଲିଆର ବୋଲରମାନେ ମଧ୍ୟ ବିଶାଖାପାଟଣାରେ ସଂଘର୍ଷ କରିଥିଲେ। ଏଠାରେ ପୂର୍ବ ତ୍ରୁଟିକୁ ସୁଧାରିବାକୁ ଉଭୟ ଦଳ ଚେଷ୍ଟା କରିବେ।

## ଆଇପିଏଲ୍-୨୦୨୪: ପୁଣି ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିପାରନ୍ତି ହାର୍ଦ୍ଦିକ

ମୁମ୍ବଇ, ୨୫।୧୧ (ଏଜେନ୍ସି): ଆଇପିଏଲ୍-୨୪ ଲାଗି ଖେଳାଳି ବଜାୟ ରଖିବା ଓ ରିଲିଜ କରିବାର ଚୂଡ଼ାନ୍ତ ତାରିଖ ରବିବାର ରହିଛି। ଅର୍ଥାତ୍ ରବିବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ ଆଗାମୀ ଆଇପିଏଲ୍ ପାଇଁ କେଉଁ ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଦଳରେ ବଜାୟ ରଖିଲେ ଓ କାହାକୁ ନିଲାମୀକୁ ଛାଡ଼ିଲେ। ଏହିକ୍ରମରେ ଏକ ବଡ଼ ଡିଲ୍ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପୁଣିଥରେ ମୁମ୍ବାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ଏବଂ ଏଥିଲାଗି ଟାଇଟନ୍ସକୁ ମୋଟା ଅଙ୍କର ଅର୍ଥରାଶି ମିଳିବ।



ଇଣ୍ଡିଆନ୍ସ ଫ୍ରାଞ୍ଚାଇଜ ପାଣ୍ଡ୍ୟାଙ୍କ ଲାଗି ୧୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ସେହିଭଳି ଗୁଜରାଟ ପାଣ୍ଡ୍ୟାଙ୍କ ବଦଳରେ ଅର୍ଥରାଶି ନେବାକୁ ନିଷ୍ପତ୍ତି ନେଇସାରିଛି। ଏନେଇ କୌଣସି ଅଫିସିଆଲି ଘୋଷଣା ହୋଇ ନ ଥିଲେ ମଧ୍ୟ ଡିଲ୍ ହୋଇଯାଇଛି ଏବଂ ରବିବାର ଏହା ସ୍ପଷ୍ଟ ହୋଇଯିବ। ଉଲ୍ଲେଖଯୋଗ୍ୟ, ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ହାର୍ଦ୍ଦିକ ମୁମ୍ବାଇ ପକ୍ଷରୁ ଖେଳିଥିଲେ।

## ଇଣ୍ଡିଆନ ସୁପର ଲିଗ୍: କେରଳ ବ୍ଲାଷ୍ଟର୍ସ ବିଜୟୀ

କୋଚି, ୨୫।୧୧(ଏଜେନ୍ସି):ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍)ର ଚଳିତ ୧୦ ସଂସ୍କରଣରେ ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ଦ୍ୱିତୀୟ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ୧-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ସେହିପରି ଚେନ୍ନଇରେ ଚେନ୍ନାଇନ୍ ଏଫସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଚେନ୍ନାଇନ୍‌ର ଆୟୁସ ଅଧିକାରୀ ୨୯ତମ ମିନିଟରେ ଆତ୍ମଘାତୀ ଗୋଲ ଦେଇ ଇଷ୍ଟ ବେଙ୍ଗଲକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ୮୬ତମ ମିନିଟ୍‌ରେ ଚେନ୍ନାଇନ୍‌ର ନିନ୍‌ଥୋଇନାଙ୍ଗବା ମେତେଇ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। କୋଚିରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ମିଲୋସ ଡ୍ରିନ୍‌କିକ୍ ୪୧ତମ ମିନିଟ୍‌ରେ କେରଳ ତରଫରୁ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ।


ନନ୍ଦିଘୋଷ CAREER Opportunities

NANDIGHOSHA Network Pvt. Ltd., a leading & fast-growing Odia News Channel invites applications for its Input department. Deserving candidates may send their CVs specifying positions applied for;

| Sl. No. | Positions | Experience |
|---|---|---|
| 1 | Reporter (Sports) | 1. Master in Journalism from a recognized institute. 2. 5 to 8 years of experience in sports reporting. Priority will be given to electronic media reporting. 3. He/She must have a knowledge of news with excellent writing & speaking skills. |
| 2 | Reporter | 1. Master in Journalism from a recognized institute. 2. Minimum 6 years of experience in news reporting. 3. He/She must have a knowledge of news with excellent writing & speaking skills. |

Please apply along with your detailed CV with recent passport size photo via e-mail to suhana.tabsum@nandighoshatv.com by 30th Nov, 2023.

*Only shortlisted candidates will be called for Personal Interview.

Sd/- HR Dept.


● ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ସୁରାକର୍ତ୍ତା, ୨୫।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଚାଲିଥିବା ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଛି। ଶନିବାର ଅନୁଷ୍ଠିତ ଦୁଇଟି କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ଓ ମାଲି ବିଜୟୀ ହୋଇ ସେମିକୁ ଉଠିଛନ୍ତି। ଫ୍ରାନ୍ସ ୧-୦ ଗୋଲରେ ଉଜବେକିସ୍ତାନକୁ ଓ ମାଲି ୧-୦ ଗୋଲରେ ମରୋକ୍କୋକୁ ହରାଇ ଅଗ୍ରଗତି କରିଛନ୍ତି। ୨୮ ତାରିଖରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିରେ ଫ୍ରାନ୍ସ ଓ ମାଲି ପରସ୍ପରକୁ ଭେଟିବେ। ସେହିପରି ଏହି ଦିନ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆମେରିକାର ପାୱାର ହାଉସ୍ ଆର୍ଜେଣ୍ଟିନା ଓ ୟୁରୋପୀୟ ଦଳ ଜର୍ମାନୀ ମୁହାଁମୁହିଁ ହେବେ। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୩-୦ ଗୋଲରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ବ୍ରାଜିଲକୁ ଓ ଜର୍ମାନୀ ୧-୦ ଗୋଲରେ ସ୍ପେନ୍‌କୁ ପରାସ୍ତ କରି ପରାସ୍ତ କରି ସେମିକୁ ଉଠିଥିଲେ। ଏଥର ଏହି ବିଶ୍ୱକପ୍‌ରେ ୬ଟି ଫୁଟବଲ ମହାସଂଘର ମୋଟି ୨୪ଟି ଦେଶ ଅଂଶଗ୍ରହଣ କରିଛନ୍ତି।

## ଓଡ଼ିଶା କନିଷ୍ଠ ବାଳିକା ହକି ଦଳକୁ କାଂସ୍ୟ

ଭୁବନେଶ୍ୱର, ୨୫।୧୧ (ସମିସ): ମାଲେସିଆରେ ଅନୁଷ୍ଠିତ ୨ୟ ମିର୍ନାୱାନ କପ୍‌ରେ ଓଡ଼ିଶା ୧୭ ବର୍ଷରୁ କମ୍ ବାଳିକା ହକି ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା କାଂସ୍ୟ ପଦକ ମ୍ୟାଚ୍‌ରେ ଓଡ଼ିଶା ବାଳିକା ଦଳ ୨-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଏହି ସଫଳତା ପାଇଛି। ଏଥିପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଦ୍ରୁପତି ନାଏକଙ୍କ ନେତୃତ୍ୱାଧୀନ ଓଡ଼ିଶା ୭-୦ ଗୋଲର ବଡ଼ ବ୍ୟବଧାନରେ ମାଲେସିଆ-ବି ଦଳକୁ ପରାସ୍ତ କରିଥିଲା।

## ଫାଇନାଲରେ ସାତ୍ତ୍ୱିକ-ଚିରାଗ

**ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ**

ଶେନ୍‌ଝେନ୍, ୨୫।୧୧(ଏଜେନ୍ସି): ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ୭୫୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କୁ ନେଇ ଗଠିତ ଭାରତୀୟ ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଯୁଗଳ ପ୍ରତିଯୋଗିତା ସେମି ଫାଇନାଲ ମୁକାବିଲାରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ଚୀନ୍ ଯୋଡି ୨୧-୧୫, ୨୨-୨୦ରେ ହେ ଜି ଟିଙ୍ଗ୍ ଓ ରେନ୍ ଜିଆଙ୍ଗ ୟୁଙ୍କୁ ମାତ୍ର ୫୦ ମିନିଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ଚଳିତ କ୍ୟାଲେଣ୍ଡର ବର୍ଷରେ ଏହି ଭାରତୀୟ ଯୋଡି ଗତ ୭ଟି ସେମିରୁ ୬ଟିରେ ବିଜୟୀ ହୋଇ ଜବରଦସ୍ତ ଫର୍ମରେ ଥିବା ସୂଚନା ଦେଇଛନ୍ତି। ପ୍ରଥମ ଗେମ୍ ଏକତରଫା ଥିବା ବେଳେ ଦ୍ୱିତୀୟ ଗେମ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଟାଇଟଲ ପାଇଁ ଏହି ଯୋଡି ଏବେ ଫାଇନାଲରେ ଚୀନର ଚେନ୍ ବୋୟାଙ୍ଗ/ଲିୟୁ ୟି କିମ୍ବା ଲିଆଙ୍ଗ ୱେଇକେଙ୍ଗ/ ୱାଙ୍ଗ ଚାଙ୍ଗ୍‌ଙ୍କୁ ଭେଟିବେ। କ୍ୱାର୍ଟର ଫାଇନାଲରେ ଏହି ଭାରତୀୟ ଯୋଡି ଇଣ୍ଡୋନେସିଆର ଲିଓ ରୋଲି କାର୍ଣ୍ଣାଣ୍ଡୋ ଓ ଡାନିଏଲ ମାର୍ଟିନଙ୍କୁ ୨୧-୧୬, ୨୧-୧୪ରେ ପରାସ୍ତ କରି ସେମିକୁ ଉଠିଥିଲେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର